ଧରିତ୍ରୀ 51 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, May 23/2025 | Page 16 | ₹ 7.00
୫୧ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 177 | ମୂଲ୍ୟ₹୭/-



**ଭାରତୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କଲା ପାକିସ୍ତାନ**

ଇସ୍‌ଲାମାବାଦ ସ୍ଥିତ ଭାରତୀୟ ହାଇ କମିଶନର ଜଣେ ଅଧିକାରୀଙ୍କୁ ଗୁରୁବାର ପାକିସ୍ତାନ ବହିଷ୍କାର କରିଛି। ତାଙ୍କୁ ପାକିସ୍ତାନ ସରକାର ଅବାଞ୍ଛିତ ଘୋଷଣା କରିବା ସହ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ହାଇ କମିଶନର ମୁଖ୍ୟଙ୍କୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ଡକାଯାଇ ବୁଧବାର ନୂଆଦିଲ୍ଲୀସ୍ଥିତ ପାକିସ୍ତାନୀ ହାଇ କମିଶନରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କୁ ଭାରତ ସରକାର ବହିଷ୍କାର କରିବା ପରେ ପାକିସ୍ତାନ ପକ୍ଷରୁ ମଧ୍ୟ ସମାନ ପନ୍ଥା ଅବଲମ୍ବନ କରାଯାଇଛି।

# ସିନ୍ଦୂର ଯେବେ ବାରୁଦ ହୁଏ...

## ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ କଡ଼ା ଚେତାବନୀ

## ■ ମୋଦି ଦେଶର ମର୍ଯ୍ୟାଦା ସହ ସାଲିସ କରିଛନ୍ତି: ରାହୁଲ



ବିକାନେର/ନୂଆଦିଲ୍ଲୀ,୨୨।୫

ସିନ୍ଦୂର ଯେତେବେଳେ ବାରୁଦରେ ପରିଣତ ହୁଏ, ସେତେବେଳେ କ'ଣ ସବୁ ଘଟେ ତାହା ଭାରତର ଶତ୍ରୁମାନେ ଜାଣି ସାରିଛନ୍ତି ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ଏହି ଅବସରରେ ନିଜ ପରାକ୍ରମ ବଳରେ ପାକିସ୍ତାନକୁ ଆଣ୍ଠେଇବାକୁ ବାଧ କରିଥିବା ଭାରତୀୟ ସଶସ୍ତ୍ର ବଳକୁ ମଧ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

'ଅପରେଶନ୍ ସିନ୍ଦୂର' ପରେ ରାଜସ୍ଥାନରେ ପ୍ରଥମ ଥର ପାଇଁ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନକୁ କଡ଼ାଭାଷାରେ ନିନ୍ଦା କରିଛନ୍ତି। ପାକିସ୍ତାନ ସୀମା ସଂଲଗ୍ନ ବିକାନେରର ପଲାନାରେ ମୋଦି କହିଛନ୍ତି, ଏପ୍ରିଲ ୨୨ ଆକ୍ରମଣର ପ୍ରତିଶୋଧ ମାତ୍ର ୨୨ ମିନିଟ୍ ଭିତରେ ନିଆଯାଇଥିଲା। ଏଥିରେ ଆତଙ୍କବାଦୀଙ୍କ ୯ ଆଡ୍ଡା ଧ୍ୱଂସ ହୋଇଯାଇଥିଲା। ସିନ୍ଦୂର ବାରୁଦରେ ପରିଣତ ହେଲେ କ'ଣ ହୁଏ ତାହା ବିଶ୍ୱ ଏବଂ ଭାରତର ଶତ୍ରୁମାନେ ଦେଖିଛନ୍ତି। ଏବେ ମୋଦିଙ୍କ ଶିରାପ୍ରଶିରାରେ ରକ୍ତ ନୁହେଁ, ଗରମ ସିନ୍ଦୂର ପ୍ରବାହିତ ହେଉଛି। ପାକିସ୍ତାନକୁ ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣ ପାଇଁ ମୂଲ୍ୟ ଦେବାକୁ ପଡ଼ିବ। ଆତଙ୍କବାଦୀ ଆକ୍ରମଣକୁ ଭାରତର ଜବାବ ପ୍ରତିଶୋଧର ଏକ ଖେଳ ନୁହେଁ, ବରଂ ନ୍ୟାୟର ନୂଆ ରୂପ। ପାକିସ୍ତାନ ସହ ବାଣିଜ୍ୟ ଓ ଆଲୋଚନା ହେବନାହିଁ। କେବଳ ପାକ୍-ଅଧିକୃତ କଶ୍ମୀର (ପିଓକେ) ସମ୍ପର୍କରେ ଆଲୋଚନା ହେବ। ପାକିସ୍ତାନର ଆଣବିକ ଧମକକୁ ନେଇ ଭାରତ ଭୟଭୀତ ହେବ ନାହିଁ। ଆତଙ୍କବାଦୀ ଆକ୍ରମଣ ହେଲେ କେବେ ଓ କିପରି ଭାବେ ଏହାର ମୁହଁତୋଡ଼ ଜବାବ ଦିଆଯିବ ତାହା ଭାରତୀୟ ସେନା ନିର୍ଦ୍ଧାରଣ କରିବ। ଆତଙ୍କବାଦୀ ଓ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ସରକାରଙ୍କୁ ଆମେ ପୃଥକ୍ ଦୃଷ୍ଟିରେ ଦେଖିବୁ ନାହିଁ। ଉଭୟଙ୍କୁ ଗୋଟିଏ ବୋଲି ଧରିବୁ। ଏହା ହେଉଛି 'ଅପରେଶନ୍ ସିନ୍ଦୂର'ର ୩ ସୂତ୍ର।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ପାକିସ୍ତାନ ବିକାନେରର ନାଲ୍ ଏୟାରବେସ୍‌କୁ ଟାର୍ଗେଟ ଉଦ୍ୟମ କରିଥିଲା। କିନ୍ତୁ ଏହାର କିଛି କ୍ଷତି କରିପାରି ନ ଥିଲା। ଅନ୍ୟପକ୍ଷେ ପାକିସ୍ତାନର ରହିମ୍ୟାର ଖାନ୍ ଏୟାରବେସ୍ କେବେ ଖୋଲିବ ତାହା କେହି ଜାଣନ୍ତି ନାହିଁ। ଏହା ଏବେ ଆଇସିୟୁରେ ରହିଛି। ଭାରତୀୟ ସଶସ୍ତ୍ର ବଳର ଆକ୍ରମଣରେ ଏହି ଏୟାରବେସ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ପାକିସ୍ତାନ ଭାରତ ବିରୋଧରେ ପ୍ରତ୍ୟକ୍ଷ ଲଢ଼େଇରେ କେବେହେଲେ ଜିତିପାରିବ ନାହିଁ। ଏଥିଲାଗି ପାକିସ୍ତାନ ସବୁବେଳେ ଭାରତ ବିରୋଧୀ ଲଢ଼େଇରେ ଆତଙ୍କବାଦକୁ ନିଜ ଅସ୍ତ୍ରରେ ପରିଣତ କରିଛି। ପାକିସ୍ତାନ ଭାରତ ଭାଗରେ ପଡୁଥିବା ସିନ୍ଧୁ ନଦୀ ଜଳ ପାଇବ ନାହିଁ। ଆତଙ୍କବାଦୀଙ୍କୁ ସମର୍ଥନ ଜାରି ରଖିଥିବା ପର୍ଯ୍ୟନ୍ତ ପାକିସ୍ତାନୀ ସେନା ଓ ଅର୍ଥନୀତିକୁ ସବୁବେଳେ ଭିକ ମାଗିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ଚେତାଇ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଗୁଜରାଟ ପାଇଁ ଭର୍ଚୁଆଲି ୧୦୩ 'ଅମୃତ ଭାରତ' ଷ୍ଟେଶନ୍‌ର ଲୋକାର୍ପଣ କରିଛନ୍ତି।

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ଭାରତର ମର୍ଯ୍ୟାଦା ସହ ସାଲିସ କରିଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ପାକିସ୍ତାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରି ଜାତୀୟ ସ୍ୱାର୍ଥକୁ ମୋଦି କାହିଁକି ଜଳାଞ୍ଜଳି ଦେଲେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

## ୱାଶିଂଟନ୍ ଇହୁଦୀ ମ୍ୟୁଜିୟମ୍‌ରେ ଗୁଳି

# ଇସ୍ରାଏଲୀ ଦୂତାବାସର ୨ କର୍ମଚାରୀ ନିହତ

ୱାଶିଂଟନ୍,୨୨।୫

ଆମେରିକାର ୱାଶିଂଟନ୍ ଡିସିସ୍ଥିତ କ୍ୟାପିଟାଲ ଇହୁଦୀ ମ୍ୟୁଜିୟମ୍ ବାହାରେ ବୁଧବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଛି। ଜଣେ ବନ୍ଧୁକଧାରୀ 'ପାଲେଷ୍ଟାଇନ୍‌କୁ ମୁକ୍ତକର' ସ୍ଲୋଗାନ ଦେଇ ଆଖିବୁଜା ଗୁଳି ଚଳାଇଛନ୍ତି। ଏହି ଆକ୍ରମଣରେ ଇସ୍ରାଏଲୀ ଦୂତାବାସର ୨ ଜଣ ଷ୍ଟାଫ୍ ମେମ୍ବର ନିହତ ହୋଇଛନ୍ତି। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିଛି। ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଗୁଳିମାଡ଼ରେ ପ୍ରାଣ ହରାଇଥିବା କର୍ମଚାରୀ ଦ୍ୱୟ ୟାରୋନ୍ ଲିସ୍କିନ୍‌ସ୍କାଏ ଏବଂ ସାରାହ ମିଲଗ୍ରିମ୍ ବୋଲି ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ଗିଡେଓନ୍ ସାର ସୂଚନା ଦେଇଛନ୍ତି। ଲିସ୍କିନ୍‌ସ୍କାଏ ଜଣେ ଗବେଷକ ସହାୟକ ହୋଇଥିବାବେଳେ ମିଲଗ୍ରିମ୍ ଇସ୍ରାଏଲକୁ ଗସ୍ତ ଓ ମିଶନଗୁଡ଼ିକର ଆୟୋଜକ ଥିଲେ। ସନ୍ଦିଗ୍ଧ ବ୍ୟକ୍ତି ଜଣକ ୪ ଜଣଙ୍କ ନିକଟକୁ ଯାଇ ଗୁଳି କରିବା ସମୟରେ ଏହି ୨ ଜଣ ଉକ୍ତ ସଂଗ୍ରହାଳୟରୁ ବାହାରୁଥିଲେ। ୩୦ ବର୍ଷୀୟ ସନ୍ଦିଗ୍ଧ ଏଲିଆସ୍ ରୋଡ୍ରିଗୁଏଜ୍ ଶିକାଗୋ ବାସିନ୍ଦା ଗୁଳି ଚଳାଇବା ପୂର୍ବରୁ ମ୍ୟୁଜିୟମ୍ ବାହାରେ ଲୋକଙ୍କ ଗତିବିଧି ଅନୁଧ୍ୟାନ କରିଥିଲେ। କାଣ୍ଡ ଭିଆଇବା ପରେ ସେ ମ୍ୟୁଜିୟମ୍ ଭିତରକୁ ପ୍ରବେଶ କରିଥିଲେ। ସେଠାରେ କାର୍ଯ୍ୟକ୍ରମରେ ନିୟୋଜିତ ସୁରକ୍ଷା କର୍ମୀ ତାଙ୍କୁ କାବୁ କରିନେଇଥିଲେ ବୋଲି ମେଟ୍ରୋପଲିଟାନ୍ ପୋଲିସ ମୁଖ୍ୟ ପାମେଲା ସ୍ମିଥ୍ ଏକ ପ୍ରେସ୍ କନ୍‌ଫରେନ୍ସରେ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ପରେ ଇସ୍ରାଏଲୀ ଦୂତାବାସ ସୁରକ୍ଷା କଡ଼ାକଡ଼ି କରାଯାଇଛି।



ଗିରଫ ସନ୍ଦିଗ୍ଧ ଏଲିଆସ୍ ରୋଡ୍ରିଗୁଏଜ୍

ଇସ୍ରାଏଲ୍ ପକ୍ଷରୁ ଗାଜାରେ ଆଉ ଏକ ବଡ଼ ଆକ୍ରମଣ ଚାଲିବା ପରେ ଏହି ଗୁଳିକାଣ୍ଡ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଏହାର ନିନ୍ଦା କରି କହିଛନ୍ତି, ବର୍ତ୍ତମାନ ଇହୁଦୀ ବିରୋଧୀ ମନୋଭାବ ବନ୍ଦ ହେବା ଜରୁରୀ। ଆମେରିକାରେ ଘୃଣା ବିସ୍ତାରକାରୀ ଓ କଠୋରପନ୍ଥୀଙ୍କ ପାଇଁ କୌଣସି ସ୍ଥାନ ନାହିଁ ବୋଲି ସେ ନିଜ ସୋସିଆଲ ମିଡିଆ 'ଟ୍ରୁଥ୍ ସୋସିଆଲ୍'ରେ ପୋଷ୍ଟ କରିଛନ୍ତି। ସେହିପରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ମଧ୍ୟ ଏହାକୁ ଏକ ଭୟଙ୍କର ଓ ଇହୁଦୀ ବିରୋଧୀ ଗୁଳିକାଣ୍ଡ ବୋଲି ଅଭିହିତ କରିଛି।

ଆକ୍ରମଣକାରୀ ରୋଡ୍ରିଗୁଏଜ୍ ପାର୍ଟି ଫର୍ ସୋସିଆଲିଜମ୍ ଆଣ୍ଡ ଲିବରେଶନ୍ (ପିଏସ୍‌ଏଲ୍) ପାଇଁ କାର୍ଯ୍ୟ କରୁଥିବାବେଳେ ବ୍ଲାକ୍ ଲାଇଭ୍ସ ମ୍ୟାଟର ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିଲେ। ସେ ୨୦୧୭ରେ ତତ୍କାଳୀନ ଶିକାଗୋ ମେୟର ରହମକ୍ ଏମାନ୍ୱେଲଙ୍କ ବାସଭବନ ବାହାରେ ଆୟୋଜିତ ଏକ ବିକ୍ଷୋଭରେ ମଧ୍ୟ ସାମିଲ ଥିଲେ।

## ୬ କୀର୍ତ୍ତିଚକ୍ର, ୩୩ ଶୌର୍ଯ୍ୟଚକ୍ର ପୁରସ୍କାର ଦେଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୨।୫(ପି.ଟି.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କର୍ତ୍ତବ୍ୟରେ ନିୟୋଜିତ ଥିବାବେଳେ ସାହସ ଓ ପରାକ୍ରମ ଦେଖାଇଥିବା ସେନା ଏବଂ ଜମ୍ମୁ-କଶ୍ମୀର ପୋଲିସର ୬ ଯବାନଙ୍କୁ କୀର୍ତ୍ତିଚକ୍ର ପୁରସ୍କାର ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ଦିଆଯାଇଛି। କୀର୍ତ୍ତିଚକ୍ର ହେଉଛି ଭାରତର ଦ୍ୱିତୀୟ ସର୍ବୋଚ୍ଚ ଶାନ୍ତି ଗ୍ୟାଲେଣ୍ଟ୍ରି ପୁରସ୍କାର। ଶିଖ୍ ଲାଇଟ୍ ଇନ୍‌ଫାଣ୍ଟ୍ରିର କଲୋନେଲ ମନ୍‌ପ୍ରୀତ୍ ସିଂଙ୍କ ସହ ରାଷ୍ଟ୍ରୀୟ ରାଇଫଲ୍ସର ଅନ୍ୟ ୨ ଯବାନ ଏବଂ ଜମ୍ମୁ-କଶ୍ମୀର ପୋଲିସର ଜଣେ ଅଧିକାରୀଙ୍କୁ ଏହି ପୁରସ୍କାର ଦିଆଯାଇଥିବା ସରକାରଙ୍କ ପକ୍ଷରୁ ଜାରି ତାଲିକାରୁ ଜଣାପଡ଼ିଛି। ସଶସ୍ତ୍ର ବଳର ସୁପ୍ରିମ କମାଣ୍ଡର ୩୩ ଶୌର୍ଯ୍ୟଚକ୍ର ପୁରସ୍କାର ମଧ୍ୟ ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ବର୍ଗରେ ୭ ଜଣଙ୍କୁ ମରଣୋତ୍ତର ଭାବେ ପୁରସ୍କୃତ କରାଯାଇଥିଲା।

# ମୁକୁଳା ବୁଲୁଛନ୍ତି ଆତଙ୍କବାଦୀ

## ପହଲଗାମ୍ ଆକ୍ରମଣକୁ ମାସେ ବିତିଲା

ପହଲଗାମ୍,୨୨।୫(ପି.ଟି.)

ପହଲଗାମ୍ ବୈସରନ୍‌ରେ ୨୫ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ଘୋଡ଼ାବାଲାଙ୍କୁ ଗୁଳିକରି ହତ୍ୟା କରିବାର ମାସକ ପରେ ମଧ୍ୟ ଆତଙ୍କବାଦୀମାନେ ମୁକୁଳା ବୁଲୁଛନ୍ତି। କଶ୍ମୀର ଉପତ୍ୟକାରେ ସୁରକ୍ଷା ବଳ ପକ୍ଷରୁ ଚାଲିଥିବା ବ୍ୟାପକ ତଲାସି ଅଭିଯାନକୁ ଏଯାଏ ସଫଳତା ମିଳିନାହିଁ। ଏପ୍ରିଲ ୨୨ ଆକ୍ରମଣ ପରଠାରୁ ଅପରେଶନ୍‌ରେ ଅନେକ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ନିହତ ହୋଇଥିଲେ ମଧ୍ୟ ଏହି ଗଣହତ୍ୟା ଭିଆଇଥିବା ଆତଙ୍କବାଦୀମାନେ ସୁରକ୍ଷା ବଳ ଆଖିରେ ଧୂଳି ଦେଇ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ପହଲଗାମ୍ ଆକ୍ରମଣର ତଦନ୍ତ ଭାର ହାତକୁ ନେଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଅଦ୍ୟାବଧି ୧୦୦ରୁ ଅଧିକ ସନ୍ଦିଗ୍ଧଙ୍କୁ ପଚରାଉଚରା କଲାଣି, ଯେଉଁମାନେ କି ଗଣହତ୍ୟାରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଜଡ଼ିତ ଥାଇପାରନ୍ତି। ଜେରାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଫୁଡ୍ ଷ୍ଟଲ୍ ମାଲିକ, ଜିପ୍‌ଲାଇନ୍ ଅପରେଟର ଓ ଘୋଡ଼ାବାଲା ରହିଛନ୍ତି। ଏନ୍‌ଆଇଏ ୩ ଆକ୍ରମଣକାରୀ ଆଦିଲ ହୁସେନ ଠୋକେର(ଅନନ୍ତନାଗ ବାସିନ୍ଦା) ଏବଂ ୨ ପାକିସ୍ତାନୀ ନାଗରିକ ଅଲୀ ଭାଇ ଓରଫ୍ ତଲ୍‌ହା ଭାଇ ଏବଂ ହାସିମ୍ ମୁସା ଓରଫ୍ ସୁଲେମାନ୍‌ଙ୍କ ସ୍କେଚ୍ ଜାରି କରିଥିଲା। ଏମାନଙ୍କୁ ଧରାଇଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇ ବିଭିନ୍ନ ସ୍ଥାନରେ ପୋଷ୍ଟର ମଧ୍ୟ ଲଗାଯାଇଥିଲା। ଆକ୍ରମଣ ଦିନର ପହଲଗାମ୍ ମୋବାଇଲ୍ ଡେଟା ଏବଂ ଭିଡିଓଗୁଡ଼ିକୁ ବିଶ୍ଳେଷଣ କରାଯାଇଛି। ଏହାସତ୍ତ୍ୱେ ହତ୍ୟାକାରୀମାନଙ୍କ ପତ୍ତା ମିଳି ନ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଆକ୍ରମଣରେ ୪ରୁ ୬ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିବା କୁହାଯାଉଛି।

# ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇକୁ ଜାପାନ, ୟୁଏଇର ସମର୍ଥନ



ଟୋକିଓରେ ଜାପାନ ବହିର୍ବ୍ୟାପାର ମନ୍ତ୍ରୀ ତକେଶି ଇୱାୟାଙ୍କ ସହ ଭାରତୀୟ ପ୍ରତିନିଧି ଦଳ।

ଟୋକିଓ/ଆବୁଧାବି,୨୨।୫

ପହଲଗାମ୍ ଆକ୍ରମଣ ପରେ ଭାରତ ପକ୍ଷରୁ କରାଯାଇଥିବା ଅପରେଶନ୍ ସିନ୍ଦୂର ସମ୍ପର୍କରେ ଅବଗତ କରାଇ ପାକିସ୍ତାନର ଆତଙ୍କବାଦୀ ମୁଖା ଖୋଲିବା ପାଇଁ ସର୍ବଦଳୀୟ ପ୍ରତିନିଧି ଦଳ ଜାପାନ ଏବଂ ୟୁଏଇରେ ପହଞ୍ଚିଛନ୍ତି। ଉଭୟ ଦେଶ ଭାରତକୁ ଆତଙ୍କବାଦ ବିରୋଧୀ ଲଢ଼େଇରେ ସମର୍ଥନ କରିଛନ୍ତି। ଜେଡିୟୁ ଏମ୍‌ପି ସଞ୍ଜୟ ଝାଙ୍କ ନେତୃତ୍ୱରେ ଟୋକିଓ ଯାଇଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀକୁ ଜାପାନ ବହିର୍ବ୍ୟାପାର ମନ୍ତ୍ରୀ ତକେଶି ଇୱାୟା ସାକ୍ଷାତ କରିବା ଅବସରରେ ଆତଙ୍କବାଦ ବିରୋଧୀ ଲଢ଼େଇରେ ନିଜ ଦେଶର ସମର୍ଥନ ପ୍ରକାଶ କରିଛନ୍ତି। ସେହିପରି ଶିବସେନା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେଙ୍କ ନେତୃତ୍ୱରେ ଆବୁଧାବି ଗସ୍ତ କରିଥିବା ସଂସଦୀୟ ଦଳକୁ ୟୁଏଇ ପ୍ରତିରକ୍ଷା ବ୍ୟାପାର ଅଧକ୍ଷ ତଥା ଫେଡେରାଲ ନ୍ୟାଶନାଲ କାଉନ୍‌ସିଲର ବହିର୍ବ୍ୟାପାର କମିଟି ମୁଖ୍ୟ ଅଲୀ ରଶିଦ ଅଲ୍ ନୁଆଇମି ଭେଟିଛନ୍ତି। ଆତଙ୍କବାଦ ସାରା ବିଶ୍ୱ ପାଇଁ ଏକ ବିପଦ। ଏହା ବିରୋଧରେ ଅନ୍ତର୍ଜାତୀୟ ସମୁଦାୟ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି।

## ଏୟାରସ୍ପେସ୍ ବ୍ୟବହାର ପାଇଁ ଇଣ୍ଡିଗୋ ପାଇଲଟଙ୍କ ଅନୁରୋଧକୁ ଅଗ୍ରାହ୍ୟ କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ, ୨୨।୫ (ପି.ଟି.)

ଦିଲ୍ଲୀ-ଶ୍ରୀନଗର ଇଣ୍ଡିଗୋ ବିମାନ ୬ଇ୨୧୪୨ ବୁଧବାର ଟର୍ବୁଲାନ୍ସର ଶିକାର ହେବା ପରେ ଶ୍ରୀନଗର ବିମାନବନ୍ଦରରେ ଜରୁରିକାଳୀନ ଅବତରଣ କରିଥିଲା। ଏହି ସମୟରେ ବିମାନର ପାଇଲଟ ଟର୍ବୁଲାନ୍ସକୁ ଏଡ଼ାଇବା ପାଇଁ କିଛି ସମୟ ଲାଗି ପାକିସ୍ତାନୀ ଏୟାରସ୍ପେସର ବ୍ୟବହାର କରିବାକୁ ଲାହୋରର ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ଅନୁମତି ମାଗିଥିଲେ। ତେବେ ପାକିସ୍ତାନ ପକ୍ଷରୁ ଇଣ୍ଡିଗୋ ପାଇଲଟଙ୍କ ଉକ୍ତ ଅନୁରୋଧକୁ ଅଗ୍ରାହ୍ୟ କରି ଦିଆଯାଇଥିଲା।

## ଯବାନ, ୨ ଆତଙ୍କବାଦୀ ମୃତ

ଶ୍ରୀନଗର, ୨୨।୫

ଜମ୍ମୁ-କଶ୍ମୀରର କିସ୍ତୱାରରେ ଗୁରୁବାର ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଜିଲାର ସିଂପୁରା ଅଞ୍ଚଳରେ ୩ରୁ ୪ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ଖବର ମିଳିଥିବାରୁ ସୁରକ୍ଷା ବଳ ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ଅପରେଶନ ତ୍ରାଶି ଆରମ୍ଭ କରାଯାଇଥିଲା। ଅପରେଶନ ଚାଲିଥିବାବେଳେ ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିଚାଳନା ଘଟିଥିଲା। ସୁରକ୍ଷା ବଳ ଏହାର ଜବାବ ଦେଇଥିଲା। ଗୁଳି ବିନିମୟ ବେଳେ ଭାରତୀୟ ସେନାର ଜଣେ ଯବାନଙ୍କର ମୃତ୍ୟୁ ଘଟିଥିଲା।

# ସତ୍ୟପାଲ ମଲିକଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ



ନୂଆଦିଲ୍ଲୀ, ୨୨।୫

ଜମ୍ମୁ-କଶ୍ମୀରର କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ ସହ ଜଡ଼ିତ ଏକ ଭ୍ରଷ୍ଟାଚାର ମାମଲାରେ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ଏବଂ ଅନ୍ୟ ୭ ଜଣଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛି। ମାମଲାରେ ୩ ବର୍ଷ ଧରି ତଦନ୍ତ କରିବା ପରେ ସିବିଆଇ ପକ୍ଷରୁ ଜମ୍ମୁର ଏକ ସ୍ୱତନ୍ତ୍ର କୋର୍ଟରେ ଏହି ଚାର୍ଜଶିଟ ଦାଖଲ କରାଯାଇଛି। ତେବେ ସିବିଆଇର ଚାର୍ଜଶିଟ ଦାଖଲ ପରେ ଅସୁସ୍ଥ ଥିବା ନେଇ ସତ୍ୟପାଲ ଏକ୍ସ'ରେ ପୋଷ୍ଟ କରି କହିଛନ୍ତି। ସେ କହିଛନ୍ତି, ଏବେ ମୁଁ ଅସୁସ୍ଥ ଥିବାରୁ ମେଡିକାଲ୍‌ରେ ଭର୍ତ୍ତି ହୋଇଛି। ତେଣୁ ସିବିଆଇ ଦାଖଲ କରିଥିବା ଚାର୍ଜଶିଟ୍ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିପାରିବି ନାହିଁ। ୨୦୨୨ରେ ଜମ୍ମୁ-କଶ୍ମୀର ସରକାରଙ୍କ ଅନୁରୋଧ କ୍ରମେ ସିବିଆଇ ଏହି ମାମଲାକୁ ଗ୍ରହଣ କରିଥିଲା। ପୂର୍ବରୁ ମାମଲାର ତଦନ୍ତ କରି ସିବିଆଇ ସତ୍ୟପାଲଙ୍କ ଅନେକ ଠିକଣାରେ ଚଢ଼ାଉ କରିଥିଲା। ସତ୍ୟପାଲ ୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିଲେ।






ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ | Bhubaneswar, Friday, May 23/2025 | ପୃଷ୍ଠା-୧




ତାମିଲନାଡୁର ଡିଣ୍ଡିଗୁଲ ଜିଲା କୋଡ଼ାଇକାନାଲସ୍ଥିତ ମାନ୍ନାଭନୁର ହ୍ରଦ ନିକଟରେ ଗୁରୁବାର ଗୁଡ଼ିଉଡ଼ା ପର୍ବ ପାଳନ ବେଳେ ପ୍ରତିଯୋଗୀମାନେ ରଙ୍ଗବେରଙ୍ଗର ଗୁଡ଼ି ଉଡ଼ାଉଛନ୍ତି।

# ‘ଇଡି ସବୁ ସୀମା ଲଙ୍ଘୁଛି’

- ତାମିଲନାଡୁରେ ମଦ ଦୋକାନ ଲାଇସେନ୍ସ ପ୍ରଦାନରେ ୧,୦୦୦ କୋଟିର ଦୁର୍ନୀତି
- ଟିଏଏସ୍ଏମ୍ଏସି ବିରୋଧରେ ପିଏମ୍ଏଲ୍ଏ ତଦନ୍ତ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**ନୂଆଦିଲ୍ଲୀ,୨୨।୫**



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସବୁ ସୀମା ଲଂଘୁଛି ଏବଂ ଶାସନର ସଂଘୀୟ ବିଚାରଧାରାର ଉଲ୍ଲଂଘନ କରୁଛି ବୋଲି କହି ଗୁରୁବାର ସୁପ୍ରିମକୋର୍ଟ କେନ୍ଦ୍ରୀୟ ଏଜେନ୍ସିକୁ ଭର୍ତ୍ସନା କରିଛନ୍ତି। ତାମିଲନାଡୁ ସରକାର ପରିଚାଳିତ ଲିକର ରିଟେଲର ଟିଏଏସ୍ଏମ୍ଏସି ପକ୍ଷରୁ ମଦ ଦୋକାନ ଖୋଲିବା ଲାଇସେନ୍ସରେ ଦୁର୍ନୀତି ଅଭିଯୋଗର ମନିଲଣ୍ଡରିଂ ତଦନ୍ତ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଜାରି କରିବା ସହ ଇଡିକୁ ନୋଟିସ କରିଛନ୍ତି।

ତାମିଲନାଡୁ ସରକାର ଏବଂ ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେଶନ୍ (ଟିଏଏସ୍ଏମ୍ଏସି) ପକ୍ଷରୁ ଦାଖଲ ପିଟିଶନର ଶୁଣାଣିକରି ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମନୀଷଙ୍କ ଖଣ୍ଡପୀଠ ମନିଲଣ୍ଡରିଂ ନିରୋଧୀ ତଦନ୍ତକାରୀ ସଂସ୍ଥା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କୁ କହିଛନ୍ତି, ଆପଣଙ୍କ ଇଡି ସବୁ ସୀମା ଲଂଘୁଛି। ଇଡି ଶାସନର ସଂଘୀୟ ବିଚାରଧାରାକୁ ଉଲ୍ଲଂଘନ କରୁଛି। ଟିଏଏସ୍ଏମ୍ଏସି ବିରୋଧରେ ବର୍ତ୍ତମାନ ଇଡି ତଦନ୍ତ ଚାଲିବ ନାହିଁ। ରାଜୁ ଏହାକୁ ବିରୋଧ କରି କହିଥିଲେ, ୧,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏହି ଦୁର୍ନୀତି ପ୍ରସଙ୍ଗରେ ତଦନ୍ତ ବେଳେ ଇଡି କୌଣସି ସୀମା ଲଂଘିନାହିଁ। ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅମିତ୍ ଆନନ୍ଦ ତିୱାରୀ ଯୁକ୍ତି ବାଢ଼ିଥିଲେ, ୨୦୧୪ରୁ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ ସମ୍ପର୍କିତ ଅନିୟମିତତା ଅଭିଯୋଗରେ ତାମିଲନାଡୁ ସରକାର ନିଜେ ୪୦ରୁ ଅଧିକ ମାମଲାରେ ଏଫ୍ଆଇଆର୍ ରୁଜୁ କରିଛନ୍ତି। ଏବେ ଇଡି ଏହା ଭିତରେ ମୁଣ୍ଡ ପୂରାଇବା ସହ ଟିଏଏସ୍ଏମ୍ଏସି ଉପରେ ଚଢ଼ାଉ କରୁଛି। ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରୋହତ୍‌ଗୀ ମଧ ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରି କହିଥିଲେ, ଇଡି ଟିଏଏସ୍ଏମ୍ଏସି ଅଧିକାରୀମାନଙ୍କ ଫୋନ୍‌ଗୁଡ଼ିକୁ କ୍ଲୋନ୍ କରି ସେମାନଙ୍କ ପ୍ରିଭେସିର ଉଲ୍ଲଂଘନ କରୁଛି, ଯାହାକି କୋର୍ଟ ନିର୍ଦ୍ଧାରିତ ଗାଇଡ୍‌ଲାଇନ୍‌ର ପରିପନ୍ଥୀ। ଏହା ଶୁଣିବା ପରେ ଖଣ୍ଡପୀଠ ପ୍ରଶ୍ନ କଲେ ଇଡି କିପରି ଭାବେ ସରକାର ପରିଚାଳିତ ଟିଏଏସ୍ଏମ୍ଏସି ଉପରେ ଚଢ଼ାଉ କରୁଛି।

ପ୍ରକାଶ ଯେ, ଏପ୍ରିଲ ୬ରୁ ୮ ମଧ୍ୟରେ ଇଡି ଟିଏଏସ୍ଏମ୍ଏସି ମୁଖ୍ୟାଳୟରେ ଚଢ଼ାଉ କରିବା ସହ କର୍ପୋରେଶନ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରିଥିଲା। ଏହା ବିରୋଧରେ ଟିଏଏସ୍ଏମ୍ଏସି ମାଡ୍ରାସ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏପ୍ରିଲ ୨୩ରେ ହାଇକୋର୍ଟ ଟିଏଏସ୍ଏମ୍ଏସିର ଆବେଦନକୁ ଖାରଜ କରିବା ସହ ଇଡିକୁ ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅଧୀନରେ କାର୍ଯ୍ୟାନୁଷ୍ଠାନ ଅନୁମତି ଦେଇଥିଲେ। ଇଡି ଚଢ଼ାଉକୁ ତାମିଲନାଡୁର ଡିଏମ୍‌କେ ସରକାର ଏବଂ ଟିଏଏସ୍ଏମ୍ଏସି ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

# ରେଙ୍ଗାଲି ଡ୍ୟାମ୍‌ରେ ବୁଡ଼ି ମା’, ୨ ପୁଅ ମୃତ

**ଦେବଗଡ଼,୨୨।୫ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ତଲେଇସର ଗ୍ରାମ ନିକଟ ରେଙ୍ଗାଲି ଡ୍ୟାମ୍‌ରେ ବୁଧବାର ରାତିରେ ଦେଶୀ ଡଙ୍ଗା ଓଲଟି ମା’ ଓ ୨ ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ବାପା ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମୃତକ ହେଲେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ପୁଡାଡିହି ଗ୍ରାମର ଜ୍ୟୋତ୍ସ୍ନା ପେଣ୍ଟେଇ ଓ ତାଙ୍କ ୨ ପୁଅ ଆୟୁଷ(୬), ରିୟାଂଶ(୪)। ମିଳିଥିବା ସୂଚନା ଅନୁଯାୟୀ, ସବୁଦିନ ଭଳି ବୁଧବାର ରାତିରେ ୨ ପୁଅ, ସ୍ତ୍ରୀଙ୍କୁ ନେଇ ପୁଡାଡିହି ଗ୍ରାମର ବୁଲୁ ପେଣ୍ଟେଇ ଏକ ଦେଶୀ ଡଙ୍ଗାରେ ରେଙ୍ଗାଲି ଡ୍ୟାମ୍‌କୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରିବା ପାଇଁ ଜାଲ ପକାଉଥିବାବେଳେ ହଠାତ୍ ଜୋର୍‌ରେ ପବନ ହେବାରୁ ଡଙ୍ଗା ଓଲଟି ପଡ଼ିଥିଲା। ଫଳରେ ସେମାନେ ପାଣିରେ ବୁଡ଼ି ଯାଇଥିଲେ। କିଛି ଘଣ୍ଟା ପରେ ୨ ପୁଅଙ୍କ ମୃତଦେହକୁ ବୁଲୁ ପାଣିରୁ ଉଦ୍ଧାର କରିଥିଲେ। ହେଲେ ଜ୍ୟୋତ୍ସ୍ନାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ ରିଆମାଳ ଅଗ୍ନିଶମ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ଜ୍ୟୋତ୍ସ୍ନାଙ୍କ ମୃତଦେହ କିଛି ଦୂରରେ ଥିବା ଏକ ଜାଲରେ ଛନ୍ଦି ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରି କୂଳକୁ ଆଣିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବୁଲୁଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଦେବଗଡ଼ ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ମତ୍ସ୍ୟ ଅଧିକାରୀ ଏବଂ ରିଆମାଳ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ଦିଆଯିବ ବୋଲି ଉପଜିଲାପାଳ କହିଛନ୍ତି।

# ଭୁବନେଶ୍ୱରରେ ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର, ୨୨।୫ (ବନ୍ଦନା ସେଠୀ)**



ପୁଣି ଫେରିଲା କରୋନା। ରାଜଧାନୀ ଭୁବନେଶ୍ୱରରୁ ବୁଧବାର ରାତିରେ ଜଣେ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ୭୫ ବର୍ଷୀୟ ବୃଦ୍ଧ ହୋଇଥିବାବେଳେ ସେ ଦିଲ୍ଲୀଫେରନ୍ତା ବୋଲି ଜଣାପଡ଼ିଛି। ଚଳିତବର୍ଷ ରାଜ୍ୟରେ ଏହା ପ୍ରଥମ ଘଟଣା ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି। ତେବେ କରୋନାକୁ ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍. ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ମାଇଲ୍ଡ ଭାରିଏଣ୍ଟ, ବ୍ୟାପିବା ସମ୍ଭାବନା କମ୍। ରାଜ୍ୟ ସରକାର କୋଭିଡ୍ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଓ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ତେଣୁ କେହି ବ୍ୟସ୍ତ ହୁଅନ୍ତୁ ନାହିଁ। ଆକ୍ରାନ୍ତ ବ୍ୟକ୍ତି ଜଣକ ବହୁବିଧ ରୋଗରେ ପୀଡ଼ିତ ଅଛନ୍ତି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ଏବଂ ସେ ସଙ୍ଗରୋଧରେ ଅଛନ୍ତି। ୨୦୨୦-୨୧ରେ କୋଭିଡ୍ ନିୟନ୍ତ୍ରଣ ପରଠାରୁ ଦେଶର ବିଭିନ୍ନ ରାଜ୍ୟରେ କାଁ ଭାଁ କୋଭିଡ୍ ଲକ୍ଷଣ ଥିବା ରୋଗ ଦେଖାଦେଉଛି। ଏହି ରୋଗର ଭୟାବହତାକୁ ପୂର୍ଣ୍ଣ ନିୟନ୍ତ୍ରଣରେ ରଖାଯାଇଛି। ଜନସାଧାରଣଙ୍କ ଟିକାକରଣ ଏବଂ ନିରନ୍ତର ସରକାରୀ ପ୍ରଚେଷ୍ଟା ଯୋଗୁ ଓଡ଼ିଶାରେ କୋଭିଡ୍ ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ସେହିପରି କୋଭିଡ୍ ଲକ୍ଷଣ ଥିବା ରୋଗ ସାମ୍ନାକୁ ଆସିଲେ, ସେସବୁ କେସ୍‌କୁ ନିର୍ଦ୍ଧାରିତ ପ୍ରୋଟୋକଲ୍ ଅନୁଯାୟୀ ଚିକିତ୍ସା କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

# କୋଟିଆ ପାଇଁ ୧୬ ଜଣିଆ କମିଟି

## ରାଜସ୍ୱ ମନ୍ତ୍ରୀ ଅଧ୍ୟକ୍ଷ

**ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)**

କୋଟିଆ ବିବାଦ ପ୍ରସଙ୍ଗକୁ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅଧ୍ୟକ୍ଷ ଥିବାବେଳେ ମୋଟ ୧୬ ଜଣ କମିଟିରେ ରହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ କମିଟିର ଆବାହକ ତଥା ସଦସ୍ୟ ରହିଛନ୍ତି। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ଏସ୍‌ସି, ଏସ୍‌ଟି ବିଭାଗ, ଗ୍ରାମ୍ୟ ଉନ୍ନୟନ, ଶ୍ରମ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଓଡ଼ିଶା ଭାଷା, ସଂସ୍କୃତି ବିଭାଗ, ଆଇନ, ବିଦ୍ୟାଳୟ ଓ ଗଣଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ବିଭାଗ ସଚିବ, ଆର୍‌ଡିସି ବ୍ରହ୍ମପୁର, ଦକ୍ଷିଣାଞ୍ଚଳ ଡିଆଇଜି, କୋରାପୁଟ ଜିଲାପାଳ ଏବଂ ଏସ୍‌ପିଙ୍କୁ କମିଟିରେ ସଦସ୍ୟ ଭାବେ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ଏକ କମିଟି ଗଠନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ସେହି କ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁରୁବାର ଏହି କମିଟି ଘୋଷଣା କରାଯାଇଛି।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ୍‌ର କୋଟିଆ ଗ୍ରାମପଞ୍ଚାୟତକୁ ସ୍ୱତନ୍ତ୍ର ଦୃଷ୍ଟିଦେଇ ସେଠାରେ ଯେପରି ସବୁ ପ୍ରକାର ସରକାରୀ ସୁବିଧା ଏକ ପ୍ରଶାସନିକ ବ୍ୟବସ୍ଥା ଭିତରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। କୋଟିଆ ଗ୍ରାମପଞ୍ଚାୟତର ବିକାଶ ଲାଗି ଗୋଟିଏ ଏଜେନ୍ସି ଦ୍ୱାରା ସବୁ ପ୍ରକାର ସରକାରୀ ସୁବିଧା ସେଠାକାର ବାସିନ୍ଦାଙ୍କୁ ଯୋଗାଇ ଦିଆଯିବ। ଏହାର ଦାୟିତ୍ୱ ଜଣେ ଓଏଏସ୍ କିମ୍ବା ଓଆର୍‌ଏସ୍ ଅଫିସରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯାଇ କରାଯିବ। ସେଠାରେ ଓଡ଼ିଆ ଭାଷା, ସଂସ୍କୃତି, ପର୍ବ ଭଲ ଭାବେ ପାଳନ କରାଯିବ। ସେଠାକାର ଲୋକଙ୍କୁ କିପରି ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଇପାରିବ ଏବଂ ଅର୍ଥ ବ୍ୟବସ୍ଥା କିପରି ହେବ, ସୀମାନ୍ତବର୍ତ୍ତୀ ରାଜ୍ୟ କେଉଁ ସୁବିଧା ଦେଉଛନ୍ତି ତା’ର ତର୍ଜମା ରାଜ୍ୟସ୍ତରୀୟ କମିଟି କରିବ ବୋଲି କୁହାଯାଇଛି।

# ନିଜସ୍ୱ ଉଦ୍ୟମରେ ମିଷ୍ଟର ବିଷ୍ଟ ସର୍ବକନିଷ୍ଠ ବିଲିୟନେୟାର

**ୱାଶିଂଟନ, ୨୨।୫**




ମିଷ୍ଟର ବିଷ୍ଟ ଭାବେ ପରିଚିତ ପ୍ରସିଦ୍ଧ ଆମେରିକୀୟ ୟୁଟ୍ୟୁବର ଜିମି ଡୋନାଲ୍ଡସନ୍ ମାତ୍ର ୨୭ ବର୍ଷ ବୟସରେ ନିଜ ଉଦ୍ୟମରେ ବିଲିୟନେୟାର ହୋଇପାରିଛନ୍ତି। ସେଲିବ୍ରିଟି ନେଟ୍ ୱର୍ଥର ରିପୋର୍ଟ ଅନୁଯାୟୀ, ଏହି ଆମେରିକୀୟ କଣ୍ଟେଣ୍ଟ କ୍ରିଏଟରଙ୍କ ସମ୍ପତ୍ତି ୧ ବିଲିୟନ ଡଲାର (ପ୍ରାୟ ୮,୩୫୦ କୋଟି ଟଙ୍କା) ଛୁଇଁଛି। ଏହାସହ ସେ ନିଜସ୍ୱ ପ୍ରଚେଷ୍ଟାରେ ବିଶ୍ୱର ସର୍ବକନିଷ୍ଠ ବିଲିୟନେୟାର ହୋଇଛନ୍ତି। ମିଷ୍ଟର ବିଷ୍ଟ ୩୦ ବର୍ଷରୁ କମ୍ ବୟସର ବିଶ୍ୱର ଏକମାତ୍ର ସେଲ୍ଫ ମେଡ୍ ବିଲିୟନେୟାର ହୋଇଥିବା ନେଇ ସେଲିବ୍ରିଟି ନେଟ୍ ୱର୍ଥର ରିପୋର୍ଟରେ ପ୍ରକାଶ ପାଇଛି। ମିଷ୍ଟର ବିଷ୍ଟଙ୍କ ଏହି ସମ୍ପତ୍ତି ତାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ମିଳିନାହିଁ ବରଂ ସେ ନିଜ ପରିଶ୍ରମ ବଳରେ ହାସଲ କରିଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ୟୁଟ୍ୟୁବ୍‌ରେ ୩୯୯ ମିଲିୟନ ଫଲୋଅର୍ସ ଥିବା ମିଷ୍ଟର ବିଷ୍ଟ ପ୍ରତି ମାସରେ ପ୍ରାୟ ୫୦ ମିଲିୟନ ଡଲାର ରୋଜଗାର କରନ୍ତି। ସେ ବିଶ୍ୱର ଅଷ୍ଟମ ସର୍ବକନିଷ୍ଠ ବିଲିୟନେୟାର ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି। ମିଷ୍ଟର ବିଷ୍ଟ ୧୯୯୮ ମସିହା ମେ’ ୭ରେ ଉତ୍ତର କାରୋଲିନା ରାଜ୍ୟର ଗ୍ରୀନ୍‌ଭିଲେ ସହରରେ ଜନ୍ମ ହୋଇଥିଲେ। ୨୦୧୦ରେ ମାତ୍ର ୧୨ ବର୍ଷ ବୟସରେ ସେ ‘ମିଷ୍ଟର ବିଷ୍ଟ ୬୦୦୦’ ନାମରେ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଥିଲେ। ୨୦୧୬ରେ ଗ୍ରୀନ୍‌ଭିଲେ ଖ୍ରୀଷ୍ଟିଆନ୍ ଏକାଡେମୀରୁ ସ୍ନାତକ ହାସଲ ପରେ ସେ ଉଚ୍ଚ ଶିକ୍ଷାରେ ନିଜକୁ ନିୟୋଜିତ ନ କରି କଣ୍ଟେଣ୍ଟ କ୍ରିଏଶନ ଉପରେ ଧ୍ୟାନ ଦେଇଥିଲେ। ପ୍ରଥମେ ସେ ଗେମ୍ କମେଣ୍ଟ୍ରି, ରିଆକ୍ସନ ଭିଡିଓ ଆଦିକୁ ନେଇ ୟୁଟ୍ୟୁବ୍‌ରେ ଭିଡିଓ କରୁଥିଲେ। ୨୦୧୭ରେ ତାଙ୍କ ‘କାଉଣ୍ଟିଂ ଟୁ ୱାନ୍ ଲାଖ୍’ ଭିଡିଓ ଭାଇରାଲ ହୋଇଥିଲା, ଯାହା ତାଙ୍କୁ ପ୍ରସିଦ୍ଧି ଦେଇଥିଲା। ଏହାପରଠାରୁ ତାଙ୍କ ଫଲୋଅର୍ସ ଏବଂ ୟୁଟ୍ୟୁବ୍ ଚ୍ୟାନେଲ ସବ୍‌ସ୍କ୍ରିପ୍ସନ ସଂଖ୍ୟା କ୍ଷିପ୍ରଗତିରେ ବଢ଼ିଥିଲା। ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ବିଭିନ୍ନ ଷ୍ଟଣ୍ଟ, ପ୍ରତିଯୋଗିତାମୂଳକ ଚ୍ୟାଲେଞ୍ଜ ଆଦିକୁ ନେଇ ଭିଡିଓ ପ୍ରସ୍ତୁତ କରିଥାନ୍ତି। ଏହି ପ୍ରତିଯୋଗିତାଗୁଡ଼ିକରେ ବିଜେତାଙ୍କ ପାଇଁ ସେ ବିଭିନ୍ନ ନଗଦ ପୁରସ୍କାର ରାଶି ଏବଂ ଉପହାର ଘୋଷଣା କରିଥାନ୍ତି।




## ଗୁଳି ବିନିମୟରେ କୋବ୍ରା କମାଣ୍ଡୋ, ମାଓବାଦୀ ମୃତ

ରାୟପୁର,୨୨।୫(ପି.ଟି.): ଛତିଶଗଡ଼ର ବିଜାପୁରରେ ଗୁରୁବାର ମାଓବାଦୀ ବିରୋଧୀ ଅଭିଯାନ ଚାଲିଥିବାବେଳେ ଗୁଳି ବିନିମୟ ଘଟି କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ଜଣେ କୋବ୍ରା କମାଣ୍ଡୋ ଏବଂ ଜଣେ ମାଓବାଦୀଙ୍କର ମୃତ୍ୟୁ ଘଟିଛି। ଉସୁର ଥାନା ତୁମ୍ରେଲ ଅଞ୍ଚଳରେ ମାଓବାଦୀ ଲୁଚିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ଗୁରୁବାର ସେଠାରେ ସିଆର୍‌ପିଏଫ୍ କୋବ୍ରା ୟୁନିଟର ୨୧୦ତମ ବାଟାଲିୟନ ଏବଂ ଛତିଶଗଡ଼ ପୋଲିସର ଡିଆର୍‌ଜି ଏବଂ ଏସ୍‌ଟିଏଫ୍ ଜବାନଙ୍କ ପକ୍ଷରୁ ମାଓବାଦୀ ବିରୋଧୀ ଅପରେଶନ ଆରମ୍ଭ କରାଯାଇଥିଲା। ଗୁଳି ବିନିମୟ ବେଳେ କୋବ୍ରା କମାଣ୍ଡୋ କନ୍‌ଷ୍ଟେବଲ ମେହୁଲ ସୋଲାଙ୍କିଙ୍କ ମୃତ୍ୟୁ ଘଟିଛି। ଗୁଳି ବିନିମୟରେ ଜଣେ ପୁରୁଷ ମାଓବାଦୀ ନିହତ ହୋଇଛନ୍ତି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ୧୧ତମ ଭୁବନେଶ୍ୱର ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାରର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- ତ୍ରିଧାରା ପକ୍ଷରୁ ଓଡ଼ିଶୀସନ୍ଧ୍ୟା 'ଦେବସ୍ମୃତି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସଂଭାବନା ପକ୍ଷରୁ ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତା ଅଭିଯାନର ତ୍ରିଂଶବର୍ଷ ଅବସରରେ 'ଓଡ଼ିଶା: ଆଜି ଓ କାଲିର– ଐତିହ୍ୟ, ଇତିହାସ ଓ ପର୍ଯ୍ୟଟନ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ବ୍ୟଥା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

### କଟକ
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପନ, ସ୍ଥାନ: ଶଙ୍ଖାମେରୀ ଗ୍ରାମ (କପାପଦା ସାହି ), ବଡ଼ମ୍ବା ସମୟ: ସନ୍ଧ୍ୟା ୭ଟା।

### ପୁରୀ
- ସାକ୍ଷୀଗୋପାଳଙ୍କ ଜଳ କ୍ରୀଡ଼ା ବେଶ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

### ବାଲେଶ୍ୱର
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବାରାପାଳ, ରୂପସା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ଆଧ୍ୟାତ୍ମିକ ୩୨ ବେଶର ୨ୟ ଦିବସରେ ଯଜ୍ଞ, ନୀତିକାନ୍ତି ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ପ୍ରବଚନ, ସ୍ଥାନ: ନିଶନପୁର ଗ୍ରାମ ମନ୍ଦିର, ଭୋଗରାଇ, ସମୟ: ସକାଳରୁ ରାତି ପର୍ଯ୍ୟନ୍ତ।
- ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖ, ନୀଳଗିରି, ସମୟ: ସକାଳ ୭ଟା।
- ନୟାଖଣ୍ଡି, କଇଥଗଡ଼ିଆ ଓ ଗଡ଼ପୋଖାରୀ ପଞ୍ଚାୟତବାସୀଙ୍କ ସୋର – କୁପାରୀ ରାସ୍ତା ଅବରୋଧ, ସ୍ଥାନ: ତୋରାଣିପଦା ଛକ, ଖଇରା, ସମୟ: ସକାଳ ୭ଟା ୩୦।
- ମାଟ୍ରିକ ପରୀକ୍ଷା ଏ୧ ଛାତ୍ରୀଛାତ୍ରଙ୍କ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବିଜୟ କୁମାର ଏକାଡେମୀ, ସୋହରିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ପଞ୍ଚଦଶ ଜଉକଣ୍ଢେଇ ବାହାଘର ଉତ୍ସବ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

### ଭଦ୍ରକ
- ଟେନିକଏଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ, ସ୍ଥାନ: ପିଏମଶ୍ରୀ ବିନ୍ଦୁମାଧବ ବାଗୁରାଇ ଉଚ୍ଚବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ନିର୍ବାଚନ ମଣ୍ଡଳୀ ଉନ୍ନୟନ ପରିଷଦ ବୈଠକ, ସ୍ଥାନ: ବ୍ଲକ କନଫରେନ୍ସ ହଲ, ବାସୁଦେବପୁର, ସମୟ: ସକାଳ ୯ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କଲେଜ ଛକ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

### ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ନହରପଦା ୱାର୍ଡ ନଂ. ୧୬, ବାରିପଦା, ସମୟ: ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

### ବ୍ରହ୍ମପୁର
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେ.ସି. ପବ୍ଲିକ ସ୍କୁଲ, ଟାଟା ବେଞ୍ଜ ଛକ, ସମୟ: ସକାଳ ୭ଟା ୩୦।
- ସବୁଜ ବାହିନୀ ପକ୍ଷରୁ ବିଶ୍ୱ କଇଁଛ ଦିବସ ପାଳନ, ସ୍ଥାନ: ସୁନାପୁର ବେଳାଭୂମି, ସମୟ: ଅପରାହ୍ନ ୨ଟା।

### ଗଞ୍ଜାମ
- ମେଗା ରକ୍ତଦାନ ଶିବିର,ସ୍ଥାନ: ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଆସିକା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ପାତ୍ରପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ, ସ୍ଥାନ: ବୁଗୁଡା ପଞ୍ଚାୟତ ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

### ଢେଙ୍କାନାଳ
- କାମାକ୍ଷାନଗର ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସ ଶୁଭ ଉଦଘାଟନ, ସ୍ଥାନ: ମୁଣ୍ଡିଦେଉଳି ଉପ୍ରା ବିଦ୍ୟାଳୟ, କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୧ଟା।
- ବୈଶାଖୀ ମହୋତ୍ସବ ଉଦଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

### କେନ୍ଦ୍ରାପଡ଼ା
- ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ମହାସଂଘ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ଭାଗବତ କଥା ଆଲୋଚନା, ସ୍ଥାନ: ଅନନ୍ତ ବଳିଆ ଭବନ, କେନ୍ଦ୍ରାପଡ଼ା ଲ' କଲେଜ ନିକଟ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।

### ଯାଜପୁର
- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ପାଇଁ ଅନଲାଇନ ପଞ୍ଜୀକରଣ, ସ୍ଥାନ: ଜନଶୁଣାଣୀ ପୋର୍ଟାଲ, ସମୟ: ପୂର୍ବାହ୍ନ ୧୧ଟା।

### ନୟାଗଡ଼
- ରୁକ୍ମିଣୀ ବିବାହ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

### ରାୟଗଡ଼ା
- ଜିଲା ଭାଜପା କୃଷକ ମୋର୍ଚ୍ଚା ତରଫରୁ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଚାଷୀଙ୍କ ସହ ଆଲୋଚନା, ସ୍ଥାନ: ବି. ନାରାୟଣ ପୁର,ରାୟଗଡା, ସମୟ: ସକାଳ ୮ ଟା।
- ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବ୍ଲକ ଅଫିସ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀଙ୍କୁ ଉଦ୍‌ବୋଧନ କାର୍ଯ୍ୟକ୍ରମ,
- ସ୍ଥାନ: ରାୟଗଡା ମ୍ୟୁନିସିପାଲିଟି ବିଜୁ ପଟ୍ଟନାୟକ ଅଡିଟୋରିୟମ,ସମୟ: ପୂର୍ବାହ୍ନ ୧୧ଟା।
- ରଣନୈତିକ ବିକ୍ରୟ ଦକ୍ଷତା, ବୃତ୍ତିଗତ ବ୍ୟାଙ୍କିଙ୍ଗ ଏବଂ ବୀମା ସଶକ୍ତିକରଣ ଆଧାରିତ
- ପରିଚାଳନା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ: ସକାଳ ୭ଟା।
- ବଡବଜାର ଶ୍ରୀଶ୍ରୀ ଶିତଳେଶ୍ୱର ବାବା ଏବଂ ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା ଶିତଳଷଷ୍ଠୀ ଯାତ୍ରା କମିଟିର ବୈଠକ, ସ୍ଥାନ : ବଡବଜାର ସ୍ଥିତ ଗୋକୁଳ କଲ୍ୟାଣ ମଣ୍ଡପ, ସମୟ ପୂର୍ବାହ୍ନ ୧୧ଟା ୩୦।

### ବଲାଙ୍ଗୀର
- ଜିଲାସ୍ତରୀୟ ରବି ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ, ସ୍ଥାନ: ଭାଲେର ପାକ୍ସ, ଭାଲେର, ପୁଇଁତଲା ବ୍ଲକ, ସମୟ: ସକାଳ ୯ଟା।

### ରାଉରକେଲା
- ମ୍ୟାଙ୍ଗୋ ଭେଲ୍ୟୁ ଏଡେଡ୍ ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ଓରମାସ୍, ସମୟ: ସକାଳ ୮ଟା।
- ଜ୍ଞାନକୌଶଳ ବ୍ୟବହାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସକାଳ ୯ଟା।
- ଭାଗବତ ପାରାୟଣ, ସ୍ଥାନ: ହନୁମାନ ବାଟିକା, ସମୟ: ସନ୍ଧ୍ୟା ୬ଟା ୩୦
- ସ୍ୱେରେଜ ଅବ୍ୟବସ୍ଥା ନେଇ କମିଶନରଙ୍କୁ ଫେରାଦ, ସ୍ଥାନ: ଆର୍‌ଏମ୍‌ସି ପ୍ରେକ୍ଷାଳୟ, ସମୟ: ସକାଳ ୧୧ଟା ୩୦।
- ଦିବଂଗତ ସମାଜସେବୀଙ୍କ ସ୍ମୃତିସଭା, ସ୍ଥାନ: ବିର୍ସାମୁଣ୍ଡା ହାଇସ୍କୁଲ, ସମୟ: ସନ୍ଧ୍ୟା ୬ଟା।

### ସୁନ୍ଦରଗଡ଼
- ବାଲ୍ୟବିବାହ ନିଷେଧ ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ସମୟ: ସକାଳ ୮ଟା।

### ବରଗଡ଼
- ଗ୍ରୀଷ୍ମ ଶିବିର, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼, ସମୟ: ସକାଳ ୮ଟା
- ଧନୁଯାତ୍ରା ଉପଦେଷ୍ଟା, କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ନ ୧ଟା
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ନଦୀପଡ଼ା(ଅଲେଖ ମନ୍ଦିର), ବରଗଡ଼, ସମୟ: ଅପରାହ୍ନ ୫ଟା।

### ସୁବର୍ଣ୍ଣପୁର
- ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସମୀକ୍ଷା ବୈଠକ, ସ୍ଥାନ: ସୁବର୍ଣ୍ଣପୁର ସର୍କିଟ୍ ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ଅଙ୍ଗନୱାଡ଼ି କେନ୍ଦ୍ର ଲୋକାର୍ପଣ, ୬୩ଟି ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା ହାଟପଦା କ୍ଲବ, ସମୟ: ସନ୍ଧ୍ୟା ୬ଟା।

### ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ସକାଳ ୯ଟା ୧୦।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ବୈଠକି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ଅପରାହ୍ନ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ସକାଳ ୮ଟା ୪୫।
- ଭାଜପା ପକ୍ଷରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଛକଠାରୁ ନୂଆପଡ଼ା ପୋଲିସ ପଡିଆ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମଙ୍ଗଳ ନୀଚ ରାଶିରେ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସଙ୍କୁଚିତ ମନେକରିବେ। ଏକାଦଶସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଉନ୍ନତ ହେବ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗି ନ ପାରେ। ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହୋଇପାରନ୍ତି।

**ବୃଷ** ଶୁକ୍ର ଏକାଦଶରେ ମିତ୍ରଯୁକ୍ତ ହେତୁ ଘର ସକାଶେ ଆବଶ୍ୟକ ବିଳାସୋପକରଣ କ୍ରୟ କରିବେ। ଜମିଜମା କିମ୍ବା ଯାନ୍ତ୍ରିକ ମରାମତି କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। ବନ୍ଧୁମାଙ୍କ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ସମସ୍ୟାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ସହକର୍ମୀ ସହଯୋଗର ହାତ ବଢ଼ାଇବାର ସମ୍ଭାବନା ରହିଛି।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରୁ ଯାହା ନିଷ୍ପତ୍ତି ନେବେ ତାହା ନିର୍ବିବାଦରେ ଗ୍ରହଣଯୋଗ୍ୟ ହେବ। କର୍ମକ୍ଷେତ୍ରରେ ମିତ୍ରମାନେ ପୂର୍ବ ଶତ୍ରୁତା ସ୍ମରଣ କରି ଅସହଯୋଗ କରିପାରନ୍ତି। ବିବାଦୀୟ ପରିସ୍ଥିତି ତଥା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ପରିଲକ୍ଷିତ ହେବ। ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଭାବେ ସୁଫଳ ପାଇବେ।

**କର୍କଟ** କର୍ମଜଞ୍ଜାଳ ବୃଦ୍ଧିରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧପ୍ରକାଶ କରିବେ। ଆପଣ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହାକି ଅଶାନ୍ତି ସୃଷ୍ଟି କରିପାରେ। କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି।

**ସିଂହ** ରାଶ୍ୟାଧିପ କର୍ମସ୍ଥ ହେତୁ ବିବାଦୀୟ ଘଟଣାର ସମାଧାନ କରିବାରେ ସଫଳ ହେବେ। ଆଜି ଆପଣ ଯାହା ପାଇବେ ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ମାଙ୍ଗଳିକ ଉତ୍ସବ ନିମନ୍ତେ ଆତ୍ମୀୟଙ୍କ ପରାମର୍ଶ କ୍ରମେ ପ୍ରସ୍ତୁତିରେ ଲାଗିପଡ଼ିବେ।

**କନ୍ୟା** ରାଶିରେ କେତୁଙ୍କ କୁପ୍ରଭାବରୁ ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିପାରେ। ଯାନବାହନରେ ସତର୍କ ରହିବା ଭଲ, ନଚେତ୍ ହଇରାଣ ହୋଇପାରନ୍ତି। ଏକ ଭିନ୍ନ ପରିବେଶ ଓ ପରିସ୍ଥିତିରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡିହୋଇଯିବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ ତଥାପି କାମ ଅଟକିବ ନାହିଁ।

**ତୁଳା** ମାରକାଧିପଙ୍କ ଦୁର୍ବଳତାରୁ କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ସାମାଜିକ ସ୍ତରରେ ପ୍ରଶଂସନୀୟ କାମ କରି ଅନ୍ୟର ଦୃଷ୍ଟିଆକର୍ଷଣ କରିପାରନ୍ତି।

**ବିଛା** ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖା ପଢ଼ାରୁ, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସିଆଲି କାମରେ ବିବାଦୀୟ ଘଟଣା ଆଶଙ୍କା ଦୂର ହୋଇଯିବ। ନୀଚାରୋହୀ ଶନିଙ୍କ ଯୋଗୁ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** କର୍ମକ୍ଷେତ୍ର ଏକାଧିକ ଗ୍ରହଦୃଷ୍ଟିରେ ଥିବାରୁ ବନ୍ଧୁଙ୍କ ପରାମର୍ଶରେ ନୂତନ କାମର ପରିକଳ୍ପନା କରିବେ। ପରିବାରର ଖର୍ଚ୍ଚଭାର ସାଙ୍ଗକୁ ଋଣଭାର ବୃଦ୍ଧିଜନିତ ଚିନ୍ତାପ୍ରକଟ କରିବେ। ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବେ। ଜମିଜମା ବ୍ୟବସାୟ, ପରିବହନ କ୍ଷେତ୍ର ଏବଂ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** ଆପଣଙ୍କ ସାହାଯ୍ୟ ନେଇ ନିଜକାମ ହାସଲ କରିବା ମାନସରେ ଆତ୍ମୀୟମାନେ ପାଖେଇ ଆସିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠା ହେବ। ପାରିବାରିକ କ୍ଷେତ୍ରର ଟେନସନ୍ କମିଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଜଣେ ବନ୍ଧୁଙ୍କୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** ଦୈହିକ ଅସୁସ୍ଥତା ହେତୁ ପରିବାରର ବାରଣକୁ ନ ମାନି କୌଣସି କାମରେ ଆଗଭର ହେବା ଠିକ୍ ହେବନି। କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିବାରୁ ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ବ୍ୟବସାୟ, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା ଜଟିଳ ହେବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ପରିବହନରେ, ପ୍ରଶାସନିକ ସ୍ତରରେ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଗୃହକାମରେ ବ୍ୟସ୍ତରହି କୌଣସି କାମକୁ ଭୁଲିଯିବାରୁ ସମାଲୋଚିତ ହେବେ। ଜଣେ ପୁରୁଣା ବନ୍ଧୁ ହଠାତ୍ ଆପଣଙ୍କ ନିକଟକୁ ଆସି ଶୁଭଖବର ଦେଇପାରନ୍ତି।

ଆଜି ମେ ୨୩ ତାରିଖ, ଜ୍ୟେଷ୍ଠ କୃଷ୍ଣପକ୍ଷର ସର୍ବସମ୍ମତ ଜଳକ୍ରୀଡ଼ା ଏକାଦଶୀ ଶୁକ୍ରବାର, ରାଶି ନକ୍ଷତ୍ର–ଉତ୍ତରଭାଦ୍ରପଦ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦୪ ଗତେ ଘ.୦୬.୫୬ ମଧ୍ୟେ, ଘ.୧୨.୦୯ ଗତେ ଘ.୦୨.୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦.୦୫ ଗତେ ଘ.୧୧.୪୩ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବରଷା ଖରା, ଭୃତ୍ୟ ମଗରା,
ଗୋଦରୀ ଦାରୀ, ନିର୍ମୁଣ୍ଡି ନାରୀ,
ଏ ଚାରିରେ ଦାଉ ସହି ନ ପାରି।**

ବରଷା ପରେ ଯେଉଁ ଖରା ହୁଏ, ତାହା ଦେହକୁ କାଟିଥାଏ। ଭୃତ୍ୟ ମଗରା ପ୍ରକୃତିର ହେବା ମାଲିକ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ସେହିପରି ଗୋଦରୀ ଦାରୀ ଓ ନିର୍ମୁଣ୍ଡି ନାରୀଙ୍କ ଗୁଣଗ୍ରାମ ଅତି ଅସହ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବିପଦ ବେଳେ ବେଙ୍ଗ ବାଟ ଛାଡ଼େ ନାହିଁ।**

ଶତ୍ରୁର ଦୁର୍ବଳ ମୁହୂର୍ତ୍ତରେ ତାକୁ ଆଘାତ ଦେବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଉପଯୁକ୍ତ ବେଳ ଦେଖି ଅତି ସାମାନ୍ୟ ବ୍ୟକ୍ତି ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବନ୍ୟପ୍ରାଣୀ ଅପରାଧର ମୁକାବିଲା ହେଲେ ଜୈବବିବିଧତା ସମୃଦ୍ଧ ହେବ




ନୟାଗଡ଼ ଜିଲା ଶରଣକୁଳଠାରେ ଗୁରୁବାର ଗ୍ରୀନ କ୍ଲବ ହରିହରପୁର, ନୟାଗଡ଼ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍ ଏବଂ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପାଳିତ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ।

ଭୁବନେଶ୍ୱର,୨୨।୫(ବନ୍ଦନା ସେଠୀ)

ନୟାଗଡ଼ ଜିଲା ଶରଣକୁଳଠାରେ ଗୁରୁବାର ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ଗ୍ରୀନ କ୍ଲବ ହରିହରପୁର, ନୟାଗଡ଼ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍ ଏବଂ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ(ଓପ୍‌ସା)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପ୍ରକୃତି ସହିତ ସମନ୍ୱୟ ଏବଂ ନିରନ୍ତର ବିକାଶ' ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ ଅଞ୍ଚଳରେ ବଢୁଥିବା ବନ୍ୟପ୍ରାଣୀ ଅପରାଧର ମୁକାବିଲା ପାଇଁ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ହେଲେ ଜୈବ ବିବିଧତା ସମୃଦ୍ଧ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଦଶପଲ୍ଲା, ମହୀପୁର, ଓଡ଼ଗାଁ, ଖଣ୍ଡପଡ଼ା ଏବଂ ପଞ୍ଚରିଡା ରେଞ୍ଜର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦେବା ବିଷୟରେ ଅଂଶଗ୍ରହଣକାରୀମାନେ ଆଲୋଚନା କରିଥିଲେ। ଏହି ଜୈବବିବିଧତାପୂର୍ଣ୍ଣ ଅଞ୍ଚଳ ହାତୀ, କୁଟୁରା, ସମ୍ବର, ଗୟଳ ସହିତ ବିଭିନ୍ନ ସରୀସୃପ ଏବଂ ପକ୍ଷୀଙ୍କ ବାସସ୍ଥାନ ଭାବେ ପରିଚିତ। ମାତ୍ର ଅବାଧ ଶୀକାର, ବନ୍ୟଜନ୍ତୁ ମାଂସ ବିକ୍ରି ଏବଂ ଅବୈଧ ବନ୍ୟପ୍ରାଣୀ ଚୋରାଚାଲାଣ ଏଠାରେ ବଡ଼ ସମସ୍ୟା ଭାବେ ଉଭାହୋଇଛି। ତେଣୁ ଶିକ୍ଷା ସଚେତନତା ମାଧ୍ୟମରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଲାଗି ଉପସ୍ଥିତ ପରିବେଶ କର୍ମୀ ଓ ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଥିଲେ। ଏଥିସହିତ ଆସନ୍ତା ୨ ବର୍ଷରେ ୫ହଜାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ସଚେତନତା ସୃଷ୍ଟି କରାଯିବା ନେଇ 'ଓପ୍‌ସା' ପକ୍ଷରୁ ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ 'ଓପ୍‌ସା' ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦେଇ, ଆମକୁ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ବିକଳ୍ପ ଜୀବିକା ସୃଷ୍ଟି ସହିତ ସ୍ଥାନୀୟ ଜୈବ ବିବିଧତା, ଜଙ୍ଗଲ ପରିସଂସ୍ଥାର ପରିବେଶଗତ ଗୁରୁତ୍ୱ ବିଷୟରେ ଯୁବପିଢ଼ୀଙ୍କୁ ଶିକ୍ଷିତ କରିବା ଉପରେ ଧ୍ୟାନ ଦେବାକୁ ପଡିବ ବୋଲି କହିଥିଲେ। ସେହିପରି ନିୟମିତ ସଚେତନତା ଅଭିଯାନ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍‌ର କଠୋର ପ୍ରୟୋଗ ବର୍ତ୍ତମାନର ପରିସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଆଣିପାରିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍‌ର ସମ୍ପାଦକ ସୁଜିତ କୁମାର ପ୍ରଧାନ, ଗ୍ରୀନ୍ କ୍ଲବ୍ ହରିପୁରର ସମ୍ପାଦକ କୁମାର ବରଦା, ଓପ୍‌ସା ଟ୍ରଷ୍ଟର ସୁମନ ପ୍ରଧାନ, ପରିବେଶକର୍ମୀ ପମି ନାୟକ ପ୍ରମୁଖ ଯୋଗଦେଇ ନୟାଗଡର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ସରକାରୀ ସଂସ୍ଥା, ସଂରକ୍ଷଣ ସଂଗଠନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ପୂର୍ଣ୍ଣ ସମନ୍ୱୟରେ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି ମତ ରଖିଥିଲେ। ଏଥିସହ ନୟାଗଡ଼ ଜିଲାରେ ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା ସୃଷ୍ଟି ପାଇଁ ସଂକଳ୍ପ ନେଇଥିଲେ।

## ଅନ୍‌ଲାଇନ ଗେମ୍ ଖେଳି ଜୀବନ ହାରିଲେ ଯୁବକ

ଭୋଗରାଇ,୨୨।୫(ପ୍ରଦୀପ ଦାସ)

ଅନ୍‌ଲାଇନ ଗେମ୍ ଖେଳି ଜୀବନ ହାରିଛନ୍ତି ଜଣେ ଯୁବକ। ସେ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳପାହି କୀର୍ତ୍ତନିଆ ଗ୍ରାମର ଆନନ୍ଦ ମିର୍ଦ୍ଧା (୨୧)। ବୁଧବାର ରାତିରେ ଆନନ୍ଦ ମାନସିକ ଭାରସାମ୍ୟ ହରାଇ ଘର ପାଖ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସକାଳେ ପୋଲିସ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୫) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କ କହିବାନୁଯାୟୀ, ଆନନ୍ଦ ବହୁ ସମୟ ଧରି ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳି ବହୁ ଅର୍ଥ ବରବାଦ କରୁଥିଲେ। ଏନେଇ ମା' ବାପା ବାରମ୍ବାର ତାଗିଦ୍ କରୁଥିଲେ ମଧ୍ୟ ସେ ଶୁଣୁ ନ ଥିଲେ। ବୁଧବାର ଗେମ୍ ଖେଳି ହାରିବା ପରେ ମାନସିକ ଭାରସାମ୍ୟ ହରାଇ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ପରିବାର ଲୋକେ ଗୁରୁବାର ସକାଳେ ମୃତଦେହ ଗଛରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କଂଗ୍ରେସର ୨୪ ଘଣ୍ଟିଆ ଗଣଧାରଣା

### ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣ ଦାବି

ଭୁବନେଶ୍ୱର,୨୨।୫(ରବିନାରାୟଣ ଜେନା)

ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ନ୍ୟାଯ୍ୟ ସଂରକ୍ଷଣ ଦାବିରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ନିକଟ ପିଏମ୍‌ଜିଠାରେ କଂଗ୍ରେସ ପକ୍ଷରୁ ଗୁରୁବାର ୨୪ ଘଣ୍ଟିଆ ଧାରଣା ଦିଆଯାଇଛି। ଭକ୍ତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ଧାରଣାସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ସେ କହିଛନ୍ତି, କେନ୍ଦ୍ର ସରକାର ଭୟରେ ଜାତି ଜନଗଣନା କରିବାପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏହାର ସମସ୍ତ ଶ୍ରେୟ ରାହୁଲ ଗାନ୍ଧୀଙ୍କର। ରାହୁଲ କହି ଆସିଛନ୍ତି ଯାହାର ସଂଖ୍ୟା ଯେତେ ତାହାର ଅଧିକାର ସେତେ। ସେହି ନିୟମରେ ସେ ସଂସଦ ଭିତରେ ଓ ବାହାରେ ଶାଣିତ ସ୍ୱରରେ ଜାତି ଜନଗଣନା ପ୍ରସଙ୍ଗ ଉପସ୍ଥାପନ କରି ଆସୁଥିଲେ। ସେତେବେଳେ ଜାତି ଜନଗଣନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ନେତା ତୀବ୍ର ବିରୋଧ କରିଥିଲେ। ଏପରିକି ଲୋକ ସଭାରେ ତାଚ୍ଛଲ୍ୟ କରି ଭାଜପାର ସଦସ୍ୟମାନେ ରାହୁଲଙ୍କର ଜାତି କ'ଣ ବୋଲି ପଚାରିଲେ। ସେତେବେଳେ ଦେଶକୁ ଭାଗ ଭାଗ କରିବା ପାଇଁ ଜାତି ଜନଗଣନା କରାଯାଉଛି ବୋଲି ଭାଜପା ନେତୃବୃନ୍ଦ ଅଭିଯୋଗ କରିଥିଲେ। ତେଣୁ ଏବେ ଯଦି ଜାତି ଜନଗଣନା ସମ୍ଭବ ହୋଇଛି ତାହା କେବଳ ରାହୁଲଙ୍କ ଅବିରତ ସଂଗ୍ରାମ ପାଇଁ ହୋଇଛି ବୋଲି ଭକ୍ତ କହିଛନ୍ତି। ଏହି ଗଣଧାରଣାରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସମେତ ଅନ୍ୟ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀମାନେ ଯୋଗଦେଇଥିଲେ।



ଭୁବନେଶ୍ୱର ପିଏମ୍‌ଜିଠାରେ କଂଗ୍ରେସ ପକ୍ଷରୁ ଗୁରୁବାର ଦିଆଯାଇଥିବା ଗଣଧାରଣା।

# ବାନ୍ଧି ପିଟିଲେ, ଗୁଳିମାରି ଲୁଟିଲେ

**୧୦ ଲକ୍ଷର ସୁନାଗହଣା, ୫୦ ହଜାର ଟଙ୍କା ନେଇଗଲେ**

■ ୨ ମାସ ମଧ୍ୟରେ ୪ ଲୁଟ୍

■ ଭରସା ହରାଉଛି ପୋଲିସ

ସୋର, ୨୨।୫(ଜଗନ୍ନାଥ ମିଶ୍ର)

ବାଲେଶ୍ୱର ଜିଲ୍ଲା ସୋର ଥାନା ଅଞ୍ଚଳରେ ଏବେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟେରାମାନେ ବନ୍ଧୁକ ମୁନରେ ବାରମ୍ବାର ଲୁଟ କରିଚାଲିଥିଲେ ମଧ୍ୟ ପୋଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହେଉଛି। ଗତ ୨ମାସ ମଧ୍ୟରେ ଏହିଥାନା ଅଞ୍ଚଳରେ ୪ଟି ଲୁଟ ଘଟଣା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମର ରବୀନ୍ଦ୍ର ନାୟକଙ୍କ ଘରେ କଳାମୁଖା ପିନ୍ଧା ୮ଜଣ ଡକାୟତ କବାଟ ଭାଙ୍ଗି ପଶିଥିଲେ। ଦୁର୍ବୃତ୍ତମାନେ ପଶିଥିବା ଜାଣିପାରି ରବୀନ୍ଦ୍ରଙ୍କ ସ୍ତ୍ରୀ ଉପର ମହଲାରେ ଶୋଇଥିବା ପୁଅକୁ ଫୋନ ଯୋଗେ ଜଣାଇଥିଲେ। ପୁଅ ପଡ଼ୋଶୀଙ୍କୁ ଜଣାଇବାବେଳକୁ ଡକାୟତମାନେ ପରିବାରର ୫ଜଣଙ୍କୁ କବାଟ ଓ ଖରଣା ସ୍ଲିନରେ ହାତଗୋଡ଼ ବାନ୍ଧି, ଭୁଜାଲି ଦେଖାଇ ଭୟଭୀତ କରାଇବା ସହିତ ମାଡ଼ ମାରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତଳ ଘରେ ଥିବା ସମସ୍ତ ଗହଣା ଓ ୫୦ହଜାର ଟଙ୍କା ଆଲମିରାରୁ ଲୁଟ କରିବା ସହିତ ଉପର ମହଲାରେ ଥିବା ପୁତୁରା ରୋହିତ ନାୟକଙ୍କ ରୁମର କବାଟ ଭାଙ୍ଗି ତାଙ୍କୁ ମାଡ଼ ମାରିବା ସହ ସମସ୍ତ ଗହଣା ଟଙ୍କା ନେଇଥିଲେ। ପରେ ତାଙ୍କୁ ତଳକୁ ଆଣି ବାନ୍ଧି ଦେଇଥିଲେ। ଏହାସହିତ ୮୫ ବର୍ଷର ବୁଢ଼ୀ ମା' ଓ ୧୫ ବର୍ଷର ପୁଅ ମଳୟ ନାୟକଙ୍କ ମୁଣ୍ଡକୁ ମାଡ଼ ମାରି ହାତକୁ ବାନ୍ଧି ପକାଇଥିଲେ। ଏହି ସମୟରେ ୪ଜଣ ପଡ଼ୋଶୀ ପହଞ୍ଚିବାରୁ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ପଡ଼ୋଶୀ ବଳରାମ ରାଉତଙ୍କ ଛାତିରେ ଗୁଳି ବାଜିଥିଲା। ଅନ୍ୟଜଣେ ପ୍ରଶାନ୍ତ ରାଉତ ମଧ୍ୟ ଆଂଶିକ ଆହତ ହୋଇଥିଲେ। ଗୁଳି ଫୁଟିବା ଶୁଣି ଅନ୍ୟ ପଡ଼ୋଶୀମାନେ ଭୟରେ ସେଠାକୁ ଆସି ନ ଥିଲେ। ଡକାୟତମାନେ ହିନ୍ଦୀ ଓ ଓଡ଼ିଆରେ କଥା ହେଉଥିଲେ। ଆହତମାନଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁଳିମାଡ଼ରେ ଗୁରୁତର ବଳରାମଙ୍କୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ସୋର ପୋଲିସ ଗୁରୁବାର ସକାଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ଗତ ଏପ୍ରିଲ ୮ ତାରିଖରେ ବାଗୁଡ଼ି ଆଙ୍ଗୁଳାଠାରେ ସୁନା ବ୍ୟବସାୟୀ ଗୋପାଳ ଚନ୍ଦ୍ର ରଣାଙ୍କ ଘରୁ ଲକ୍ଷାଧିକ ଟଙ୍କାର ଗହଣା ଲୁଟ ହୋଇଥିଲା। ସେହିପରି ଏପ୍ରିଲ ୧୨ରେ ଟେଣ୍ଟେଇ ଗ୍ରାମର ପୋଷ୍ଟମାଷ୍ଟର ବଟକୃଷ୍ଣ ମଲ୍ଲିକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୫ଲକ୍ଷ ଟଙ୍କା ଓ ଚଳିତମାସ ୧୩ରେ ସୋର ଥାନା ପାଖର ଗ୍ରାମର ଅନନ୍ତପୁର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପ୍ରସାଦ ପାତ୍ରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୮୦ ହଜାର ଟଙ୍କା ଲୁଟ ହୋଇଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପୋଲିସ ଉପରୁ ଲୋକଙ୍କ ଭରସା ତୁଟିଯାଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ସୋରୋ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ କହିଛନ୍ତି, ଅଭିଯୋଗକୁ ଆଧାର କରି ଏକ ମାମଲା( ନଂ. ୪୦୩/୨୫) ରୁଜୁ ହୋଇଛି। ସନ୍ଦିଗ୍ଧ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଖବ୍ଶୀଘ୍ର ଅପରାଧୀଙ୍କ ଧରିବାକୁ ଚେଷ୍ଟା କରାଯାଉଛି।



ଡକାୟତଙ୍କ ଗୁଳିମାଡ଼ରେ ଆହତ ଯୁବକ।

# ୫ ମାସରେ ୭୮ ନିଶାବେପାରୀ ଗିରଫ

ଭୁବନେଶ୍ୱର,୨୨।୫ (ସତ୍ୟଜିତ୍ ରାଉତ)

ରାଜଧାନୀ ଭୁବନେଶ୍ୱରର ବ୍ରାଉନସୁଗାର ଓ ଗଞ୍ଜେଇ ବେପାରୀଙ୍କ ଏକ ପେଷ୍ଟଲ ପାଲଟିଲାଣି। ବିଭିନ୍ନ ଅଞ୍ଚଳରୁ ବେପାରୀ ଏଠାକୁ ଆସି ନିଶାଦ୍ରବ୍ୟ କାରବାର କରୁଛନ୍ତି। ତେବେ ଭୁବନେଶ୍ୱରରେ ଗତ ୫ମାସ ମଧ୍ୟରେ ବିଭିନ୍ନ ଥାନାରେ ୩୩ ମାମଲା ପଞ୍ଜୀକୃତ ହୋଇଥିବାବେଳେ ମୋଟ ୭୮ ନିଶାବେପାରୀ ଗିରଫ ହୋଇଥିବା ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୫ ଜାନୁଆରୀ ୧ରୁ ମେ' ୫ତାରିଖ ମଧ୍ୟରେ ହ୍ୱାଇଟ୍ ସ୍ୱାଇରର ଅଭିଯାନ ଅନ୍ତର୍ଗତ ୧୮ଟି ବ୍ରାଉନସୁଗାର ମାମଲା ରୁଜୁ ହୋଇଛି। ଏଥିରେ ୪୨ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୮୨୧.୬୩ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିବାବେଳେ ନଗଦ ୯୭ ହଜାର ୭୦୦ଟଙ୍କା, ୩ଟି ଚାରିଚକିଆ ଯାନ, ୯ଟି ଦୁଇଚକିଆ ଏବଂ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ସେହିପରି ୧୫ଟି ଗଞ୍ଜେଇ କାରବାର ମାମଲା ରୁଜୁ ହୋଇଥିବାବେଳେ ୩୬ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ମୋଟ ୧୦୧୭ କେଜି ୬୪୫ ଗ୍ରାମ ଗଞ୍ଜେଇ, ୨୪ ହଜାର ୬୩୦ ଟଙ୍କା ସହ ୨ଟି ଚାରିଚକିଆ ଯାନ, ୮ଟି ଦୁଇଚକିଆ ଏବଂ ୮ଟି ମୋବାଇଲ ଜବତ ହୋଇଛି। ନିଶା କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି।

**୮୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ**

**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍ଆର୍ସି-ସି-ଏଙ୍କ୍-ଡିଟି ୨୧-୦୫-୨୫ ।** ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟରତ କ୍ଷେତ୍ର ପ୍ରବନ୍ଧକ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ଇ-ଟେଣ୍ଡରିଂର ଦୁଇ-ବିଡ୍ ପ୍ରଣାଳୀ ଜରିଆରେ ନିମ୍ନଲିଖିତ ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍ସାଇଟ୍ରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍ସାଇଟ୍ରେ କେବଳ ଅନ୍ଲାଇନ୍ ମାଧ୍ୟମରେ ସେଥିପାଇଁ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । କୌଣସି ଅଫ୍ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଟେଣ୍ଡର ଦସ୍ତାବିଜ ସେକ୍ସନରେ ଅପ୍ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **କାର୍ଯ୍ୟର ନାମ:** ଦୁଇ ବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ଡି-୩ ସିଡ୍ୟୁଲ୍ ଅବଧିରେ ଏଡ୍ଡୀ କରେଣ୍ଟ ଆରେ [ଇସିଏ] ଟେକ୍ନିକ୍ ଦ୍ୱାରା ଏଲ୍ଏଚ୍ବି କୋଚ୍ଗୁଡ଼ିକର ଚକରେ ସର୍ଫେସ୍ ଡିଫେକ୍ଟ ଡିଟେକ୍ସନ୍ । **ଟେଣ୍ଡର ମୂଲ୍ୟ:** ₹୧,୭୦,୯୩,୬୧୨.୧୬। **ଇଏମ୍ଡି:** ₹୨,୩୫,୫୦୦/-। **ଟେଣ୍ଡର ବନ୍ଦ ହେବା ତାରିଖ:** ତା୧୪।୦୬।୨୦୨୫ରିଖ ୧୧.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦/- (ଅଣ-ଫେରସ୍ତଯୋଗ୍ୟ) । **(PR-189)**

**ସମସ୍ତ ସମ୍ବନ୍ଧିତଙ୍କୁ ପ୍ରେରିତ**

**ଶପଥପତ୍ର**

ମୁଁ, ଶପଥକାରୀ ଜିୟା ମଞ୍ଜରୀ, ବୟସ: ପ୍ରାୟ 39 ବର୍ଷ, ପିତା: ସ୍ୱର୍ଗତ ରମେଶ ଚନ୍ଦ୍ର, ସ୍ୱାମୀ: ଅମିତ ତିୱାରୀ, ବାସିନ୍ଦା: ଇ-4178, ସେକ୍ଟର 11, ରାଜାଜୀପୁରମ, ଲକ୍ଷ୍ନୌ, ଉତ୍ତରପ୍ରଦେଶ-226006 ଶପଥପୂର୍ବକ ନିମ୍ନମତେ ଦର୍ଶାଉଅଛି:-

୧. ଏହିକି ଯେ, ଶପଥପତ୍ରରେ ଶପଥକାରୀଙ୍କ ଦ୍ୱାରା କରାଯାଇଥିବା କଥନ ସତ୍ୟ ଓ ସଠିକ୍ ଅଟେ ।

୨. ଏହିକି ଯେ, ଶପଥକାରୀଙ୍କର ତାଙ୍କର ସ୍ୱାମୀ ଅମିତ ତିୱାରୀ, ପିତା: ସ୍ୱର୍ଗତ ଚନ୍ଦ୍ରଭାନୁ ତିୱାରୀ, ଶାଶୁ: ପ୍ରେମା ତିୱାରୀ, ଦିଅର ଆଲୋକ ତିୱାରୀ ଓ ସାନ ଯା' ରୀନା ତିୱାରୀ, ସମସ୍ତେ ନିବାସୀଗଣ ଏମ୍ 34, ଭଣ୍ଡାରୀ ପେଟ୍ରୋଲ ପମ୍ପ ନିକଟ, ଔରା ଭ୍ୟାଲି, ମୁଲ୍ଲାହୀ ଖେଡ଼ା, ନଟକୁର ଚନ୍ଦ୍ରାୱଲ, ଲକ୍ଷ୍ନୌ, ଉତ୍ତରପ୍ରଦେଶ-226002ଙ୍କ ଦ୍ୱାରା କରାଯାଇଥିବା କୌଣସି ଆର୍ଥିକ ଓ ସାମାଜିକ କୃତ୍ୟ ସହ କୌଣସି ସମ୍ପର୍କ ନାହିଁ ତଥା ଉପରୋକ୍ତଗଣଙ୍କ ଉପରେ ଯଦି କୌଣସି ବୈଧାନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ଶପଥକାରୀଙ୍କର ତା' ସହିତ କୌଣସି ସମ୍ବନ୍ଧ ରହିବ ନାହିଁ ।

ସ୍ଥାନ:

ତାରିଖ: 20.05.2025 ଶପଥକାରୀ

**ସତ୍ୟାପନ**

ମୁଁ ଶପଥକାରୀ ଉପରୋକ୍ତ ସତ୍ୟାପିତ କରୁଅଛି ଯେ, ଶପଥପତ୍ରର ଧାରା 01 ଓ 02 ମୋର ନିଜସ୍ୱ ଜ୍ଞାନ, ବିଶ୍ୱାସ ଓ ଅଭିଲେଖ ଅନୁଯାୟୀ ସତ୍ୟ ଏବଂ ଠିକ୍ ଅଟେ ।

ଆଜି ତିଥି 20.05.25 ଦିନ ହସ୍ତାକ୍ଷର ସହିତ ସତ୍ୟାପିତ କରାଗଲା ।

**ସ୍ଥାନ:**

**ତାରିଖ:** **ଶପଥକାରୀ**

# ଧରାପଡ଼ିଲେ ୪ ବ୍ରାଉନସୁଗାର ବେପାରୀ

**ଡିଲ୍ ବେଳେ ଚଢ଼ାଉ**

ଭୁବନେଶ୍ୱର,୨୨।୫(ସତ୍ୟଜିତ୍ ରାଉତ)

ଡିଲ୍ ବେଳେ ମୈତ୍ରୀ ବିହାର ଥାନା ପୋଲିସ ଚଢ଼ାଉ କରି ୪ଜଣ ବ୍ରାଉନ୍ସୁଗାର ବେପାରୀଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆସାହି ଏକାମ୍ର ଭିଲ୍ଲାରେ ରହୁଥିବା ଚନ୍ଦନ ବେହୁରିଆ (୨୪), ବଡ଼ଗଡ଼ ଥାନା ଅନ୍ତର୍ଗତ ମଇଁଷିଖାଲରେ ରହୁଥିବା ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଡି. ରାଜା(୨୪), ମଇଁଷିଖାଲର କିଶୋର ଲେଙ୍କା (୪୦) ଓ ନୟାଗଡ଼ ଜିଲା ବୋଲଗଡ଼ ଅଞ୍ଚଳର ହରବନ୍ଧୁ ପ୍ରଧାନ ଓରଫ ହରେଶ ସ୍ୱାଇଁ (୪୬)। ସେମାନଙ୍କ ନିକଟରୁ ୪୦ ଗ୍ରାମ ବ୍ରାଉନ୍ସୁଗାର, ୨ଟି ମୋବାଇଲ, ଗୋଟିଏ ସ୍କୁଟି (କେଏ୦୩-କେଏମ୍-୧୦୩୩) ଜବତ ହୋଇଛି। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

# ଟାଙ୍ଗିଆରେ ହାଣି ସ୍ୱାମୀଙ୍କୁ ହତ୍ୟା, ସ୍ତ୍ରୀ ଗିରଫ

**ପାରିବାରିକ କଳହର କରୁଣ ପରିଣତି**

ଯୋଡ଼ା,୨୨।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ୯ ନଂ. ୱାର୍ଡର ହୁଡ଼ି ସାହିରେ ଦମ୍ପତିଙ୍କ ମଧ୍ୟରେ କଳହ ଯୋଗୁ ସ୍ତ୍ରୀଙ୍କ ଟାଙ୍ଗିଆ ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହୁଡ଼ିସାହିର ସିଲେଇ ମୁଣ୍ଡା(୨୫)। ପୋଲିସ ଅଭିଯୁକ୍ତ ମଞ୍ଜୁ ମୁଣ୍ଡାଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ହୁଡ଼ିସାହିର ସିଲେଇ ଓ ତାଙ୍କ ସ୍ତ୍ରୀ ମଞ୍ଜୁଙ୍କ ମଧ୍ୟରେ ଅନେକ ସମୟରେ କଳହ ହେଉଥିଲା। ଗତ ୧୨ତାରିଖରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ମଞ୍ଜୁ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ସିଲେଇଙ୍କ ବେକର ପଛ ପାର୍ଶ୍ୱକୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସିଲେଇ ଆହତ ହେବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେଠାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସିଲେଇଙ୍କ ମୃତ୍ୟୁ ଘଟିଥିଲା ଏହି ଘଟଣାରେ ଯୋଡ଼ା ପୋଲିସ ସ୍ତ୍ରୀ ମଞ୍ଜୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏହି ଘଟଣାର ଅଧିକ ତଦନ୍ତ ଚାଲିଥିବା ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

ସମ୍ବଲପୁର,୨୨।୫(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ ରୋଜାନଗରରେ ବୁଧବାର ବିଳମ୍ବିତ ରାତିରେ ଜଣଙ୍କ ଘରେ ପଶି ଚୋରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଥିଲେ। ହେଲେ ଗୁରୁବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ମୂଳବାସିନ୍ଦା ତଥା ଧନୁପାଲି ଥାନା ମୋତିଝରଣ କ୍ଷେତିପଡ଼ାର ମହମ୍ମଦ ଆଲମଗିରି ଓରଫ ବଙ୍ଗାଲି(୨୮)। ଏହାକୁ ନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୫) ରୁଜୁ ହୋଇଛି। ପୋଲିସ ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମହମ୍ମଦ ଆଲମଗିରି କୌଣସି ମାମଲାରେ କିଛିଦିନ ଝାରସୁଗୁଡ଼ା ଜେଲ୍ରେ ଥିବା ବେଳେ ଦୁଇଦିନ ତଳେ ଜେଲ୍ରୁ ମୁକୁଳିଥିବା ତାଙ୍କ ପରିବାର ଲୋକ କହିଥିବା ପୋଲିସ କହିଛି।

बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଗାଡ଼ି ଡିମାଣ୍ଡ/ରିକଲ୍ ନୋଟିସ୍**

**ବନ୍ଧକପ୍ରାପ୍ତ ସମ୍ପତ୍ତିର ଦଖଲ ନିମନ୍ତେ ରିକଲ୍ ନୋଟିସ୍ ଓ ପ୍ରାକ୍ ସୂଚନା**

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ବଲାଙ୍ଗିର ଶାଖା** ଦ୍ୱାରା ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜ ପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି। ଆମର ବାରମ୍ବାର ଅନୁରୋଧ ସତ୍ତ୍ୱେ, ଆପଣ ଏ ପର୍ଯ୍ୟନ୍ତ ବକେୟା ରାଶି ପରିଶୋଧ କରିନାହାଁନ୍ତି। ଏଣୁ କିସ୍ତି/ସୁଧ/ମୂଳଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍ପିଏ) ଶ୍ରେଣୀଭୁକ୍ତ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ବଲାଙ୍ଗିର ଶାଖା**ର ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ/ରିକଲ୍ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟ୍ରେଡ଼ ଡାକ ସହିତ ଏ.ଡ଼ି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ବଲାଙ୍ଗିର ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରକାଶ କୁମାର ଶୁକ୍ଲା,** ପିତା: ହରିଶ କୁମାର ଶୁକ୍ଲା, ସା: ଠିକାଦାର ପଡା, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା | ମିଆଦୀ ଋଣ / ଟ.୫,୫୦,୦୦୦/- | ୧୬.୦୪.୨୦୨୫ / ୧୬.୦୪.୨୦୨୫ ସୁଦ୍ଧା ଟ.୫,୨୧,୪୦୯/- +ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀ ପ୍ରକାଶ କୁମାର ଶୁକ୍ଲାଙ୍କ** ନାମରେ ବନ୍ଧକ ଥିବା ମୋଟର କାର (ସମ୍ପତ୍ତି) ଯାହାର ସବିଶେଷ ବିବରଣୀ |

ନିମ୍ନମତେ: ଗାଡ଼ିର ବିବରଣୀ – ପଞ୍ଜିକୃତ ନଂ.: OD 03 AB 5218, ନିର୍ମାଣ ବର୍ଷ: ୨୦୨୪, ମଡ଼େଲ: MARUTI ALTO K10 VXI+ 1L AGS BS6, କଲର: ସିଲ୍ଭର ସିଲ୍କି ମେଟାଲିକ୍, ଚେଚିସ୍ ନଂ.: MA3SFM61SRA246042, ଇଞ୍ଜିନ୍ ନଂ.: K10CN1223203, ଇନସ୍ୟୁରାନ୍ସ ବିବରଣୀ: ପଲିସି ନଂ.: MN0004304309 (୦୮.୦୪.୨୦୨୪ ରୁ ୦୭.୦୪.୨୦୨୫)

ଏତଦ୍ଦ୍ୱାରା ବ୍ୟାଙ୍କ ସପକ୍ଷରେ ଆପଣ ସମ୍ପାଦିତ କରିଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ଏହାର କ୍ଷମତା ପ୍ରୟୋଗ କରି ଏହି ନୋଟିସ୍ ପ୍ରାପ୍ତିର ୧୫ ଦିନ ମଧ୍ୟରେ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପଇଠ କରିବାକୁ ଆପଣଙ୍କୁ କୁହାଯାଇଛି। ଅନ୍ୟଥା ବ୍ୟାଙ୍କ ଗାଡ଼ିକୁ ସିଜ୍ (ଜବତ) କରିବାକୁ ବାଧ୍ୟ ହେବ ଏବଂ ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟ ଅଧିକାରର ପ୍ରୟୋଗ ବ୍ୟତୀତ ଆପଣଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିବା ଚୁକ୍ତିନାମା / କାଗଜାତ୍ ଅନୁଯାୟୀ ବ୍ୟାଙ୍କର ବକେୟା ଋଣ ଆଦାୟକରଣ ପାଇଁ ଗାଡ଼ିର ବିକ୍ରୟ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆପଣଙ୍କୁ ଜଣାଇ ଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ପରେ, ଉପରୋକ୍ତ ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଗାଡ଼ିକୁ ଆପଣ ବିକ୍ରୟ / ଲିଜ୍ ମାଧ୍ୟମରେ ହସ୍ତାନ୍ତର କରିପାରିବେ ନାହିଁ। ଏହି କ୍ରମରେ, ବ୍ୟାଙ୍କ ସହାୟତା ପାଇଁ ବ୍ୟାଙ୍କର ପ୍ୟାନେଲ ଅନୁଯାୟୀ ଗାଡ଼ିକୁ ପୁନଃଦଖଲା/ ସିଜ୍(ଜବତ)/ବିକ୍ରୟ ପାଇଁ ରିକଭରି ଏଜେନ୍ସି/ସିଜର ଏଜେନ୍ସି ନିୟୋଜିତ କରି ଆବଶ୍ୟକୀୟ ପଦକ୍ଷେପ ନେବ। ବନ୍ଧକ ସମ୍ପତ୍ତିର ପୁନଃଦଖଲା/ ସିଜ୍(ଜବତ) ଏବଂ ବିକ୍ରୟ କାରଣରୁ ସୃଷ୍ଟି ହେବାକୁ ଥିବା କ୍ଷତି କିମ୍ବା ଅସୁବିଧା ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ । ବ୍ୟାଙ୍କ ବକେୟା ଦେୟ ଆଦାୟ ନିମନ୍ତେ ଉପଯୁକ୍ତ କୋର୍ଟରେ ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ କ୍ଷୁର୍ଣ୍ଣନକରି ଏହି ବିଜ୍ଞପ୍ତି ଜାରି କରିଛି। ପୁନଶ୍ଚ ଆପଣଙ୍କୁ ଜଣାଇ ଦିଆଯାଉଛି କି, ଆପଣ ଏ ସମ୍ବନ୍ଧୀୟ ହୋଇଥିବା ଖର୍ଚ୍ଚ ନିମନ୍ତେ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ଏବଂ ସମସ୍ତ ଖର୍ଚ୍ଚ ବହନ କରିବେ। ଆମେ ଆଶା କରୁଛୁ, ଆପଣ ଏହିପରି ପରିସ୍ଥିତିକୁ ଏଡ଼ାଇବା ପାଇଁ ତୁରନ୍ତ ଋଣ ରାଶି ଜମା କରିବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୩.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

यूनियन बैंक ऑफ इंडिया Union Bank of India भारत सरकार का उपक्रम A Government of India Undertaking

**ଖୋର୍ଦ୍ଧା ଶାଖା**
ଆପଟେକ୍ କମ୍ପ୍ୟୁଟର ନିକଟ, ବିଡିଏ କଲୋନୀ, ଖୋର୍ଦ୍ଧା-୭୫୨୦୫୫,
ଇ-ମେଲ୍ : ubin0813737@unionbankofindia.bank

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ପ୍ରାପ୍ତେଷୁ,**

**ଋଣଗ୍ରହୀତା: ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଶ୍ରୀ ଚୈତନ୍ୟ ସାହୁ / **ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ଉମାମଣୀ ସାହୁ,** ସ୍ୱାମୀ: ଶ୍ରୀ ଚୈତନ୍ୟ ସାହୁ, **୨) ଶ୍ରୀ ଚୈତନ୍ୟ ସାହୁ,** ପିତା: ୰ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍-ଆଇଗିଣିଆ ନିକଟ, ଭୁବନେଶ୍ୱର-୭୫୧୦୧୯

**ମହାଶୟ/ମହାଶୟା,**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଆମ୍ଭର **ଖୋର୍ଦ୍ଧା ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ତା.୧୫.୦୪.୨୦୨୫**ରିଖରେ ନୋଟିସ୍ ଜାରି କରାଯାଇଥିଲା ଏବଂ ଆପଣମାନଙ୍କ ଶେଷ ଜ୍ଞାତ ଠିକଣାରେ ତାହା ପଠାଯାଇ ଆପଣଙ୍କ ଋଣ ଆକାଉଣ୍ଟର ବକେୟା ରାଶି ପୈଠ କରିବା ପାଇଁ କୁହାଯାଇଥିଲା କିନ୍ତୁ ତାହା ପ୍ରଦାନ କରଯାଇପାରିନଥିଲା। ତେଣୁ ଉକ୍ତ ଡିମାଣ୍ଡ ନୋଟିସ୍ର ବିଷୟବସ୍ତୁ ଖବର କାଗଜ ମାଧ୍ୟମରେ ପ୍ରକାଶ କରାଯାଉଛି।

ଆପଣଙ୍କ ଦ୍ୱାରା ପ୍ରାପ୍ତ କରାଯାଇଥିବା ଋଣ ସୁବିଧା **ତା.୧୪.୦୩.୨୦୨୫**ରିଖରେ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍ପିଏ) ଶ୍ରେଣୀଭୁକ୍ତ ହୋଇଛି।

ଋଣ ସୁବିଧା ପ୍ରାପ୍ତ କରିଥିବା ସମୟରେ ଏବଂ ବ୍ୟାଙ୍କ ସପକ୍ଷରେ ସୁରକ୍ଷିତ ସମ୍ପତ୍ତି ସୃଷ୍ଟି କରିବା ସମୟରେ ଆପଣ ଋଣ କାଗଜାତ୍ ସମ୍ପାଦନ କରିଥିଲେ। ଋଣ ସୁବିଧା ଏବଂ ସୁରକ୍ଷିତ ସମ୍ପତ୍ତିର ବିବରଣୀ ନିମ୍ନମତେ:

| କ୍ର. ନଂ. | ଋଣ ପ୍ରକାର | ୧୪.୦୪.୨୦୨୫ ସୁଦ୍ଧା ବକେୟା ଦେୟ | ୧୪.୦୪.୨୦୨୫ ସୁଦ୍ଧା ବକେୟା ସୁଧ | ଦେୟ | ମୋଟ ବକେୟା |
|---|---|---|---|---|---|
| ୧ | ମିଆଦୀ ଋଣ | ଟ.୨,୦୪,୮୯୯/- | ଟ.୩,୪୬୭/- | ୦.୦୦ | ଟ.୨,୦୮,୩୬୬/- |
| ୨ | ମିଆଦୀ ଋଣ | ଟ.୮,୯୯,୨୭୩/- | ଟ.୩୫,୨୫୭.୫୭ | ୦.୦୦ | ଟ.୯,୩୪,୫୩୦.୫୭ |
| | ସମୁଦାୟ | ଟ.୧୧,୦୪,୧୭୨/- | ଟ.୩୮,୭୨୪.୫୭ | ୦.୦୦ | ଟ.୧୧,୪୨,୮୯୬.୫୭ |

ମୋଟ ବକେୟା: ଏଗାର ଲକ୍ଷ ବୟାଳିଶ ହଜାର ଆଠ ଶହ ଛୟାନବେ ଟଙ୍କା ଏବଂ ସତାବନ ପଇସା ମାତ୍ର

**ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତିର ବିବରଣୀ ନିମ୍ନମତେ:**

**ଶ୍ରୀମତୀ ଉମାମଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ

ତେଣୁ, ଆପଣ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଉପରୋକ୍ତ ନୋଟିସ୍ର ସର୍ତ୍ତାବଳୀ ଅନୁସାରେ ଏହି ପ୍ରକାଶନର **୬୦ ଦିନ ମଧ୍ୟରେ** ଉପର କଥିତ ବକେୟା ଦେୟ **ଟ.୧୧,୪୨,୮୯୬.୫୭ (ଏଗାର ଲକ୍ଷ ବୟାଳିଶ ହଜାର ଆଠ ଶହ ଛୟାନବେ ଟଙ୍କା ଏବଂ ସତାବନ ପଇସା ମାତ୍ର)** ସହିତ ସେବାବଦ ଭବିଷ୍ୟତ ସୁଧ ଏବଂ ଦେୟ ବ୍ୟାଙ୍କକୁ ପ୍ରଦାନ କରିବାକୁ କୁହାଯାଉଛି। ଯଦି ଆପଣ ଏଥିରେ ଖିଲାପ କରନ୍ତି ତେବେ ଆମ୍ଭେ ସୁରକ୍ଷିତ ଋଣଦାତା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁସାରେ ଯେକୌଣସି କିମ୍ବା ସମସ୍ତ ଅଧିକାର ପ୍ରୟୋଗ କରିବାକୁ ବାଧ୍ୟ ହେବୁ।

କଥିତ ଆକ୍ଟର ଧାରା ୧୩(୧୩)ର ସର୍ତ୍ତାବଳୀ ଅନୁସାରେ ଏହି ନୋଟିସ୍ ପ୍ରାପ୍ତି ତାରିଖ ପରେ ଆପଣ ବ୍ୟାଙ୍କର ପ୍ରାକ୍ ସହମତି ବିନା ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ କୌଣସି ପ୍ରକାରରେ ହସ୍ତାନ୍ତରୀତ କରିପାରିବେ ନାହିଁ। **ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୨.୦୫.୨୦୨୫ — ଆପଣଙ୍କ ବିଶ୍ୱସ୍ତ, ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 07-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳର ଭଦ୍ରକ (BHC) - ଖୋର୍ଦ୍ଧା ରୋଡ୍ (KUR) ସେକ୍ସନରେ ନୂଆ ଗଡ଼ମଧୁପୁର (NGMP) ଷ୍ଟେସନ ଠାରେ ଏକ ଅତିରିକ୍ତ ଲୁପ ଲାଇନର ପ୍ରାବଧାନ ନିମନ୍ତେ ନୂଆ ଗଡ଼ମଧୁପୁର/ ସବ୍-ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (NGMP/SSP) ର ସ୍ଥାନାନ୍ତରଣ ।

**ବିଜ୍ଞାପିତ ମୂଲ୍ୟ (₹):** 1,14,26,228.10, EMD (₹) : 2,07,100.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.05.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.06.2025 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-153/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ସୂଚନା ସଂ. 09-SBP-TRD-OT-2025-26, ତା.15.05.2025ରିଖ

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳ ଠାରେ ଅନଧିକାର ପ୍ରବେଶକୁ ଅଟକାଇବା ପାଇଁ ହଣ୍ଡପା-ବୋଇଣ୍ଡା ମଧ୍ୟରେ KM 111/7-8 ଠାରେ ଶ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ର ବ୍ୟବସ୍ଥା, (2) ସମ୍ବଲପୁର ମଣ୍ଡଳର ସମ୍ବଲପୁର - ଅନୁଗୁଳ ସେକ୍ସନ ଠାରେ ଚାରମାଳ-ରେଢ଼ାଖୋଲ ଷ୍ଟେସନ ମଧ୍ୟରେ KM 65.250 ଠାରେ ମାନବଯୁକ୍ତ ସମପାର ସଂ.ST-38 ସ୍ଥାନରେ ଶ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ର ବ୍ୟବସ୍ଥା, (3) ସମ୍ବଲପୁର ମଣ୍ଡଳର ବୃନ୍ଦାମଲ - ଲପଙ୍ଗା ମଧ୍ୟରେ KM 527/6-7 ଠାରେ ପାଦଚଲା ଉପମାର୍ଗ ର ବ୍ୟବସ୍ଥା, (4) ସମ୍ବଲପୁର ମଣ୍ଡଳର ବୃନ୍ଦାମଲ - ଲପଙ୍ଗା ସେକ୍ସନ ମଧ୍ୟରେ KM 552/12-14 ଠାରେ ପାଦଚଲା ଉପମାର୍ଗ ର ବ୍ୟବସ୍ଥା, (5) ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ୍- ଆଇବି ଷ୍ଟେସନ ମଧ୍ୟରେ KM 0/3-4 ଠାରେ ମାନବଯୁକ୍ତ ସମପାର ସଂ.JT-01A ସ୍ଥାନରେ ଶ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ର ବ୍ୟବସ୍ଥା ସମ୍ବନ୍ଧରେ TRD ସମ୍ବନ୍ଧୀୟ କାର୍ଯ୍ୟ ।

**ଆନୁମାନିକ ମୂଲ୍ୟ :** ₹ 40,66,128.48, EMD : ₹81,300/-, ଶେଷ ହେବା ଅବଧି: 12 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.06.2025ରିଖ 1530 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-154/Q/25-26

**Government of Jharkhand**
**Jharkhand Flying Institute**
**A Society Regd. Under Department of Cabinet Secretariat & Vigilance**
**(Civil Aviation Division)**
State Hangar, Birsa Munda Airport Road, Hinoo, Ranchi-834002
E-mail-jfi.govtfly@gmail.com, Website-www.jharkhandaviation.in

Tender Ref. No: -HSS/03/2024-JFI-152,/Ranchi,
Date:-20/05/2025

**e-Tender Notice**

e-Tender under two bid system are invited for Helicopter Service in state of Jharkhand for various Pilgrimages/ Tourist Places/ Commercial uses in Jharkhand on the basis of PPP Mode.
As per the following schedule of events:-

| | | |
|---|---|---|
| 1. | Tender Ref. No. | HSS/03/2024-JFI/152 /Ranchi, Dated- 20/05/2025 |
| 2. | Name of Work | **JHARKHAND FLYING INSTITUTE** "JFI" invites e-Tender from Service Provider or Non Scheduled Operator's Permit (NSOP) holders for Helicopter Service in state of Jharkhand for various Pilgrimages/ Tourist Places/ Commercial uses in Jharkhand on the basis of PPP Mode. |
| 3. | Tender Participation | Rs. 25,000/- (Rs. Twenty Five Thousand only) Through Online mode. |
| 4. | EMD | Rs.5,00,000/- (Rs. Five Lakhs only) Through Online Mode. |
| 5. | Publish of Tender on website & Start of Submission of e-bids | 23/05/2025 at 03:30 PM |
| 6. | Start of Downloading Tender Documents. | 23 /05/2025 at 03:30 PM |
| 7. | Last date for submission of e-bids. | 11/06/2025 till 03:30 PM |
| 8. | Opening of Technical Bids. | 12/06/2025 at 03:30 PM |
| 9. | Opening of Financial Bids. | After scrutiny of Technical Bid |
| 10. | Time for work completion. | 10 days from the signing of agreement. |
| 11. | Officer Inviting e-Tender | Managing Director, Jharkhand Flying Institute, Govt. of Jharkhand |
| 12. | Help line Number of e-Tender Notice | Mr. Rathour Nitant K. Singh, Section Officer Mob. No. 9472749978, E-Mail-jfi.govtfly@gmail.com |

For further details kindly visit **www.jharkhandaivation.in/tenders** and for applying online, please visit **jharkhandtenders.gov.in**

Sd/-
(Capt. S. P. Sinha)
Managing Director
Jharkhand Flying Institute

PR 353166 Civil Aviation(25-26).D

**Office-Superintendent, Phulo-Jhano Medical College Hospital (PJMCH) Dumka (Jharkhand)**

**NOTICE INVITING E-TENDER (NIT)**
**Bidding Document No:- 01/2025-26**

1. Superintendent PJMCH, Dumka (Tender inviting Authority-TIA) invites sealed Bids in two part systems for "**Selection of Agency for Providing Nursing Services , Paramedical Staffs & Other Technical Staffs in PJMCH, Dumka** through e-tender as detailed in the Bidding Document under section Scope of work.
2. **Brief Scope of Work:-** The aim and objective is to provide **Nursing Services , Paramedical Staffs, Pharmacist Staffs, Other Technical & Non Technical Staffs** in the Health Units of the **PJMCH, Dumka** detailed under the section Scope of work.
3. **Award Methodology**:- Bidder shall be awarded considering least percentage of service charge to PJMCH, Dumka i.e. L1 (Lowest Bidder). Bidder qualifying the Technical bid and meeting the pre-Qualifying criteria shall only be considered for opening of Price Bids. For details regarding "Methodology for selection of Contractor" refer section No. E on **Instruction to Bidders (ITB).**
4. **Salient Features of Bidding Document:-**

| Sl.No. | Details | Timelines/other Particulars |
|---|---|---|
| a. | Date of Publication of Tender on website | 23.05.2025 (1.30 P.M) on www.jharkhandtenders.gov.in |
| b. | Pre-Bid meeting | 29.05.2025 at 1.30 P.M. in the office of the Tender Inviting Authority. |
| c. | Date of Uploading of Final Tender Documents with amendments after pre-bid meeting . | 04.06.2025 at 1.30 PM. |
| d. | Date of Start for Submission | 06.06.2025 from 11.30 A.M. |
| e. | Last Date and time for submission of Bids | 17.06.2025 up to 5.00 P.M. |
| f. | Opening of Technical Bid- PART A | 20.06.2025 at 1.30 P.M. in the office of the Tender Inviting Authority. |
| g. | Bid Security/Earnest Money Deposit (EMD) | Rs. 8,00,000.00 (Eight Lacs). Submission Through online Payment Gateway(Exemption will be allowed as per ''Jharkhand Procurement Policy-2014 For Registered Jharkhand OEM MSMEs Firms / Agencies). |

*Note:- If any of the cut-off date identified above happens to be holiday, the next working day shall be implied.*

5. The complete Bidding document is available on the website www. jharkhandtenders.gov.in .The Tenders should be submitted through e-procurement system only.

Superintendent,
PJMCH, Dumka.

PR.NO.353282 Health Med Edu and Family Welfare(25-26):D

See Career Appointment on every Wednesday & Saturday

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ୨ୟ ମହଲା, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ ନଂ.: ୦୬୭୪-୨୫୪୦୦୩୨, ଇ-ମେଲ୍: 0815samd@iob.in

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ ।)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ରୁଲ୍-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ତତ୍ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଆମ୍ଭଦ୍ୱାରା ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତି **ଦଖଲ**କୁ ନିଆଯାଇଛି। ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିୟୁକ୍ତ (-) ଡିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ତତ୍ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମନ୍ତେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ମୁଳିସିଂହ ସହରହାଟ ଶାଖା (୩୪୭୮) /** ଋଣଗ୍ରହୀତା: ମେସର୍ସ ମହିମା ଅଳଙ୍କାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ (ବନ୍ଧକଦାତା), ପିତା: ପ୍ରହ୍ଲାଦ ସାହୁ / ଜାମିନ୍ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରଭାତ କୁମାର ସାହୁ, ପିତା: ପ୍ରହ୍ଲାଦ ସାହୁ, ଉଭୟଙ୍କ ଠିକଣା- ସା/ପୋ: ମୁଳିସିଂହ ସହରହାଟ, ଭାୟା: କନକପୁର, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୩୭ | ୧୭.୦୫.୨୦୨୫ ସୁଦ୍ଧା ଟ.୧୧,୩୫,୨୦୪.୦୦ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୦୧.୨୦୨୫ / ୧୭.୦୫.୨୦୨୫ | ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ଏବଂ ଶ୍ରୀ ପ୍ରଭାତ କୁମାର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୪୧୫, ପ୍ଲଟ୍ ନଂ.: ୨୪୧୯, ପ୍ଲଟ୍ ନଂ.: ୨୪୨୫, ସମସ୍ତ ଜମିର କିସମ: ଘରବାରି, କ୍ଷେତ୍ର: ଏକର୦.୧୨ଡିସିମିଲି ଏବଂ ପ୍ଲଟ୍ ନଂ.: ୬୫୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ଯାହାର କିସମ: "ଜଳାଶୟ-ଦୁଇ" ଏବଂ ପ୍ଲଟ୍ ନଂ. ୨୪୨୦, କ୍ଷେତ୍ର: ଏକର୦.୦୧ ଡିସିମିଲି, ରାସ୍ତା ଆଡ଼କୁ, ଖାତା ନଂ.: ୯୩୧, ମୌଜା: ମୁଳିସିଂହ, ଥାନା: ତିର୍ତ୍ତୋଲ, ଥାନା ନଂ. ୧୪୩, ଜିଲ୍ଲା: ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଧନେଶ୍ୱର ସାହୁ, ପଶ୍ଚିମ: ବ୍ରହ୍ମାନନ୍ଦ ସାହୁ, ଉତ୍ତର: ରାସ୍ତା, ଦକ୍ଷିଣ: ବ୍ରହ୍ମାନନ୍ଦ ସାହୁ |
| **ସତ୍ୟନଗର ଶାଖା (୧୦୬୦) /** ଋଣଗ୍ରହୀତା ଏବଂ ବନ୍ଧକଦାତା: ଦେବଦତ୍ତ ହୋତା, ସ୍ଥାୟୀ ଠିକଣା: ସା: ଚନ୍ଦ୍ରଶେଖର ନଗର, ପୋ: ରାଜେନ୍ଦ୍ର କଲେଜ, ଥାନା: ବଲାଙ୍ଗୀର ଟାଉନ୍, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା, ପିନ୍-୭୬୭୦୦୧, ଯୋଗାଯୋଗ ଠିକଣା: ବିଇ ୩୭, ବ୍ୟାଙ୍କର୍ସ ଏନ୍କ୍ଲେଭ, ପ୍ରାଚୀ ବିହାର, ପଳାଶୁଣୀ, ଭୁବନେଶ୍ୱର-୭୫୧୦୨୫ | ୨୧.୦୫.୨୦୨୫ ସୁଦ୍ଧା ଟ.୨୯,୩୯,୪୮୧.୩୧ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୦୫.୦୨.୨୦୨୫ / ୨୧.୦୫.୨୦୨୫ | ଦେବଦତ୍ତ ହୋତାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ./ଖୋଲା ପ୍ଲଟ୍ ନଂ.: ୨୨୧/୯୪୯, ମୌଜା: କୋରଡ଼କଣ୍ଟା, ଜିଲ୍ଲା: ଖୋର୍ଦ୍ଧା, ତହସିଲ/ଡିଏସ୍ଆରଓ: ଭୁବନେଶ୍ୱର, ସ୍ଥିତିବାନ, କ୍ଷେତ୍ର: ଏକର୦.୦୨୭ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୪୫୯/୩୩୫୫, (ପରିବର୍ତ୍ତିତ ଖାତା ନଂ.: ୧୦୫୧), କିସମ: ଘରବାରି, ରେଜିଷ୍ଟ୍ରେସନ୍ ସବ୍ ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା ଏବଂ ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ. ୨୨୩ ଏବଂ କିଛି ଅଂଶରେ ବିଏମ୍ସି ଦ୍ୱାରା ନିର୍ମିତ ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୨୨୧/୯୫୦ (ସ୍ୱର୍ଣ୍ଣଲତା ନାୟକ), ପଶ୍ଚିମ: ରାସ୍ତା |

ତାରିଖ: ୨୨.୦୫.୨୦୨୫, ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। –ଶ୍ରୀମା

-ଜଳକ୍ରୀଡ଼ା ଏକାଦଶୀ
ଉପବାସ ଓ ହଳ ନିଷେଧ



# ଶାନ୍ତି ଚୁକ୍ତିରେ ମହିଳାଙ୍କ ଭୂମିକା



କାରୋଲିନ ଚିସାଡ୍‌ଜା

ବିଶ୍ୱରେ ଲିଙ୍ଗଗତ ସମାନତା ପାଇଁ ସବୁ ପ୍ରକାର ଅଗ୍ରଗତି ହୋଇଥିଲେ ମଧ୍ୟ ଅନେକେ ଅଦ୍ୟାବଧି ସଶସ୍ତ୍ର ସଂଘର୍ଷକୁ ମୁଖ୍ୟତଃ ପୁରୁଷ ପ୍ରାଧାନ୍ୟ ଭାବେ ଦେଖିବାକୁ ଅଧିକ ଉତ୍ସାହିତ ହେଉଛନ୍ତି। ବାସ୍ତବରେ ମହିଳାମାନେ ବହୁ ସମୟରେ ଯୁଦ୍ଧ, ଅଣଯୁଦ୍ଧ ଓ ନେତୃତ୍ୱ ଭୂମିକାରେ ନିର୍ଣ୍ଣାୟକ ସାବ୍ୟସ୍ତ ହେଉଥିଲେ ମଧ୍ୟ ଔପଚାରିକ ଶାନ୍ତି ପ୍ରକ୍ରିୟାରେ ଏବଂ ଯୁଦ୍ଧ ପରବର୍ତ୍ତୀ ଶାସନରେ ସେମାନଙ୍କୁ ନିୟମିତ ଭାବେ ଅଣଦେଖା କରାଯାଉଛି। ଏହି ଧାରା ଏକ ନୈତିକ ଓ ବ୍ୟବହାରିକ ବିଫଳତାକୁ ଦର୍ଶାଉଛି। ସଶସ୍ତ୍ର ଯୁଦ୍ଧରେ ମହିଳାମାନେ ଗଣହତ୍ୟା, ଚାଲାଣ, ଦାସତ୍ୱ ଓ ଯୌନ ନିର୍ଯାତନା ସହ ସବୁ ପ୍ରକାର ସ୍ୱାସ୍ଥ୍ୟଗତ ବିପଦ ତଥା ମାନସିକ ଆଘାତର ଶିକାର ହେବାର ସମ୍ଭାବନା ଅଧିକ ରହିଥାଏ। କେବଳ ଏଇଥିପାଇଁ ସେମାନଙ୍କୁ ଶାନ୍ତି ପ୍ରକ୍ରିୟାରେ ଭାଗନେବାରେ ସେମାନଙ୍କର ଅଧିକାର ରହିଛି। ମହିଳାମାନେ ଯେ କେବଳ କ୍ଷତି ସହୁଛନ୍ତି ତାହା ନୁହେଁ, ବରଂ ଯୁଦ୍ଧଭୂମିରେ ଯୁଦ୍ଧ ସମୟରେ ସେମାନଙ୍କର ବ୍ୟାପକ ଯୋଗଦାନ ରହିଛି, ଯାହା ଆମେ ୟୁକ୍ରେନରେ ଦେଖିଛେ। ଏହା ସହ ନାଗରିକ ସମାଜ ଓ ଶାନ୍ତି ପାଇଁ ସ୍ୱର ଉତ୍ତୋଳନ କରିବାରେ ସେମାନଙ୍କ ପ୍ରମୁଖ ଭୂମିକା ରହିଛି। ଏ ଦୃଷ୍ଟିରୁ ଯୁଦ୍ଧ ସମୟରେ ମହିଳାମାନେ ବିପଦର ସମ୍ମୁଖୀନ ହେଉଥିଲେ ମଧ୍ୟ ବହୁ ସମୟରେ ସେମାନଙ୍କ ପ୍ରତିନିଧିତ୍ୱ ବଢ଼ାଇଥାନ୍ତି। କିନ୍ତୁ ଯେତେବେଳେ ସେମାନଙ୍କୁ ଶାନ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯାଏ, ପରେ ଯାହା ଘଟେ ଯୁଦ୍ଧରେ ସେମାନଙ୍କ ପ୍ରତିନିଧିତ୍ୱର ଲାଭ ବିପରୀତ ହୋଇଯାଏ। ବିଶେଷକରି ୟୁକ୍ରେନ ଘଟଣାରେ ଏହା ସ୍ପଷ୍ଟ ହୋଇଛି, ଯେଉଁଠି ପୁରୁଣା ଲିଙ୍ଗଗତ ମାନଦଣ୍ଡ ପୁନର୍ବାର ଦୃଢ଼ ଭାବେ ସାମ୍ନାକୁ ଆସିଛି। ଏହା ବିଶେଷକରି ଯୁଦ୍ଧ ପ୍ରଭାବିତ ତଥା ଅଧିକ ପୁରୁଷ ପ୍ରାଧାନ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଥିବା ଦେଶଗୁଡ଼ିକରେ ଦେଖାଯାଉଛି।

ଯୁଦ୍ଧସମାଧାନ, ଶାନ୍ତିପ୍ରତିଷ୍ଠା ଏବଂ ଯୁଦ୍ଧପରେ ପୁନର୍ଗଠନରେ ମହିଳାଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରୁଥିବା ନ୍ୟାୟିକ ଢାଞ୍ଚା ଏବେ ସୁଦ୍ଧା ନକାରାତ୍ମକ ଧାରାକୁ ବଦଳାଇପାରିନାହିଁ। ନ୍ୟାୟିକ ଢାଞ୍ଚା ଆଂଶିକ ରୂପେ କାର୍ଯ୍ୟକାରୀ ହେବା ଓ ପରିଚାଳନାଗତ ଆହ୍ୱାନ ଯୋଗୁ ଏଭଳି ହେଉଛି। ଉଦାହରଣ ସ୍ୱରୂପ, ଜାତିସଂଘର ସବୁ ସଦସ୍ୟ ଦେଶ ମହିଳା ଭାଗୀଦାରି ବୃଦ୍ଧି କରିବା ସହ ଏହାର ସମସ୍ତ ଶାନ୍ତି ଓ ସୁରକ୍ଷା ପଦକ୍ଷେପରେ ଲିଙ୍ଗଗତ ଦୃଷ୍ଟିକୋଣକୁ ସାମିଲ କରିବା ଆବଶ୍ୟକ ବୋଲି ୨୦୦୦ରେ ଗ୍ରହଣ କରାଯାଇଥିବା ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବନା ୧୩୨୫ରେ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ୨୦୧୮ ସୁଦ୍ଧା ଶାନ୍ତି ଚୁକ୍ତି ବା ବୁଝାମଣାରେ ସ୍ୱାକ୍ଷର କରିଥିବା ମହିଳାଙ୍କ ସଂଖ୍ୟା ଅଧିକ ବୃଦ୍ଧି ହୋଇ ନ ଥିଲା। ଶାନ୍ତି ଚୁକ୍ତିର ସଫଳତା ଓ ଶାନ୍ତି ଉପରେ ଏହାର ବଡ଼ ପ୍ରଭାବ ରହିଛି। ନିକଟରେ ମୋ ସହ-ଗବେଷକ ମାଥ୍ୟୁ କ୍ଲାନ୍ସ୍, ରୋମୁଆଲ୍ଡ ମିନଗୋ ଏବଂ ଚାର୍ଲ ଭାନ ସ୍କୁର ଓ ମୁଁ ୧୯୯୦ରୁ ୨୦୨୩ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିଗୁଡ଼ିକରେ ଲିଙ୍ଗଗତ ଭାଷା (ଯଥା ମ୍ୟାନ୍, ଗର୍ଲ, ବୟ, ହର୍, ହିଜ୍, ଫିମେଲ, ମେଲ୍, ୱାଇଫ୍, ଡଟର୍ ଇତ୍ୟାଦି)ର ବ୍ୟବହାର ସମ୍ପର୍କରେ ଅନୁଧ୍ୟାନ କରିଥିଲୁ ଏବଂ ନାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ ବ୍ୟବହାର କରିଥିଲୁ। ଆମେ ଏକ 'ଲିଙ୍ଗଗତ ଅସମାନତା' ମାନକ ସୃଷ୍ଟି କରିଥିଲୁ। ଏଥିରେ କମ୍ ସ୍କୋର କମ୍ ଲିଙ୍ଗଗତ ଭାଷା ବ୍ୟବହାର ଏବଂ ଲିଙ୍ଗ ଆଧାରିତ ପରିଣାମ ଉପରେ କମ୍ ଗୁରୁତ୍ୱ ଦିଆଯାଇଛି ବୋଲି ଦର୍ଶାଏ। ତେବେ ଆମେ ଯେଉଁସବୁ ଶାନ୍ତି ଚୁକ୍ତି ଉପରେ ସମୀକ୍ଷା କରିଥିଲୁ ସେଥିରୁ କୌଣସି ଗୋଟିଏରେ ବି ନିର୍ଦ୍ଦିଷ୍ଟ ଭାବେ ଅଧିକ ଲିଙ୍ଗଗତ ଅସମାନତା ନ ଥିଲା, କିନ୍ତୁ ସେସବୁରେ ଅଧିକ ଲିଙ୍ଗଗତ ଭାଷା ବ୍ୟବହାର ହୋଇଥିଲା, ଯାହା ମହିଳାଙ୍କ ପ୍ରତି କିଛି ସକାରାତ୍ମକ ଦୃଷ୍ଟିକୋଣ ରହିଥିଲା। କିନ୍ତୁ ଏହିସବୁ ଚୁକ୍ତି ମହିଳାଙ୍କ ପ୍ରତିନିଧିତ୍ୱରେ ଅଧିକ ଉନ୍ନତି ଆଣିବାରେ ଆଶାନୁରୂପ ଜଡ଼ିତ ନ ଥିଲା। ଅନ୍ୟପକ୍ଷରେ, ଏପରି କି ଲିଙ୍ଗଗତ ସମ୍ବେଦନଶୀଳ ଢାଞ୍ଚାଗୁଡ଼ିକ (ଯାହା ଲିଙ୍ଗଗତ ଅସମାନତାକୁ ନିର୍ଣ୍ଣୟ କରେ) କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରି ନ ଥିଲା।




ସମସ୍ୟା ହେଉଛି, ଲିଙ୍ଗ ସମ୍ପର୍କରେ ସୂଚିତ କରାଯାଇଥିଲେ ମଧ୍ୟ ଠୋସ୍ ଆବଶ୍ୟକତା ସମ୍ପର୍କରେ କିଛି ଦର୍ଶାଯାଇ ନ ଥିଲା କିମ୍ବା ସଞ୍ଚାଳନ ଓ ପ୍ରବର୍ତ୍ତନ ପ୍ରକ୍ରିୟା ବିଷୟ ଆଦୌ ନ ଥିଲା। ଉଦାହରଣ ସ୍ୱରୂପ, ଏକ ଶାନ୍ତି ଚୁକ୍ତି ମହିଳାଙ୍କ ରାଜନୈତିକ ଭାଗୀଦାରି ଉପରେ ଜୋର ଦେବା କଥା, କିନ୍ତୁ ଏହା କେତେ ରହିବ ତାହା ସ୍ଥିର କରାଯାଇନାହିଁ। ଏଣୁ ଯଦି କିଛି ଫଳ ମିଳୁଛି ତାହା ବହୁତ କମ୍। କିନ୍ତୁ ପଦକ୍ଷେପ ନିଆଯାଉଛି ବୋଲି ସୂଚିତ କରାଯାଉଛି କିନ୍ତୁ ବାସ୍ତବତା ତାହା ନୁହେଁ। ଏଣୁ ଏହି ଦୃଷ୍ଟିକୋଣ ଲିଙ୍ଗ ସମାନତାକୁ କ୍ଷତି କରିପାରେ। ଅନ୍ୟ କେତେକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ନିରସ୍ତ୍ରୀକରଣ, ସେନା ସଞ୍ଚାଳନ ବନ୍ଦ କରିବା ଏବଂ ପୁନଃ ଏକୀକରଣ (ଡିଡିଆର)କୁ ନେଇ କରାଯାଉଥିବା ଶାନ୍ତି ଚୁକ୍ତିରେ ମହିଳାଙ୍କୁ କ୍ୱଚିତ ସୂଚିତ କରାଯାଇଥାଏ। ଏହା ମହିଳା ସୈନ୍ୟଙ୍କ ଯୁଦ୍ଧ ଉପରାନ୍ତ ଥଇଥାନ ଉପରେ ପ୍ରତିକୂଳ ପ୍ରଭାବ ପକାଏ ଏବଂ ସେମାନେ ପୁରୁଷଙ୍କ ପାଇଁ ନିଆଯାଉଥିବା ପଦକ୍ଷେପରୁ ବାଦ ପଡ଼ିବାର ସମ୍ଭାବନା ଅଧିକ ଥାଏ। ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ଯୁଦ୍ଧ ସମାଧାନ ଓ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟାରେ ମହିଳାଙ୍କୁ ସାମିଲ କଲେ ସମସ୍ତଙ୍କ ପାଇଁ ସୁଫଳ ମିଳେ। ୨୦୧୮ରେ କରାଯାଇଥିବା ଏକ ସମୀକ୍ଷାରୁ ସ୍ପଷ୍ଟ ଯେ, ଶାନ୍ତି ଚୁକ୍ତିର ସ୍ୱାକ୍ଷରକାରୀ ଭାବେ ମହିଳା ପ୍ରତିନିଧିମାନଙ୍କୁ ସାମିଲ କରାଯିବା ଏବଂ ଯୁଦ୍ଧ ପର ଶାନ୍ତିର ସ୍ଥାୟିତ୍ୱ ମଧ୍ୟରେ ଦୃଢ଼ ସମ୍ପର୍କ ରହିଛି। ତେବେ ମହିଳାଙ୍କ ଦ୍ୱାରା ସ୍ୱାକ୍ଷରିତ ଚୁକ୍ତିଗୁଡ଼ିକରେ ରାଜନୈତିକ ସୁଧାର କୈନ୍ଦ୍ରିକ ଅଧିକ ପ୍ରାବଧାନ ରହିବା ଦରକାର ଏବଂ ଏହି ପ୍ରାବଧାନଗୁଡ଼ିକୁ ଅଧିକ କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

ଏଲ୍ ସାଲଭାଡରରେ ୧୯୯୨ ଚୁକ୍ତି ସେଠାରେ ଦୀର୍ଘ ୧୨ ବର୍ଷର ଗୃହ ଯୁଦ୍ଧର ଅବସାନ ଘଟାଇଥିଲା, ଯାହା ଲଢୁଆ ସୈନ୍ୟଙ୍କୁ ଲାଭ ଦେଇଥିଲା ଏବଂ ଯୁଦ୍ଧରେ ଭାଗ ନେଇ ନ ଥିବା ବିରୋଧୀ ଆନ୍ଦୋଳନର ମହିଳା ସଦସ୍ୟଙ୍କୁ ଏକୀକରଣ କାର୍ଯ୍ୟକ୍ରମରେ ସାମିଲ କରିଥିଲା। ଫଳରେ ମହିଳାମାନେ ଏକୀକରଣ ପ୍ରକ୍ରିୟାରେ ଏକ ସ୍ଥାୟୀ ଭୂମିକା ନେବା ସହ ପୁନର୍ଗଠନ ପଦକ୍ଷେପରେ ସେମାନଙ୍କର ପ୍ରମୁଖ ଯୋଗଦାନ ରହିଥିଲା। ଏକୀକରଣ ଓ ପୁନର୍ଗଠନ କାର୍ଯ୍ୟକ୍ରମ ମାଧ୍ୟମରେ ଯେଉଁ ଗୋଷ୍ଠୀଗୁଡ଼ିକ ଅଧିକ ସୁସଙ୍ଗତ ଓ ବ୍ୟବସ୍ଥିତ ସମର୍ଥନ ପାଇଲେ, ସେମାନଙ୍କର ଲିଙ୍ଗଗତ ସମାନତା ଓ ବିକାଶରେ ଅଧିକ ପ୍ରଗତି ହୋଇଥିଲା। ସେହିପରି ଲାଇବେରିଆରେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ଧରି ଲାଗି ରହିଥିବା ଗୃହଯୁଦ୍ଧର ଅବସାନ ପାଇଁ ୨୦୦୦ ଦଶନ୍ଧିର ପ୍ରାରମ୍ଭରେ ହୋଇଥିବା ବୁଝାମଣାରେ ମହିଳାଙ୍କୁ ସାମିଲ କରାଯାଇଥିଲା। ପରେ ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ କ୍ରମଶଃ ବୃଦ୍ଧି ପାଇଥିଲା। ଫଳରେ ୨୦୦୫ରେ ଲାଇବେରିଆରେ ଏଲେନ ଜନଶନ ସାର୍‌ଲିଫ୍ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ଓ ଆଫ୍ରିକାରେ ପ୍ରଥମ ମହିଳା ଭାବେ ଏହି ସଫଳତା ପାଇଥିଲେ। ଏହିସବୁ ଉଦାହରଣ ଏକ ସ୍ପଷ୍ଟ ବାର୍ତ୍ତା ଦିଏ ଯେ, ଯେକୌଣସି ଶାନ୍ତି ପ୍ରକ୍ରିୟାରେ ଆଲୋଚନା, ବୁଝାମଣା ଓ ଚୁକ୍ତି ସ୍ୱାକ୍ଷରଠାରୁ ଆରମ୍ଭ କରି ଯୁଦ୍ଧ ପରବର୍ତ୍ତୀ ସ୍ଥିରତା ଓ ପୁନର୍ଗଠନ ଯୋଜନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହିଳାଙ୍କୁ ସାମିଲ କରିବା ଉଚିତ। ସେମାନଙ୍କ ନିକଟରେ ସମସ୍ତ ଲାଭଭିତ୍ତିକ କାର୍ଯ୍ୟକ୍ରମ ଏବଂ ନିର୍ଦ୍ଦିଷ୍ଟ ଭାବେ ଲିଙ୍ଗଗତ ସମାଧାନ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ପହଞ୍ଚାଯିବା ଦରକାର।

ବ୍ୟାପକ ଦୃଷ୍ଟିରୁ ଦେଖିଲେ, ଶାନ୍ତି ପ୍ରକ୍ରିୟା ସ୍ପଷ୍ଟ ଭାବେ ମହିଳା ପ୍ରତିନିଧିତ୍ୱକୁ ସ୍ୱୀକୃତି ଦେବା ସହ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହିତ କରିବା ଦରକାର। ତେବେ ଉତ୍ତରଦାୟିତ୍ୱ କମାଇବା ଲାଗି ମହତ୍ତ୍ୱାକାଂକ୍ଷୀ ଭାଷା ଉପରେ ଭରସା କରାଯାଉଥିଲେ ମଧ୍ୟ ମହିଳାଙ୍କ ଆବଶ୍ୟକତା ଓ ଯୋଗଦାନକୁ ସ୍ୱୀକାର କରି ତା' ଉପରେ କିଛି ପଦକ୍ଷେପ ନ ନେବାର ହିଁ ମାନେ କିଛି ନାହିଁ। ବରଂ ଶାନ୍ତି ପ୍ରତିଷ୍ଠାରେ ତଥା ଯୁଦ୍ଧ ଉପରାନ୍ତ ଭବିଷ୍ୟତ ଗଢ଼ିବାରେ ମହିଳାଙ୍କ ପ୍ରତିନିଧିତ୍ୱକୁ ସମର୍ଥନ କରାଯିବା ଦରକାର। ଏଥିପାଇଁ ମହିଳାଙ୍କ ଅଧିକାର ବଜାୟ ରଖିବା ଓ ସବୁ ପ୍ରକାର ନୀତି ନିର୍ଦ୍ଧାରଣରେ ସେମାନଙ୍କ ଭାଗୀଦାରିକୁ ବଢ଼ାଇବା ଲାଗି ଦୃଢ଼ ତଥା ଲାଗୁହେବା ଯୋଗ୍ୟ ପଦକ୍ଷେପ ନିଆଯିବା ଆବଶ୍ୟକ।

**ସହ-ପ୍ରାଧ୍ୟାପିକା(ଅର୍ଥନୀତି), ପ୍ରିଟୋରିଆ ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଆଫ୍ରିକା**

# ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ



ଡି. ଶୁଭମ୍

ସାଧାରଣତଃ ମାଣ୍ଡିଆ ଏକ କ୍ଷୁଦ୍ର ଦାନାଯୁକ୍ତ, ଗରମ ଦିନିଆ ଫସଲ। ଏଥିରେ ଅଧିକ ପରିମାଣରେ ପ୍ରୋଟିନ୍, ଫାଇବର, ନିଆସିନ୍, ଥାଏମିନ୍, ରାଇବୋଫ୍ଲାବିନ୍, ମିଥିଓନାଇନ, ଲେସିଥିନ୍ ଓ ଭିଟାମିନ -ଇ ଥାଏ। ଏହା ବିଭିନ୍ନ ପ୍ରକାର ଖଣିଜ ଲବଣ ଯଥା ଆଇରନ୍, ମାଗ୍ନେସିୟମ, କ୍ୟାଲସିୟମ ଓ ପଟାସିୟମରେ ଭରପୂର ଥାଏ। ସମୟ ଥିଲା ଲୋକମାନେ ନିଜ ଫୁଡ୍ ମେନୁ ଅବା ଖାଦ୍ୟଥାଳିରେ ମାଣ୍ଡିଆକୁ ଗ୍ରହଣ କରୁ ନ ଥିଲେ। ବୋଧହୁଏ ଏ ଦିଗରେ ସେତେଟା ପ୍ରଚାର ପ୍ରସାର ହୋଇ ନ ଥିବାରୁ ଏହା ଲୋକମାନଙ୍କଠାରୁ ଦୂରରେ ଥିଲା। କିନ୍ତୁ ସମୟ ବଦଳିଛି। ଲୋକଙ୍କ ଖାଦ୍ୟଥାଳିରେ ମାଣ୍ଡିଆ ପରଷା ଯାଉଛି। ଏହା ହିଁ ତ ପରିବର୍ତ୍ତନ। ଆମ ରାଜ୍ୟ ଓଡ଼ିଶା ବି ଏବେ ମାଣ୍ଡିଆ ଉତ୍ପାଦନରେ ବେଶ୍ ଆଗରେ ଅଛି। ସୁଦୂର ସୁନ୍ଦରଗଡ଼ଠୁ ଆରମ୍ଭ କରି ସୀମାନ୍ତ ମୟୂରଭଞ୍ଜ ଯାଏ ସବୁଠି ଏବେ ମାଣ୍ଡିଆର ମହକରେ ମହକିତ ହେଉଛି।

ଦେଶୀମାଣ୍ଡିଆ କଥା କହିଲେ ଆମେ ସବୁବେଳେ କୋରାପୁଟର କଥା ପ୍ରଥମେ ଭାବିଥାଉ। ଦେଶୀ ବିହନ, ଦେଶୀଚାଷ ଏସବୁର ସଂଜ୍ଞା ଏବେ ବୁଝାଇବାର ଆବଶ୍ୟକତା ନାହିଁ। କିନ୍ତୁ ଯେଉଁ ଦେଶୀମାଣ୍ଡିଆ ପାଇଁ ଓଡ଼ିଶା ତା'ର ପରିଚୟ ବହନ କରିଥିଲା ଆମର ଉତ୍ତରଦାୟିତ୍ୱ ଦେଶୀମାଣ୍ଡିଆର ଉପଯୁକ୍ତ ସଂରକ୍ଷଣ। ତେବେ ଏ ଦିଗରେ କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକର ଗଠନ ଅପରିହାର୍ଯ୍ୟ। ଯାହାସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ଆବଶ୍ୟକତାକୁ ମେଣ୍ଟାଇବାରେ ସାହାଯ୍ୟ କରିପାରିବ। ଓଡ଼ିଶାରେ କାଳିଆ ମାଣ୍ଡିଆ, ବଡ଼ତାରା ମାଣ୍ଡିଆ, ଜାମମାଣ୍ଡିଆ ପରି ବିହନକୁ ନିଜେ ସଂରକ୍ଷଣ କରିବା ସହ ଚାଷୀମାନେ ଆଖପାଖର ଗାଁଲୋକମାନଙ୍କୁ ଚାଷକରିବାକୁ ଦେଇଥାନ୍ତି। ପ୍ରତିବଦଳରେ ଚାଷ ପରେ ସେହି ବିହନକୁ ପୁଣି ସେମାନେ ଦେଇଥିବା ଚାଷୀଙ୍କୁ ଫେରାଇଥାନ୍ତି। ସତରେ କେଡ଼େ ନିଆରା ପ୍ରୟାସ। ବାସ୍ତବରେ ଆମ ଦେଶୀବିହନ ଆଜି ବିଳାପ କରୁଛି। ଅନ୍ତର୍ଜାତୀୟ କୃଷିବିଜ୍ଞାନୀ ରୋନିଭେରୋନ କହିଥିଲେ, ଉତ୍ତମ ଗୁଣ ଥିବା ଦେଶୀବିହନଗୁଡ଼ିକ ଆମ ପରବର୍ତ୍ତୀ ପିଢ଼ିପାଇଁ ଏକ ଶୁଭସଙ୍କେତ। ଏ ଦିଗରେ କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ସ୍ୱରୂପ ଗଠନ ହେବା ଜରୁରୀ। କାରଣ ଏଥିରେ ଅନ୍ତର୍ଭୁକ୍ତ ଚାଷୀମାନେ ବିହନର ବିପଣନ, ଅମଳ, ସଂରକ୍ଷଣ ତଥା ଏହାର ଗୁଣାତ୍ମକ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥାନ୍ତି। ବିଶେଷକରି ଜଳବାୟୁର ଏହି ଅନିୟମିତତା ସମୟରେ ଏହି କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକର ଏକ ବଡ଼ ଭୂମିକା ରହିଥାଏ। ଏହା ମାଧ୍ୟମରେ ଚାଷୀମାନେ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତକରି ଏହାର ଉତ୍ପାଦନ ତଥା ବିକ୍ରୟ ଉପରେ ଗୁରୁତ୍ୱ ଦେଇଥାନ୍ତି। ଏହା ବ୍ୟତୀତ ଜାତୀୟସ୍ତରରେ 'ସିଡ୍ ଫର ନିଡ୍' ଉପରେ ଅନେକ ଗୁରୁତ୍ୱ ଦିଆଯାଇଛି। ଯାହା କୃଷିକ୍ଷେତ୍ରରେ ବିବିଧତାକୁ ରକ୍ଷାକରିବା ଦିଗରେ ମୁଖ୍ୟ ଭୂମିକା ନେଇଛି। ମୁଖ୍ୟତଃ ଏହି ପ୍ରୟାସଗୁଡ଼ିକ ଚାଷୀମାନଙ୍କୁ ଏକତ୍ରକରି ଏକ ମଧୁମୟ ଭବିଷ୍ୟତ ଗଠନ ସହ ଖାଦ୍ୟ ନିରାପତ୍ତାକୁ କିପରି ମୁକାବିଲା କରାଯାଇ ପାରିବ, ସେ ଦିଗରେ ପ୍ରବର୍ତ୍ତାଇଥାଏ। ଯାହା ସ୍ଥାନୀୟ ସ୍ତରରେ ଚାଷୀମାନଙ୍କ ମଧ୍ୟରେ ଏହି ଦେଶୀ ବିହନକୁ ନେଇ ସଚେତନତା ବୃଦ୍ଧିକରିଥାଏ। ଏହି କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକ ବିଗତ ୨୦ ବର୍ଷ ମଧ୍ୟରେ ଚାଷୀମାନଙ୍କ ଅଧିକାର ଉପରେ କାମକରୁଛି। ଏହି ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ ମାଧ୍ୟମରେ ଆମେ ଶ୍ରୀଅନ୍ନର ଅଧିକ ପ୍ରସାର କରିପାରିବା।

କେବଳ ପୁଷ୍ଟି ଶସ୍ୟରେ ସୀମିତ ନ ରହି ମାଣ୍ଡିଆ ଆଜି ଏକ ବିପ୍ଳବ ସୃଷ୍ଟିକରିଛି। ତେବେ କମ୍ୟୁନିଟି ସିଡ୍ ବ୍ୟାଙ୍କ ମାଧ୍ୟମରେ ଆମେ ଶ୍ରୀଅନ୍ନର ବିହନ ସଂରକ୍ଷଣ ଉପରେ ଅଧିକ ଧ୍ୟାନ ଦେଇପାରିବା। ଅନେକ ଚାଷୀ ଏବେ ମାଣ୍ଡିଆର ବିଭିନ୍ନ କିସମକୁ ସଂରକ୍ଷଣ କରିବା ଦିଗରେ ମଧ୍ୟ ଧ୍ୟାନ ଦେଉଛନ୍ତି। ଏପରିକି ଓଡ଼ିଶା ମାଣ୍ଡିଆର ଚାରୋଟି ଭୂପ୍ରଜାତି ଯଥା -କୁନ୍ଦ୍ରାବାଟି, ମାଲ୍ୟବନ୍ତ ମାମି, ଗୁପ୍ତେଶ୍ୱର ଭାରତୀ ଓ ଲକ୍ଷ୍ମୀପୁର କାଳିଆ ଜାରି କରିବାରେ ପ୍ରଥମ ରାଜ୍ୟ। କୃଷିଭିତ୍ତିକ ରାଜ୍ୟ ଓଡ଼ିଶାରେ ଏହି ବିହନ ବ୍ୟାଙ୍କଗୁଡ଼ିକର ଆବଶ୍ୟକତା ରହିଛି। ଅନେକ ବେସରକାରୀ ସଂସ୍ଥା ଏ ଦିଗରେ ନିଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରୁଛନ୍ତି। କେବଳ ଜୈବକୃଷି ନାରା ଦେଇ ଆମେ ଚୁପ୍‌ରହିଲେ ହେବ ନାହିଁ ବରଂ ଏହାର ବାସ୍ତବତାକୁ ଉପଲବ୍ଧି କରିବା ସହ ଆମେ ବିଲୁପ୍ତହେବାକୁ ଯାଉଥିବା ଏହି ଦେଶୀ ବିହନଗୁଡ଼ିକର ସଂରକ୍ଷଣ ଦିଗରେ ଅଣ୍ଟାଭିଡ଼ିବା।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ:୯୪୩୮୪୬୭୦୭୯**

## ଏଇ ଭାରତରେ

ମହାରାଷ୍ଟ୍ର ଠାଣେର ହେନିକ ଗାଲା ଓ ଶ୍ରେୟାସ ଜଲାପୁର ସ୍କୁଲରେ ପଢ଼ିବାବେଳେ ଜଣେ କବାଡିବାଲାଙ୍କ କାର୍ଯ୍ୟକୁ ଦେଖୁଥିଲେ। ଏହି ଦୁଇ ବନ୍ଧୁ ସ୍କୁଲ ଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ଲାଭ କରିବା ପରେ କବାଡିବାଲାଙ୍କ କାମର ଗୁରୁତ୍ୱକୁ ଉପଲବ୍ଧି କରି ବର୍ଜ୍ୟ ସଂଗ୍ରହ ଓ ସେଗୁଡ଼ିକର ରିସାଇକ୍ଲିଂ କରୁଛନ୍ତି। ସେମାନେ 'ସ୍କ୍ରାପ୍ ଜି'ଷ୍ଟାର୍ଟଅପ ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଏହାକୁ ସେମାନେ ୨୦୨୩ରେ ପ୍ରତିଷ୍ଠା କରିଥିଲେ। ପ୍ରତି ମାସରେ ସେମାନେ ୧୦,୦୦୦ କେଜି ବର୍ଜ୍ୟ ରିସାଇକ୍ଲିଂ କରିବାକୁ ସକ୍ଷମ ହେଉଛନ୍ତି। ସେମାନଙ୍କ ସହ ଅନେକ ଯୁବକ ମଧ୍ୟ ଯୋଗଦେଇଛନ୍ତି । ମୁଖ୍ୟତଃ ଖବରକାଗଜ, ପ୍ଲାଷ୍ଟିକ, ଧାତବ ଓ ଇ ବର୍ଜ୍ୟ ଲୋକଙ୍କଠାରୁ ସଂଗ୍ରହ କରାଯାଉଛି। ଏବେ ସୁଦ୍ଧା ୨୦୦୦ରୁ ଉର୍ଦ୍ଧ୍ୱ ପରିବାରୁ ଏସବୁ ସଂଗ୍ରହ ହେଉଛି ଓ ସେମାନଙ୍କୁ ମଧ୍ୟ ଏବାବଦରେ ଟଙ୍କା ଦିଆଯାଉଛି। ୱେବ୍‌ସାଇଟ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ଏହିସବୁ ପରିବାର ସହ ଯୋଗାଯୋଗ ରଖିଛନ୍ତି ଏବଂ ଠିକ୍ ସମୟରେ ଗାଡ଼ିରେ ପରିବାରଗୁଡ଼ିକରୁ ବର୍ଜ୍ୟ ଆଣିବାର ବ୍ୟବସ୍ଥା କରିବା ସହ ରିସାଇକ୍ଲିଂ ସେଣ୍ଟରକୁ ପଠାଯାଉଛି। ସ୍କ୍ରାପ ଜି' କାରବାର ଏବେ ୨୫ ଲକ୍ଷ ଟଙ୍କାକୁ ଟପିଗଲାଣି ଓ ୨୦୨୫ ସୁଦ୍ଧା ୧ କୋଟି ଟଙ୍କାରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି ଏହି ଦୁଇବନ୍ଧୁ।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୨୩ ମେ ୧୯୭୬

- ଯୌତୁକ ଦେବା କିମ୍ବା ଗ୍ରହଣ କରିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ପଞ୍ଜାବରେ ଆଇନ ପ୍ରଣୟନ କରାଯାଇଛି।
- ଭାରତର ପ୍ରଥମ ସମୁଦ୍ର ଶଯ୍ୟାସ୍ଥିତ ତୈଳ ଉତ୍ପାଦନ କେନ୍ଦ୍ର 'ବମ୍ବେ ହାଇ'ରୁ ବ୍ୟାବସାୟିକ ସୂତ୍ରରେ ତୈଳ ଉତ୍ପାଦନ କାର୍ଯ୍ୟ ଆରମ୍ଭ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 5 | | | | |
| 4 | | | 1 | | | | | 3 |
| | | 1 | | | | | | 2 |
| | | 5 | | | | | | |
| 2 | | | | | 3 | | 9 | |
| | | 3 | | 7 | | | 6 | |
| | 4 | | 8 | 1 | | | | |
| | | 8 | | | | 2 | 1 | |
| | 7 | | | | | 6 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 4 | 7 | 9 | 6 | 5 | 2 | 3 |
| 5 | 2 | 7 | 8 | 1 | 3 | 4 | 9 | 6 |
| 6 | 9 | 3 | 4 | 5 | 2 | 8 | 7 | 1 |
| 7 | 3 | 5 | 9 | 4 | 1 | 6 | 8 | 2 |
| 9 | 8 | 1 | 2 | 6 | 5 | 7 | 3 | 4 |
| 4 | 6 | 2 | 3 | 8 | 7 | 9 | 1 | 5 |
| 1 | 7 | 6 | 5 | 2 | 8 | 3 | 4 | 9 |
| 2 | 4 | 8 | 6 | 3 | 9 | 1 | 5 | 7 |
| 3 | 5 | 9 | 1 | 7 | 4 | 2 | 6 | 8 |

ଗତକାଲିର ଉତ୍ତର

# ଜଳସଙ୍କଟର ସମାଧାନ



ବରେଣ୍ୟ ଦାସ

ଜଳ ହେଉଛି ଜୀବନର ମୂଳାଧାର, କିନ୍ତୁ ଭାରତରେ ଜଳସଙ୍କଟ ଏକ ଗମ୍ଭୀର ଚ୍ୟାଲେଞ୍ଜ ଭାବେ ଉଭାହୋଇଛି। ନୀତି ଆୟୋଗର ୨୦୧୮ ରିପୋର୍ଟ ଅନୁସାରେ ଭାରତର ୬୦୦ ନିୟୁତ (୪୫% ଜନସଂଖ୍ୟା) ଲୋକ ଅତି ଗମ୍ଭୀର ଜଳସଙ୍କଟର ସମ୍ମୁଖୀନ ହେଉଛନ୍ତି। ୨୦୩୦ ସୁଦ୍ଧା ଦେଶର ଜଳ ଚାହିଦା ଉପଲବ୍ଧ ଜଳର ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି। ଭାରତ ବିଶ୍ୱ ଜନସଂଖ୍ୟାର୧୮% ଅଧିକାର କରୁଥିବା ସତ୍ତ୍ୱେ, ମାତ୍ର ୪% ମଧୁର ଜଳସମ୍ପଦ ରହିଛି। ଜଣେ ବ୍ୟକ୍ତିଙ୍କ ପାଇଁ ଜଳ ଉପଲବ୍ଧତା ୧୧୦୦ଘନମିଟର, ଯାହା ଜଳ ଅଭାବର ଅନ୍ତର୍ଜାତୀୟ ସୀମା (୧୭୦୦ଘନମିଟର)ଠାରୁ କମ୍। ମୌସୁମୀ ବର୍ଷାରେ ଅସମତା ଏହି ସମସ୍ୟାକୁ ଜଟିଳ କରୁଛି। ଉଦାହରଣ ସ୍ୱରୂପ, ୨୦୧୯ରେ ମହାରାଷ୍ଟ୍ର, ତାମିଲନାଡୁ ଓ କର୍ନାଟକ ଭଳି ରାଜ୍ୟଗୁଡ଼ିକ କମିଥିଲା, ଯାହା ପାଇଁ ଜଳାଶୟଗୁଡ଼ିକ ହ୍ରାସ ପାଇଥିଲା। ଭାରତର ୮୫% ପାନୀୟ ଓ କୃଷି ଜଳ ଭୂମିଗତ ଜଳ ଉପରେ ନିର୍ଭର କରେ। କେନ୍ଦ୍ରୀୟ ଭୂମିଗତ ଜଳ ବୋର୍ଡ (ସିଜିଡବ୍ଲୁବି)ଅନୁସାରେ ୧୪୬୦ବ୍ଲକ ମଧ୍ୟରୁ ୨୫୬ଟିରେ ଜଳସ୍ତର 'ଗମ୍ଭୀର' ବା 'ଅତ୍ୟଧିକ ଶୋଷିତ' ଶ୍ରେଣୀରେ। ପଞ୍ଜାବରେ ୭୯% ଓ ହରିୟାଣାରେ ୬୧% ଭୂମିଗତ ଜଳ ଅଞ୍ଚଳ ଅତ୍ୟଧିକ ଶୋଷିତ। ବିଶ୍ୱବ୍ୟାଙ୍କର ୨୦୧୮ରିପୋର୍ଟ ଅନୁସାରେ ଭାରତ ବାର୍ଷିକ୨୫୧ବିଲିୟନ ଘନମିଟର ଭୂମିଗତ ଜଳ ଉତ୍ତୋଳନ କରୁଛି, ଯାହା ବିଶ୍ୱର ସର୍ବାଧିକ।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ, ଭାରତର ୭୦% ଉପରିସ୍ଥ ଜଳ ପ୍ରଦୂଷିତ। ଗଙ୍ଗାନଦୀରେ ୨୭୫ ସହରରୁ ୬୦୦୦କୋଟି ଲିଟର ଜଳ ନିଷ୍କାସନ ହେଉଛି, ଯାହାର ୮୦% ଅଶୋଧିତ। ଏହା ସହ କୃଷିରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକ ଯୋଗୁ ୩୦% ଭୂମିଗତ ଜଳ ଆର୍ସେନିକ, ଫ୍ଲୋରାଇଡ ଓ ନାଇଟ୍ରେଟ୍‌ଦ୍ୱାରା ଦୂଷିତ। ଏହା ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକରୁଛି, ଯେଉଁଠାରେ ପ୍ରତିବର୍ଷ ୧.୫ ନିୟୁତ ଶିଶୁ ଅପରିଷ୍କାର ଜଳଜନିତ ରୋଗରେ ମୃତ୍ୟୁବରଣ କରୁଛନ୍ତି। କୃଷିକ୍ଷେତ୍ର ଭାରତର ୮୫% ମଧୁରଜଳ ବ୍ୟବହାର କରୁଛି, କିନ୍ତୁ ଅତ୍ୟଧିକ ଜଳସେଚନ ଯୋଗୁ ୬୫% ଜଳନଷ୍ଟ ହେଉଛି। ସହରୀ ଜଳବଣ୍ଟନରେ ଲିକେଜ ଯୋଗୁ ମୁମ୍ବାଇରେ ୩୫% ଓ ଦିଲ୍ଲୀରେ ୪୦% ଜଳ ନଷ୍ଟ ହେଉଛି। ଏହା ସହିତ, ଜଳସଂରକ୍ଷଣ ପାଇଁ ଅପର୍ଯ୍ୟାପ୍ତ ନିବେଶ ଓ ଅବ୍ୟବସ୍ଥାପନା ସଙ୍କଟକୁ ବୃଦ୍ଧିକରୁଛି।

ଜଳସଙ୍କଟ ମହିଳା ଓ ଶିଶୁମାନଙ୍କୁ ଅଧିକ ପ୍ରଭାବିତ କରୁଛି। ଗ୍ରାମାଞ୍ଚଳରେ ମହିଳାମାନେ ଦୈନିକ ୩-୪ଘଣ୍ଟା ପାଣି ଆଣିବାରେ ବ୍ୟୟ କରନ୍ତି, ଯାହା ସେମାନଙ୍କ ଶିକ୍ଷା ଓ ରୋଜଗାର ସୁଯୋଗକୁ ସୀମିତ କରୁଛି ଓ ଅର୍ଥନୀତିରେ୧.୫% ଜିଡିପି ହ୍ରାସ ଘଟାଉଛି। ଅପରିଷ୍କାର ଜଳ ଯୋଗୁ ପ୍ରତିବର୍ଷ ୪ଲକ୍ଷ ଲୋକ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଜଳ ସଙ୍କଟର ମୂଳ କାରଣଗୁଡ଼ିକ ଶିଳ୍ପାୟନ, ସହରୀକରଣ, ଜଳବାୟୁ ପରିବର୍ତ୍ତନ ଓ ନୀତିଗତ ଅସଙ୍ଗତି। ଭାରତର ଜନସଂଖ୍ୟା ୧୯୫୧ରେ ୩୬ କୋଟି ଥିବାବେଳେ ୨୦୨୫ରେ ୧୪୦କୋଟି ଅତିକ୍ରମ କରିଛି, ଯାହା ଜଳ ଚାହିଦାକୁ ୩୦୦% ବୃଦ୍ଧିକରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ମୌସୁମୀ ବର୍ଷାରେ୧୫-୨୦% ଅନିୟମିତତା ଦେଖାଦେଇଛି, ଯାହା ଜଳାଶୟ ଓ ନଦୀଗୁଡ଼ିକୁ ହ୍ରାସକରିଛି। ଉଦାହରଣ ସ୍ୱରୂପ ୨୦୧୯ରେ ଚେନ୍ନାଇରେ ଜଳସଙ୍କଟ ଏତେ ଗମ୍ଭୀର ହୋଇଥିଲା ଯେ ୨୦୦କିଲୋମିଟର ଦୂରରୁ ଟ୍ରେନ୍ ଯୋଗେ ୧୦ନିୟୁତ ଲିଟର ଜଳ ଆଣିବାକୁ ପଡ଼େ।



ଭାରତରେ ଜଳସଙ୍କଟ ନିରାକରଣ ପାଇଁ ପରିମାଣଗତ ଓ ବାସ୍ତବ ସମ୍ମତ ସମାଧାନ ଆବଶ୍ୟକ। ଏକ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଏହି ସଙ୍କଟକୁ ୨୦୩୦ ସୁଦ୍ଧା ୫୦% ହ୍ରାସ କରାଯାଇ ପାରେ। ବର୍ଷାଜଳ ସଂଗ୍ରହ ଓ ଭୂମିଗତ ଜଳ ରିଚାର୍ଜ ଉପରେ ଗୁରୁତ୍ୱଦେବା ଆବଶ୍ୟକ। ଉଦାହରଣ ସ୍ୱରୂପ ମହାରାଷ୍ଟ୍ରର ଜଳଯୁକ୍ତ ଶିବାର ପ୍ରକଳ୍ପ ୨୦୧୬-୨୦୨୦ ମଧ୍ୟରେ ୨୨,୦୦୦ ଗ୍ରାମରେ ୫୦,୦୦୦ ଜଳସଂରକ୍ଷଣ ସ୍ଟ୍ରକଚର ନିର୍ମାଣ କରି ଭୂମିଗତ ଜଳସ୍ତର ୧.୫ ମିଟର ବୃଦ୍ଧି କରିଛି। ଏହି ମଡେଲକୁ ଦେଶବ୍ୟାପୀ ୫୦୦,୦୦୦ ସ୍ଟ୍ରକଚର ନିର୍ମାଣ କରି ବାର୍ଷିକ ୧୦୦ ବିଲିୟନ ଘନମିଟର (ବିସିଏମ୍) ଜଳ ସଂରକ୍ଷଣ କରାଯାଇ ପାରିବ।

କୃଷିକ୍ଷେତ୍ରରେ ଜଳସେଚନ ଦକ୍ଷତା ବୃଦ୍ଧି କରାଯାଇପାରେ। ୨୦୨୮ ସୁଦ୍ଧା କୃଷିଜଳ ବ୍ୟବହାର ୪୦% ହ୍ରାସକରି ୧୫୦ ବିସିଏମ୍ ଜଳ ସଂରକ୍ଷଣ କରାଯାଇପାରିବ। ଏଥିପାଇଁ ଡ୍ରିପ ଓ ସ୍ପ୍ରିଙ୍କଲର ଜଳସେଚନକୁ ୫୦% କୃଷକଙ୍କ ମଧ୍ୟରେ ପ୍ରୋତ୍ସାହିତ କରାଯାଇପାରିବ। ଉଦାହରଣ ସ୍ୱରୂପ ଗୁଜରାଟରେ ଡ୍ରିପ ଜଳସେଚନ ୩୦% ଜଳ ସଂରକ୍ଷଣ କରିଛି ଓ ଫସଲ ଉତ୍ପାଦନ ୨୦% ବୃଦ୍ଧି କରିଛି।

ଜଳପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ପ୍ରତି ସହରରେ ଅପଶିଷ୍ଟ ଜଳଶୋଧନ ପ୍ଲାଣ୍ଟ (ଏସ୍‌ଟିପି) ସ୍ଥାପନ କରାଯାଇପାରେ। ଯେମିତି ସୁରଟରେ ୧୧୫ଟି ଏସ୍‌ଟିପ ୨୦୨୦ରେ ୩୦% ଅପଶିଷ୍ଟ ଜଳ ପୁନଃବ୍ୟବହାର କରିଛି। ଦେଶବ୍ୟାପୀ ୫୦୦୦ ଏସ୍‌ଟିପି ସ୍ଥାପନ କରି ବାର୍ଷିକ ୧୮,୨୫୦ ନିୟୁତ ଲିଟର ଜଳ ପୁନଃ ବ୍ୟବହାର କରାଯାଇପାରେ। ଏହା ସହିତ, ଶିଳ୍ପପାଇଁ 'ଜିରୋଲିକ୍ୱିଡ ଡିସ୍‌ଚାର୍ଜ' ନୀତି କଠୋର କାର୍ଯ୍ୟକାରୀ କରିବା ଆବଶ୍ୟକ।

ସହରୀ ଜଳବଣ୍ଟନ ବ୍ୟବସ୍ଥାରେ ଉନ୍ନତି କରିବା ଆବଶ୍ୟକ। ୨୦୨୮ ସୁଦ୍ଧା ସହରୀ ଜଳ ଲିକେଜ ୧୫%କୁ ହ୍ରାସ କରି ୨୦ ବିସିଏମ୍ ଜଳ ସଂରକ୍ଷଣ କରାଯାଇପାରିବ। ସ୍ମାର୍ଟମିଟରିଂ ଓ ପାଇପଲାଇନ ମରାମତି ମାଧ୍ୟମରେ ଜଳବଣ୍ଟନ ଦକ୍ଷତା ବୃଦ୍ଧି କରାଯାଇପାରେ। ବେଙ୍ଗାଲୁରୁରେ ସ୍ମାର୍ଟମିଟରିଂ ମାଧ୍ୟମରେ୧୫% ଜଳ ନଷ୍ଟ ହ୍ରାସ କରାଯାଇଛି।

ସାମୁଦାୟିକ ଅଂଶଗ୍ରହଣ ଓ ସଚେତନତାକୁ ପ୍ରୋତ୍ସାହନ ଆଉ ଗୋଟିଏ ଉପାୟ। ୨୦୩୦ ସୁଦ୍ଧା ୭୫% ଗ୍ରାମପଞ୍ଚାୟତରେ ଜଳ ସଂରକ୍ଷଣ କମିଟି ଗଠନ କରାଯାଇପାରେ। ସ୍ଥାନୀୟ ସ୍ତରରେ ଜଳ ବ୍ୟବସ୍ଥାପନା ପାଇଁ ଗ୍ରାମବାସୀଙ୍କୁ ଟ୍ରେନିଂ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରେ। ଯେମିତି ରାଜସ୍ଥାନର ତରୁଣ ଭାରତ ସଙ୍ଗଠନ ୧୦୦୦ ଗ୍ରାମରେ ଜଳସଂରକ୍ଷଣ କମିଟି ଗଠନ କରି ୨୫% ଜଳ ବ୍ୟବହାର ହ୍ରାସ କରିଛି।

ଭାରତର ଜଳସଙ୍କଟ ଏକ ବହୁମୁଖୀ ସମସ୍ୟା, ଯାହା ଦେଶର ସ୍ଥାୟୀ ଉନ୍ନୟନକୁ ବାଧା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ସରକାର, ସମାଜ ଓ ବ୍ୟକ୍ତିଗତ ସ୍ତରରେ ଦୃଢ଼ ପ୍ରତିବଦ୍ଧତା ଆବଶ୍ୟକ। ନୀତିଗତ ସଂସ୍କାର, ପ୍ରଯୁକ୍ତିଗତ ନବୋନ୍ମେଷ ଓ ସାମୁଦାୟିକ ସହଯୋଗ ମାଧ୍ୟମରେ ଜଳ ସମ୍ପଦର ଠିକ ବ୍ୟବହାର ଓ ସୁରକ୍ଷା ସମ୍ଭବ। ଏକ ସମୃଦ୍ଧ ଓ ସୁସ୍ଥ ଭାରତ ଗଠନ ପାଇଁ ଜଳ ସଙ୍କଟର ନିରାକରଣ ଅତ୍ୟନ୍ତ ଜରୁରୀ। ସମୟୋଚିତ ଓ ସମନ୍ୱିତ ପ୍ରୟାସ ଦ୍ୱାରା ଆମେ ଆଗାମୀ ପିଢ଼ି ପାଇଁ ଜଳ-ସୁରକ୍ଷିତ ଭବିଷ୍ୟତ ନିଶ୍ଚିତ କରିପାରିବା।

**କୋଲକାତା**
**ମୋ: ୮୩୩୫୯୪୯୪୭୭**

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ ବଞ୍ଚାଯାଉ

ମହାଶୟ,

ବିଏମ୍‌ସି ଅଧୀନରେ ଥିବା କାର୍‌ଗିଲ ରୋଡ୍ ଓ ପୋଖରୀପୁଟ ଛକଠାରୁ ମଧୁସୂଦନ ପାର୍କ ପର୍ଯ୍ୟନ୍ତ ଜଳ ନିଷ୍କାସନ ନିମିତ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଆଳରେ ପାର୍କ ପାର୍ଶ୍ୱରେ ଥିବା ଶହ ଶହ ଗଛ କଟାଯାଉଛି। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ଗଛ ଶୂନ୍ୟ ହୋଇଯିବ। ଗଛ ବଞ୍ଚାଇବା ପାଇଁ ଉଦ୍ୟମ ହେବା ଉଚିତ। ଗଛକୁ ଛାଡ଼ି ନିକଟସ୍ଥ ଫୁଟ୍‌ପାଥ୍‌ରେ ଡ୍ରେନ୍ ନିର୍ମାଣ କରାଗଲେ କିଛି ଅସୁବିଧା ହେବନାହିଁ। ବିଡିଏ ବୃକ୍ଷ ରୋପଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଡ୍ରେନ୍ ନିର୍ମାଣ ଆଳରେ ବୃକ୍ଷ କାଟିବା କାହା ସ୍ୱାର୍ଥରେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଗଛ ବଞ୍ଚାଇବା ସଙ୍ଗେ ସଙ୍ଗେ ଡ୍ରେନ୍ ନିର୍ମାଣ କଲେ ଜନସାଧାରଣ ଉପକୃତ ହେବେ।

**-ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

## ଚିରନ୍ତନୀ

ଜୀବନର ଭାବନାରେ
ବହିଯାଏ ମୋର ପ୍ରତିକ୍ଷଣ,
ନାହିଁ ବେଳ କରିବାକୁ
ମୁକ୍ତି ଅବା ମୃତ୍ୟୁର ଚିନ୍ତନ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବୀପ୍ରିୟା



@ ବାପୁ



@ନରେଶ



@ ପ୍ରଭାସ୍

# ଲିଫ୍ଟରେ ଫସିଲେ ରୋଗୀ, ସମ୍ପର୍କୀୟ

**■୨ରୁ ଅଢ଼େଇ ଘଣ୍ଟା ଅନ୍ଧାର ରହିଲା ନ୍ୟୁ ମେଡିସିନ ବିଭାଗ**

**■ଏସ୍‌ସିବି ମେଡିକାଲରେ ବିଦ୍ୟୁତ କାଟ୍**

କଟକ,୨୨।୫(ଶିକ୍ଷା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ମେଡିକାଲର ନ୍ୟୁ ମେଡିସିନ ବିଭାଗ ବୁଧବାର ରାତିରେ ପ୍ରାୟ ୨ରୁ ଅଢ଼େଇ ଘଣ୍ଟା ଅନ୍ଧାର ରହିଥିଲା। ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁ ଏଭଳି ସ୍ଥିତି ଉପୁଜିଥିଲା। ହେଲେ କାମରେ ଆସିଲାନି ଜେନେରେଟର। କେବଳ ଏତିକି ନୁହେଁ, ବିଦ୍ୟୁତ କାଟ୍ ଯୋଗୁ ରୋଗୀ ଓ ସମ୍ପର୍କୀୟ ଉକ୍ତ ବିଭାଗର ଲିଫ୍ଟରେ ବହୁ ସମୟ ଧରି ଫସି ରହିଥିଲେ। ତେବେ ଉକ୍ତ କୋଠା ଅନ୍ଧାର ଓ ଲିଫ୍ଟ ବନ୍ଦ ହେବାରୁ ଫସିଥିବା ରୋଗୀ ଓ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଥିଲା। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୮ଟା ବେଳେ ମେଡିକାଲରେ ବାରମ୍ବାର ବିଦ୍ୟୁତ କାଟ୍ ହୋଇଥିଲା। ଫଳରେ ମେଡିକାଲର ନ୍ୟୁ ମେଡିସିନ ବିଭାଗରେ ୨ରୁ ଅଢ଼େଇ ଘଣ୍ଟା ଧରି ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଇଥିଲା। ପ୍ରଥମେ ରାତି ୧୧ଟାରେ ବିଦ୍ୟୁତ୍ କାଟ୍ ହୋଇଥିଲା। ଅଧାଘଣ୍ଟା ଯାଏ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିଲା। ସେହି ସମୟରେ ଡିଜି ସଂଯୋଗ କରାଯାଇଥିଲା। କିନ୍ତୁ ଡିଜିରେ ତେଲ ସରିବାରୁ ଅଧାଘଣ୍ଟା ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ରାତି ପ୍ରାୟ ୧ଟାରୁ ୨ଘଣ୍ଟା ଯାଏ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିଲା। ଫଳରେ ଲିଫ୍ଟରେ ରୋଗୀଙ୍କୁ ନେଇ ଯାଉଥିବା ସମ୍ପର୍କୀୟ ଅନ୍ଧାରରେ ଅଟକି ରହିଥିଲେ। ରୋଗୀଙ୍କ ଅନ୍ୟ ସମ୍ପର୍କୀୟ ବାହାରେ ଥିବାରୁ ମେଡିକାଲ କର୍ମଚାରୀଙ୍କୁ ଏହି ବିଷୟରେ ଜଣାଇଥିଲେ। ମେଡିକାଲ କର୍ମଚାରୀ ଓ ଲିଫ୍ଟ ଅପରେଟରଙ୍କ ପ୍ରଚେଷ୍ଟାରୁ ଲିଫ୍ଟକୁ ମାନୁଆଲି ତଳକୁ ଖସା ଯାଇଥିଲା। ରୋଗୀ ଓ ସମ୍ପର୍କୀୟ କିଛି ସମୟ ଅନ୍ଧାରରେ ଲିଫ୍ଟରେ ଫସି ଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଥିଲା। ତେବେ ମେଡିକାଲରେ ଏବେ ପ୍ରାୟ ୧୮ଟି ଡିଜି ଲଗାଯାଇଛି। ହେଲେ ଏହାକୁ କେବେ କର୍ମଚାରୀ ଠିକ୍ ଭାବେ ପରିଚାଳନା କରି ପାରୁନାହାନ୍ତି ତ କେବେ ଏହା କାମ ଦେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଏ ନେଇ ମେଡିକାଲ କୁଳସଚିବ ସୁବାସ ରାଏଙ୍କୁ ପଚାରିବାରୁ କହିଛନ୍ତି, ମେଡିକାଲରେ ଡିଜିର କୌଣସି ସମସ୍ୟା ଏବେ ନାହିଁ, ସମସ୍ତ ଡିଜି ଠିକ୍ ଭାବେ କାମ କରୁଛି। ବୁଧବାର ରାତି ସମୟରେ ବିଦ୍ୟୁତ କାଟ୍ ହେବା ଏବଂ ନ୍ୟୁ ମେଡିସିନ ବିଭାଗ ଅନ୍ଧାର ରହିବା ନେଇ କୌଣସି ଖବର ନାହିଁ। ଯଦିଓ ଏଭଳି ସ୍ଥିତି ହୋଇଛି, ତେବେ ବିଦ୍ୟୁତ୍ ବିଭାଗ ଓ ମେଡିକାଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଏ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ରାଏ କହିଛନ୍ତି।

# ୨ ମାସ ବ୍ୟାଙ୍କ ପରିସର ସଫେଇ ନିର୍ଦ୍ଦେଶ

## ବ୍ୟାଙ୍କ ଋଣ ଜାଲିଆତି ମାମଲାରେ ସର୍ତ୍ତମୂଳକ ଜାମିନ

କଟକ,୨୨।୫(କାର୍ତ୍ତିକ ସାହୁ)

ଏକ ଘରୋଇ ବ୍ୟାଙ୍କ ଋଣ ଜାଲିଆତି ମାମଲାରେ ଆବେଦନକାରୀ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ କଠୋର ସର୍ତ୍ତ ଆରୋପ କରିଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ଏସ. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଆବେଦନକାରୀ ୨ ମାସ ପାଇଁ ବ୍ୟାଙ୍କ ପରିସରରେ ସଫେଇ କାମ କରିବେ। ଜାମିନ ସମୟରେ କୌଣସି ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ରହିବେ ନାହିଁ। ଏହାସହ ପ୍ରମାଣ ନଷ୍ଟ ପାଇଁ କୌଣସି ପ୍ରକାର ଉଦ୍ୟମ କରିବେ ନାହିଁ। ଅଭିଯୁକ୍ତଙ୍କୁ କଟକ ଲିଙ୍କ୍ ରୋଡ଼ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କରେ ୨ ମାସ ଧରି ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ବ୍ୟାଙ୍କ ପରିସର ସଫେଇ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଥାନା ଅଧିକାରୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଅଭିଯୁକ୍ତଙ୍କ କାମ ଉପରେ ନଜର ରଖିବେ। ଏଥିସହ ଅଭିଯୁକ୍ତ ମଧ୍ୟ ତଦନ୍ତରେ ସହଯୋଗ କରିବେ। ତାଙ୍କ ବିରୋଧରେ ଥିବା ପ୍ରମାଣକୁ ନଷ୍ଟ କରିବେ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିରୁ କୌଣସି ଗୋଟିଏ ସର୍ତ୍ତରେ ଖିଲାପ କଲେ ଜାମିନ ଖାରଜ ହେବ ବୋଲି ହାଇକୋର୍ଟ କହିଛନ୍ତି। ସୂଚନାନୁସାରେ, ଆଇସିଆଇସିଆଇ ବ୍ୟାଙ୍କରୁ ୧ କୋଟି ୫ ଲକ୍ଷ ଟଙ୍କାର ଋଣ ନେଇ ଜାଲିଆତି କରିବା ଅଭିଯୋଗରେ ମନୋଜ୍ଞାନ ପଟ୍ଟନାୟକ ଇଓଡବ୍ଲ୍ୟୁ ଦ୍ୱାରା ଗିରଫ ହୋଇଥିଲେ। ସେ ଜାମିନ ପାଇଁ ନିମ୍ନ ଅଦାଲତରେ ଆବେଦନ କରି ନିରାଶ ହୋଇଥିଲେ। ନିମ୍ନ ଅଦାଲତରେ ଜାମିନ ଆବେଦନ ଖାରଜ ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



# ଜ୍ୟୋତି ବୁଲିଥିଲେ କୋଣାର୍କ, ଚିଲିକା

## ପ୍ରିୟଙ୍କା- ଜ୍ୟୋତି ଲିଙ୍କ୍ ନେଇ ତଦନ୍ତ ଜାରି

ପୁରୀ,୨୨।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଝିଅ ପ୍ରିୟଙ୍କା ସେନାପତିଙ୍କ ସହ ହରିୟାଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଲିଙ୍କ୍ ଘଟଣାର ତଦନ୍ତ ଗୁରୁବାର ୬ଷ୍ଠଦିନରେ ପହଞ୍ଚିଛି। ଜ୍ୟୋତି ଓ ତାଙ୍କ ପରିବାର ସଦସ୍ୟଙ୍କ ବ୍ୟାଙ୍କ୍ ଆକାଉଣ୍ଟ ରହିଛି, ଆୟର ସୂତ୍ର, ବାହାରୁ କେଉଁଠୁ ଟଙ୍କା ଆସିଛି କି ନାହିଁ ଆଦି ବିଭିନ୍ନ ଦିଗକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସେହିପରି ଗତବର୍ଷ ସେପ୍ଟେମ୍ବର ୨୧ରେ ଜ୍ୟୋତି ପୁରୀ ଆସିଥିବାବେଳେ ପ୍ରିୟଙ୍କାଙ୍କ ସହ କେଉଁ ସବୁ ସ୍ଥାନକୁ ବୁଲିଯାଇଥିଲେ ଓ କ'ଣ କରିଥିଲେ ସେ ନେଇ ମଧ୍ୟ ଖୋଳତାଡ଼ କରୁଛି ପୋଲିସ। ପୁରୀରେ ଜ୍ୟୋତି କେଉଁ ହୋଟେଲରେ ରହିଥିଲେ ଓ ତାଙ୍କ ସହ ଆଉ କିଏ ଥିଲେ, ତାଙ୍କ ପାଇଁ କିଏ ରୁମ୍ ବୁକ୍ କରିଥିଲେ ଏବଂ ଶ୍ରୀମନ୍ଦିର ଉପରେ ଜ୍ୟୋତି ଡ୍ରୋନ୍ ଉଡ଼ାଇବା ଘଟଣାରେ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ନେଇ ତଦନ୍ତ ଚାଲିଛି। ତଦନ୍ତ ଯେତିକି ଆଗଉଛି, ଗୋଟିଏ ଗୋଟିଏ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଜ୍ୟୋତି କେବଳ ପୁରୀ ନୁହେଁ, ବିଶ୍ୱ ଐତିହ୍ୟ କୋଣାର୍କ ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ ଚିଲିକା ମଧ୍ୟ ବୁଲିଥିବା ଜଣାପଡ଼ିଛି। ଏପରିକି ଏ କ୍ଷେତ୍ରରେ ଜ୍ୟୋତିଙ୍କୁ ପ୍ରିୟଙ୍କା ସହଯୋଗ କରିଥିବା ଚର୍ଚ୍ଚା ହେଉଛି। ଏହି ଘଟଣାକୁ ପୋଲିସ ଅଧିକ ଗୁରୁତ୍ୱର ସହ ନେଇ ସବିଶେଷ ତଥ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଛି। ଏ ସଂକ୍ରାନ୍ତରେ ୟୁଟ୍ୟୁବର ପ୍ରିୟଙ୍କାଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିଥିବା ଶୁଣିବାକୁ ମିଳୁଛି। ପ୍ରିୟଙ୍କାଙ୍କ ଦ୍ୱାରା ଶୁଟ୍ କରାଯାଇଥିବା ସମସ୍ତ ଭିଡିଓକୁ ଆଧାରକରି ତଦନ୍ତ ହେଉଥିବା ସୂଚନା ମିଳିଛି। ଉଭୟ ମିଶି ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଯାଇଥିବା ଜଣାପଡ଼ିଛି। ତେଣୁ ସେମାନଙ୍କ ଟ୍ରାଭେଲ ହିଷ୍ଟ୍ରି ବାବଦରେ ପୋଲିସ ଖୋଳତାଡ଼ କରୁଛି। ସେହିପରି ଜ୍ୟୋତିଙ୍କଠାରୁ ପ୍ରିୟଙ୍କା ଆର୍ଥିକ ଫାଇଦା ପାଇଛନ୍ତି କି ନାହିଁ ସେ ନେଇ ତାଙ୍କ ବ୍ୟାଙ୍କ ଟ୍ରାଞ୍ଜାକ୍ସନର ତର୍ଜମା ଚାଲିଛି। ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ପୋଲିସ ମନିଟରିଂ କରୁଛି। ଘଟଣା ପରଠୁ ପ୍ରିୟଙ୍କା ଓ ତାଙ୍କ ପରିବାର ଲୋକେ ଘରୁ ବାହାରୁ ନ ଥିବାବେଳେ କାହା ସହ ମିଳାମିଶା ମଧ୍ୟ କରୁନାହାନ୍ତି। ତେବେ ପୋଲିସ ଓ ଅନ୍ୟ ସଂସ୍ଥାକୁ ତଦନ୍ତରେ ସହଯୋଗ କରୁଥିବା ଜଣାପଡ଼ିଛି। ପୂର୍ବରୁ ପ୍ରିୟଙ୍କା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି ସଫେଇ ଦେଇଥିଲେ। ସେହିପରି ତାଙ୍କ ବାପା ରାଜକିଶୋର ସେନାପତି ମଧ୍ୟ ପ୍ରିୟଙ୍କା ନିର୍ଦ୍ଦୋଷ ବୋଲି ଗଣମାଧ୍ୟମରେ କହିଥିଲେ। ଅପରପକ୍ଷରେ ତଦନ୍ତ ଶେଷ ପରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ଏସ୍‌ପି ବିନିତ ଅଗ୍ରୱାଲ କହିଛନ୍ତି। ଘଟଣାକୁ ୬ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତ କେତେଦୂର ଆଗେଇଲା, ସେ ସମ୍ପର୍କରେ ପୋଲିସ ପକ୍ଷରୁ କିଛି ସ୍ପଷ୍ଟ କରାଯାଉ ନ ଥିବାରୁ ଜନସାଧାରଣ ସନ୍ଦେହ ପ୍ରକାଶ କଲେଣି।



ପ୍ରିୟଙ୍କା ସେନାପତିଙ୍କ ସହ ଜ୍ୟୋତି ମାଲହୋତ୍ରା।






# ମସ୍କାଟ୍‌ରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

## ମୃତଦେହ ଗ୍ରାମକୁ ଫେରାଇ ଆଣିବା ପାଇଁ ପରିବାରର ନିବେଦନ

ବାଣପୁର,୨୨।୫(ଦିଲୀପ କୁମାର ସ୍ୱାଇଁ): ଓମାନ ରାଜଧାନୀ ମସ୍କାଟ୍‌ରେ ଗତ ରବିବାର ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପଞ୍ଚାୟତ ବରପଟଣା ଗ୍ରାମର ହରଷ ସାହୁ(୫୫)। ୫ଦିନ ପରେ ବି ତାଙ୍କ ମୃତଦେହ ଗ୍ରାମକୁ ଫେରି ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ଏପରିକି ଅନ୍ତ୍ୟେଷ୍ଟିକ୍ରିୟା ହୋଇପାରୁନାହିଁ। ମୃତଦେହ ଗ୍ରାମକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିଙ୍କୁ ଅନୁରୋଧ କରିଛନ୍ତି। ସୂଚନା ମୁତାବକ, ହରଷ ଗତ ୫ବର୍ଷ ହେବ ମସ୍କାଟ୍‌ର ଏକ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟରତ ଥିଲେ। ଗତ ୧୮ତାରିଖ(ରବିବାର) ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅର ମୃତ୍ୟୁରେ ବୃଦ୍ଧ ମାତାପିତା ଦୁଃଖରେ ଭାଙ୍ଗିପଡିଛନ୍ତି। ମୃତଦେହ ଗ୍ରାମକୁ ଫେରାଇ ଆଣିବା ପାଇଁ ସ୍ଥାନୀୟ ସରପଞ୍ଚ ପ୍ରେମାଞ୍ଜଳି ପଟ୍ଟନାୟକ, ସାମାଜିକ କର୍ମୀ ଜ୍ଞାନଚାନ୍ଦ ଛୋଟରାୟ ପ୍ରମୁଖ ପୁରୀ ଏମ୍‌ପିଙ୍କୁ ଅନୁରୋଧ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଏଥିପ୍ରତି ଦୃଷ୍ଟିଦେବା ସହ ମୃତଦେହ ଗ୍ରାମକୁ ଫେରାଇ ଆଣିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



# ଡ୍ରେନ୍‌ରେ ପଡ଼ି ଯୁବକଙ୍କ ଜୀବନ ଗଲା

ଭୁବନେଶ୍ୱର,୨୨।୫(ସତ୍ୟଜିତ୍ ରାଉତ) – ଲିଙ୍ଗରାଜ ରେଳ ଷ୍ଟେଶନ ସାମ୍ନାରେ ଗୁରୁବାର ସକାଳେ ଜଣେ ଯୁବକଙ୍କ ଅସ୍ୱାଭାବିକ ପରିସ୍ଥିତିରେ ମୃତ୍ୟୁ ହୋଇଛି। ରାସ୍ତାରେ ବାତରୋଗ ବାହାରିବା ପରେ ସେ ଡ୍ରେନ୍‌ରେ ପଡ଼ିଯିବାରୁ ତାଙ୍କର ଜୀବନ ଯାଇଛି। ସେ ହେଲେ ଭୀମଟାଙ୍ଗୀ ଖଣ୍ଡୁଆଳ ସାହିର ସନାତନ ରାଉତ (୪୦)। କ୍ୟାପିଟାଲ ହସ୍ପିଟାଲରେ ସନାତନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏୟାରଫିଲ୍ଡ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦୨୫) ରୁଜୁକରି ତଦନ୍ତ କରୁଛି। ତେବେ ପରିବାର ଲୋକେ ପ୍ରଥମେ ହତ୍ୟା ଅଭିଯୋଗ ଆଣିଥିଲେ। ହେଲେ ସନାତନଙ୍କ ହଠାତ୍ ବାତରୋଗ ବାହାରିବା ପରେ ସେ ରାସ୍ତାକଡ ଡ୍ରେନ୍‌ରେ ପଡ଼ିଯାଇଥିବା ପୋଲିସ ପକ୍ଷରୁ ଜାରି ହୋଇଥିବା ସିସିଟିଭିରୁ ଦେଖିବାକୁ ମିଳିଛି। ସନାତନ ରାସ୍ତା କଡ଼ରେ ବସିଥିବା ବେଳେ କିଛି ସମୟ ଥରିଥିଲେ। ଏହାପରେ ସେ ପଡିଉଠି ଅଧା ସ୍ଲାବ୍ ଖୋଲା ଥିବା ଡ୍ରେନ୍ ଭିତରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ସନାତନଙ୍କୁ ହସ୍ପିଟାଲ ନିଆଯାଇଥିଲା।






# ୧୦୩ ପୁନଃ ବିକଶିତ ଅମୃତ ରେଳଷ୍ଟେଶନ ଉଦ୍‌ଘାଟନକଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୨।୫ (ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଜସ୍ଥାନର ବିକାନେରଠାରେ ୨୬,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ୧୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୬ଟି ଜିଲାରେ ୧,୧୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ପୁନଃ ବିକଶିତ ୧୦୩ ଅମୃତ ଷ୍ଟେଶନ ରହିଛି। ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଆଞ୍ଚଳିକ ସ୍ଥାପତ୍ୟକୁ ପ୍ରତିଫଳିତ କରିବା ଏବଂ ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଥିବା ୧,୩୦୦ରୁ ଅଧିକ ଷ୍ଟେଶନକୁ ଆଧୁନିକ ସୁବିଧା ସହିତ ପୁନଃ ବିକଶିତ କରାଯାଉଛି। କରଣୀ ମାତା ମନ୍ଦିର ପରିଦର୍ଶନ କରୁଥିବା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କୁ ସେବା ପ୍ରଦାନ କରୁଥିବା ରାଜସ୍ଥାନର ଦେଶନୋକେ ରେଳ ଷ୍ଟେଶନ ମନ୍ଦିର ସ୍ଥାପତ୍ୟ, ତୋରଣ ଓ ସ୍ତମ୍ଭ ଥିମ ଦ୍ୱାରା ଅନୁପ୍ରାଣିତ। ତେଲଙ୍ଗାନାର ବେଗମ୍‌ପେଟ ରେଳ ଷ୍ଟେଶନରେ କାକତିଆ ସାମ୍ରାଜ୍ୟର ସ୍ଥାପତ୍ୟ ପ୍ରତିଫଳିତ। ବିହାରର ଥାୱେ ଷ୍ଟେଶନରେ ୫୨ ଶକ୍ତିପୀଠ ମଧ୍ୟରୁ ଗୋଟିଏ ମା' ଥାୱେୱାଲିଙ୍କୁ ପ୍ରତିନିଧିତ୍ୱ କରୁଥିବା ଏବଂ ମଧୁବାଣୀ ଚିତ୍ରକଳା ଚିତ୍ରକୁ ଚିତ୍ରିତ କରୁଥିବା ବିଭିନ୍ନ ପ୍ରାଚୀର ଚିତ୍ର ଏବଂ କଳାକୃତି ସ୍ଥାନିତ କରାଯାଇଛି। ଗୁଜରାଟର ଡାକୋର ଷ୍ଟେଶନ ରଣଛୋଦରାୟ ଜୀ ମହାରାଜଙ୍କ ଦ୍ୱାରା ଅନୁପ୍ରାଣିତ। ପ୍ରଧାନମନ୍ତ୍ରୀ ରେଳ ନେଟ୍‌ୱର୍କକୁ ଆଧୁନିକୀକରଣ କରିବା ପାଇଁ ବନ୍ଦେ ଭାରତ, ଅମୃତ ଭାରତ ଏବଂ ନମୋ ଭାରତ ଟ୍ରେନ ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ପ୍ରାୟ ୭୦ଟି ରୁଟ୍‌ରେ ଏବେ ବନ୍ଦେ ଭାରତ ଟ୍ରେନ ଚଳାଚଳ କରୁଛି। ଗତ ୧୧ ବର୍ଷ ମଧ୍ୟରେ ଶହ ଶହ ରୋଡ୍ ଓଭରବ୍ରିଜ ଏବଂ ଅଣ୍ଡରବ୍ରିଜ୍ ନିର୍ମାଣ ସହ ୩୪,୦୦୦ କି.ମି.ରୁ ଅଧିକ ନୂତନ ରେଳ ଟ୍ରାକ ବିଛାଯାଇଛି। ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ୧,୩୦୦ରୁ ଅଧିକ ରେଳ ଷ୍ଟେଶନର ଆଧୁନିକୀକରଣ କରାଯାଉଛି। ରେଳ ଷ୍ଟେଶନଗୁଡ଼ିକୁ ଅମୃତ ଭାରତ ଷ୍ଟେଶନ ନାମିତ କରାଯାଇଛି ଏବଂ ଏହିପରି ୧୦୦ରୁ ଅଧିକ ଷ୍ଟେଶନ ନିର୍ମାଣ ଶେଷ ହୋଇଛି। ଏ ଅବସରରେ ପ୍ରଧାନମନ୍ତ୍ରୀ 'ଅପରେଶନ ସିନ୍ଦୂର' ସମ୍ପର୍କରେ ମତରଖି ୩ ସେନାର ପରାକ୍ରମ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ରାଜସ୍ଥାନର ରାଜ୍ୟପାଳ ହରିଭାଉ କିଷାନରାଓ ବାଗାଡେ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ଅମୃତ ରେଳଷ୍ଟେଶନ ଉଦ୍‌ଘାଟନ କରୁଛନ୍ତି।

# ଓଡ଼ିଶା କ୍ରିକେଟ ପାଇଁ ଚ୍ୟାଲେଞ୍ଜ

**ଘରୋଇ କ୍ରିକେଟର ଗତ ସିଜନରେ ଓଡ଼ିଶା ପ୍ରଦର୍ଶନ ଭଲ ରହି ନ ଥିଲା। ରଣଜୀ ଟ୍ରଫି ହେଉ କି ଦେଓଧର ଟ୍ରଫି କିମ୍ବା ସୟଦ ମୁସ୍ତାକ ଅଲୀ ଟ୍ରଫି, ରାଜ୍ୟ ଦଳର ପ୍ରଦର୍ଶନ ଫିକା ରହିଥିଲା। ଏବେ ନୂଆ ସିଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିବାବେଳେ ଓଡ଼ିଶା କ୍ରିକେଟକୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ।**



ନିର୍ମଳ କୁମାର ମିଶ୍ର





ଆରମ୍ଭ ହେବାକୁ ଯାଉଛି ଆଉ ଏକ ରଣଜୀ ସିଜନ୍। ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟ ହେଉଛି ରଣଜୀ ଟ୍ରଫି। ଘରୋଇ କ୍ରିକେଟ ପାଇଁ ଖୁବ୍ ଶୀଘ୍ର କାର୍ଯ୍ୟସୂଚୀ ଘୋଷଣା କରିବାକୁ ଯାଉଛି ବିସିସିଆଇ। ବିଭିନ୍ନ ବର୍ଗରେ ଅନେକ ମ୍ୟାଚ ଖେଳାଯିବ। ସମ୍ଭବତଃ ଗତବର୍ଷ ପରି ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨୦୨୬ ପର୍ଯ୍ୟନ୍ତ ଅନେକ ବ୍ୟସ୍ତ ବହୁଳ କାର୍ଯ୍ୟକ୍ରମ ରହିବ। ଏଥିପାଇଁ ବିସିସିଆଇ ତାର ଅନୁବନ୍ଧିତ ରାଜ୍ୟ ଆସୋସିଏଶନ୍‌ଗୁଡିକୁ ଘରୋଇ ମ୍ୟାଚ ଆରମ୍ଭ କରିବାକୁ ଅନୁମତି ଦେଇଛି। ଏଥିରେ ରାଜ୍ୟ ଆସୋସିଏଶନ୍‌ଗୁଡିକ ତତ୍ପରତା ପ୍ରକାଶ କରିବା ସହିତ ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଗୁଡିକ ଆରମ୍ଭ କରିଛନ୍ତି। ଓସିଏ (ଓଡ଼ିଶା କ୍ରିକେଟ ଆସୋସିଏଶନ୍) ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ଭିଜନ ୨୦୩୦କୁ ସଫଳ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ମୋଟ ଉପରେ ଦେଖିବାକୁ ଗଲେ ଆମର ଭିଜନ-୨୦୨୪ ଅନେକ ଦୃଷ୍ଟି କୋଣରୁ ବିଫଳ ହୋଇଛି। ମହିଳା ସିନିୟର କ୍ରିକେଟକୁ ଛାଡିଦେଲେ ଆମେ ଆଖିଦୃଶିଆ ସଫଳତା ପାଇପାରିନେ। ରଣଜୀ ଟ୍ରଫିରେ ସିନିୟର ଖେଳାଳିଙ୍କ ସଫଳତା ଆଦୌ ଲୋକଲୋଚନକୁ ଆସିପାରିନି। ଭଲ ପ୍ରଦର୍ଶନ ପାଇଁ ବ୍ୟାପକ ବନ୍ଦୋବସ୍ତ କରିଥିଲେ ମଧ୍ୟ ବିଫଳତାର କାରଣ ଆମେ ଖୋଜିବାକୁ ଆରମ୍ଭ କରିଛେ। ପୁନର୍ବାର ମାଷ୍ଟର ପ୍ଲାନ ମାଧ୍ୟମରେ ଭିଜନ ୨୦୩୦ ମଧ୍ୟରେ କିଛି ସଫଳତା ପାଇବାକୁ ଲକ୍ଷ୍ୟ ରହିଛି।

ସିନିୟର ଖେଳାଳିଙ୍କ ପାଇଁ ବର୍ତ୍ତମାନ ମୁଖ୍ୟ ଟୁର୍ନାମେଣ୍ଟ ହେଲା ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫି। ଏହା ମଧ୍ୟରେ ବହୁ ଦିନିଆ ରଣଜୀ ଟ୍ରଫି ରହିଥିବା ବେଳେ ଏକଦିବସୀୟ ଓ ଟି୨୦ ମ୍ୟାଚ ହ୍ୱାଇଟ ବଲରେ ଖେଳାଯାଉଛି। ଏବେ କିଛି ସିନିୟର ଖେଳାଳିଙ୍କୁ ଅଭ୍ୟାସ ପାଇଁ ଶ୍ରୀଲଙ୍କା ଗସ୍ତରେ ପଠାଇଛି ଓସିଏ। କେତେଜଣ ଖେଳାଳି ସେଠାରେ ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ଇମର୍ଜିଂ ଦଳ ବିପକ୍ଷରେ ଖେଳି ପ୍ରଦର୍ଶନରେ କେତେ ପରିମାଣରେ ଉନ୍ନତି ଆସିବ ତାହାକୁ ନେଇ ମଧ୍ୟ ପ୍ରଶ୍ନ ରହିଛି। ଗତ ସିଜନରେ ଗ୍ରୁପ୍-ଏରେ ଓଡ଼ିଶା ୮ ଦଳ ମଧ୍ୟରେ ୧୭ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଥିଲା। ଓଡ଼ିଶା ତଳକୁ ରହିଥିଲେ କେବଳ ତ୍ରିପୁରା ଓ ମେଘାଳୟ। ତେଣୁ ଘରୋଇ ମାଟିରେ ଭଲ ପ୍ରଦର୍ଶନ କରିପାରୁ ନ ଥିବା ଓଡ଼ିଶା ପାଇଁ ସ୍ୱତନ୍ତ୍ର ରଣନୀତି କରିବାକୁ ଟିମ୍ ମ୍ୟାନେଜମେଣ୍ଟ ତତ୍ପର ହେବା ଆବଶ୍ୟକ। ଗତ ସିଜନରେ ପେସ୍ ବୋଲିଂ ଆମ ଶକ୍ତି ଥିଲା। ମାତ୍ର ଘରୋଇ ମାଟିରେ ନବାଗତ ତାପସ ଦାସ, ସୁନୀଲ ରାଉଳ, ରାକେଶ ମହାନ୍ତି ଓ ଦେବବ୍ରତ ପ୍ରଧାନଙ୍କ ପରି ପେସ୍ ବୋଲର ଓ ଘରୋଇ କଳାହାଣ୍ଡି କପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ସୁମିତ ଶର୍ମା, କାର୍ତ୍ତିକ ବିଶ୍ୱାଳ ଓ ତାରେଣୀ ଶ'ଙ୍କ ପରି ବୋଲର ଫାଇଦା ନେଇପାରି ନ ଥିଲେ। ୭ଟି ମ୍ୟାଚ ଖେଳିଥିଲା ଓଡ଼ିଶା। ବର୍ଷା ଯୋଗୁ ତ୍ରିପୁରା ସହ ମ୍ୟାଚ ବାତିଲ ହୋଇଥିଲା। ଜମ୍ମୁ ଓ କଶ୍ମୀର ସହ ମ୍ୟାଚ ଡ୍ର। ବରୋଦା ସହ ୯୮ ରନ୍‌ରେ ବଡ଼ ବ୍ୟବଧାନରେ ପରାସ୍ତ। ମୁମ୍ବାଇଠାରୁ ଏକ ଇନିଂସ ଓ ୧୦୩ ରନ୍‌ରେ ପରାସ୍ତ। ମହାରାଷ୍ଟ୍ର ବିପକ୍ଷରେ ୩ ଉଇକେଟରେ ବିଜୟୀ ହୋଇଥିଲା। ମେଘାଳୟ ବିପକ୍ଷରେ ଏକ ଇନିଂସ ଓ ୫୬ରନ୍‌ରେ ବିଜୟୀ ହେବା ପରେ ସର୍ଭିସେସ୍ ନିକଟରୁ ୧୦ ଉଇକେଟରେ ପରାଜୟ ଦଳ ପାଇଁ ବେଶ୍ ମହଙ୍ଗା ପଡିଥିଲା।

ଅପେକ୍ଷାକୃତ ଦୁର୍ବଳ ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବାତିଲ ହେବାରୁ ଓଡ଼ିଶାର ଆରମ୍ଭ ଭଲ ହୋଇପାରି ନ ଥିଲା। ମୋଟ ଉପରେ ଦେଖିବାକୁ ଗଲେ ୨ଟି ବଡ଼ ପରାଜୟ ଓ ଦୁର୍ବଳ ରଣନୀତି ପାଇଁ ସମସ୍ୟା ଆସିଥିଲା। ଦୁର୍ବଳ ମେଘାଳୟ ବିପକ୍ଷରେ ୫୪୮ ରନ୍ ଓଡ଼ିଶାର ସର୍ବାଧିକ ସ୍କୋର ରହିଥିଲା। ଷ୍ଟାର ବ୍ୟାଟର ଗୋବିନ୍ଦ ପୋଦ୍ଦାର ୬ ମ୍ୟାଚରୁ ୩୬୫ରନ୍ କରିଥିବା ବେଳେ ୧୩୩ରନ୍ ସର୍ବାଧିକ ଥିଲା। ସୁମିତ ଶର୍ମା ୫ ମ୍ୟାଚରୁ ୧୭ ଉଇକେଟ ଓ ଗୋବିନ୍ଦ ପୋଦାର ୬ଟି ମ୍ୟାଚରୁ ୧୩ ଉଇକେଟ ନେଇଥିଲେ। ଆମ ଖେଳାଳିମାନେ ବ୍ୟାଟିଂ ଓ ବୋଲିଂ ତାଲିକାର ୨୦ ମଧ୍ୟରେ ସ୍ଥାନ ପାଇଲେ ଜାତୀୟ ଚୟନ କର୍ତ୍ତା ଓ ବିସିସିଆଇର ଦୃଷ୍ଟିଆକର୍ଷଣ କରିହୁଅନ୍ତା। ୫୫ତମ ସ୍ଥାନରେ ସନ୍ଦୀପ ପଟ୍ଟନାୟକ ରହିଥିବା ବେଳେ ୬୩ ତମ ସ୍ଥାନରେ ସୁମିତ ଶର୍ମା ରହିଥିଲେ।

ସେହିପରି ଲୋକପ୍ରିୟ ମୁସ୍ତାକ ଅଲୀ ଟ୍ରଫିରେ ଅତି ଦୟନୀୟ ପ୍ରଦର୍ଶନ କରିଥିଲା ଓଡ଼ିଶା ଦଳ। ଗ୍ରୁପ-ଡିରେ ଦଳ ୬ଟି ମ୍ୟାଚ ଖେଳି ମାତ୍ର ଗୋଟିଏରେ ବିଜୟୀ ହୋଇ ପଏଣ୍ଟ ଟେବୁଲର ସପ୍ତମ ସ୍ଥାନରେ ଥିଲା। ଆମ ବ୍ୟାଟର୍ସ ଓ ବୋଲର୍ସମାନେ ନିହାତି ଖରାପ ପ୍ରଦର୍ଶନ କରିଥିଲେ। ସର୍ବାଧିକ ଟି୨୦ ମ୍ୟାଚ ଖେଳାଯାଉଛି କ୍ଲବ କ୍ରିକେଟ ଗୁଡିକରେ। ଏପରିକି ଅନେକ ଅଭ୍ୟାସମୂଳକ ମ୍ୟାଚ ଆମନ୍ତ୍ରିତ ଦଳଗୁଡ଼ିକ ସହ ଖେଳୁଛନ୍ତି। ମାତ୍ର ପ୍ରଦର୍ଶନରେ ଉନ୍ନତି ଆସୁନାହିଁ। ଫଳ ସ୍ୱରୂପ ଆଇପିଏଲ୍ ପାଇଁ ଓଡ଼ିଶାର ୧୬ ଖେଳାଳି ପଞ୍ଜୀକୃତ ହୋଇଥିଲେ ମଧ୍ୟ କୌଣସି ଫ୍ରାଞ୍ଚାଇଜ୍ ଆଗ୍ରହ ପ୍ରକାଶ କଲେନାହିଁ। କାରଣ ଜାତୀୟ ସ୍ତରରେ ଆମ ଖେଳାଳିମାନେ ବିଫଳ। ବିଜୟ ହଜାରେ ଟ୍ରଫିରେ ମଧ୍ୟ ଆମର ଅଭିଯାନ ଗ୍ରୁପ ପର୍ଯ୍ୟାୟରେ ଶେଷ ହୋଇଥିଲା। ବାସ୍ତବିକ ଦେଖିବାକୁ ଗଲେ ମାଇକେଲ ବେଭାନ, ୱାସିମ ଜାଫର, ଦୀନେଶ ମୋଙ୍ଗିଆଙ୍କ ପରି ଦାମୀ କୋଚ ଆମକୁ ଯେଉଁ ସଫଳତା ଦେଇପାରି ନାହାନ୍ତି ଆମର ଘରୋଇ ପୂର୍ବତନ ରଣଜୀ ଖେଳାଳିମାନେ ତାହା କରି ଦେଖାଇଛନ୍ତି। ରଶ୍ମିରଞ୍ଜନ ପରିଡା, ଦେବାଶିଷ ମହାନ୍ତି ଓ ଲଳିତେନ୍ଦୁ ମହାପାତ୍ରଙ୍କ ସମୟରେ ପାଇଥିବା ସଫଳତା ଏମାନଙ୍କ ସମୟରେ ମିଳିନାହିଁ। ୨୦୧୬-୧୭ ଓ ୨୦୧୯-୨୦ ସିଜନ୍‌ର ସଫଳତା ଆମକୁ ହାସଲ କରିବାକୁ ପଡ଼ିବ। ଆମ ସିନିୟର ଓ ଜୁନିୟର ଖେଳାଳିଙ୍କୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ହେବ।

ଚଳିତ ଆଇପିଏଲ୍‌ରେ ଏକାଧିକ ଯୁବ ଖେଳାଳି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଜାତୀୟ ଦଳ ପାଇଁ ସଜବାଜ ହେଉଛନ୍ତି। ଇତି ମଧ୍ୟରେ ଓସିଏ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଗତ ସିଜନରେ ସେପରି ଚମତ୍କାରିତା ଦେଖାଇ ନ ଥିବା ସୁରେନ୍ଦ୍ର ଭାବେଙ୍କୁ ସିନିୟର ପୁରୁଷ ଦଳର ମୁଖ୍ୟ କୋଚ ରୂପେ ଅପରିବର୍ତ୍ତିତ ରଖିଥିବା ବେଳେ ସୁମନ ଶର୍ମାଙ୍କୁ ମହିଳା ଦଳର ମୁଖ୍ୟ କୋଚ କରିଛି। ଅନେକ ପୂର୍ବତନ ସଫଳ ଖେଳାଳି ଏବଂ ପୂର୍ବ ସିଜନର ସିଲେକ୍ଟର ଓ କୋଚମାନଙ୍କୁ ପୁନର୍ବାର ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରେ ବସନ୍ତ ମହାନ୍ତି, ସୌରଭ ସେହଗଲ, ପ୍ରଭଞ୍ଜନ ମଲ୍ଲିକ, ସୁବିତ ବିଶ୍ୱାଳ, ରଶ୍ମିରଞ୍ଜନ ଦାଶ, ପ୍ରୀତମଜିତ୍ ଦାସ, ସୁରେଶ କୁମାର, ଜୟପ୍ରକାଶନ, ଦେବବ୍ରତ ପଣ୍ଡା, ସଞ୍ଜୟ ଶତପଥୀ, ଦୀପକ ମଙ୍ଗରାଜ, କେ.ଭି. ପ୍ରସାଦ, ପ୍ରଭାତ ନାୟକ, ଶୋଭନ ଦେବ, ଦେବଦତ୍ତ ଲେଙ୍କା ପ୍ରମୁଖ ସାମିଲ ଅଛନ୍ତି। ପୂର୍ବରୁ ଏମାନଙ୍କର ଅନେକ ଅଭିଜ୍ଞତା ରହିଛି। ସେମାନେ ଗତଥର ହୋଇଥିବା ତ୍ରୁଟି ସୁଧାରିବା ସହିତ ଉପଯୁକ୍ତ ଖେଳାଳି ଚୟନ କରିବା ଓ ଯୋଗ୍ୟ ଖେଳାଳିମାନଙ୍କୁ ନେଇ କ୍ୟାମ୍ପ ମାଧ୍ୟମରେ ଦୋଷ ଦୁର୍ବଳତା ପ୍ରତି ଧ୍ୟାନ ଦେଲେ ନିଶ୍ଚୟ ସଫଳତା ମିଳିବ। ମହିଳା ଦଳ ଗତ କିଛିବର୍ଷ ହେବ ଭଲ ପ୍ରଦର୍ଶନ କରୁଛି। ସିନିୟର ଦଳ ମଧ୍ୟ ମୁମ୍ବାଇ, ଗୁଜରାଟ, କୋଲକାତା, ଦିଲ୍ଲୀ, କେରଳ, ୟୁପି ପରି ଶକ୍ତିଶାଳୀ ଟିମ୍‌କୁ ହରାଇଛି। ପୂର୍ବତନ ଖେଳାଳି ଓ ଅଧିନାୟକ ମଧୁସ୍ମିତା ବେହେରା, କାଦମ୍ବିନୀ ମହାକୁଡ, ସ୍ୱାଗତିକା ରଥ, ଚିଁକିଲତା ପ୍ରଧାନ ଓ ଇତିଶ୍ରୀ ପଟ୍ଟନାୟକ ଦାୟିତ୍ୱ ନେଇଛନ୍ତି।

ସେହିପରି ସିନିୟର ପୁରୁଷ ଚୟନ କମିଟିରେ ଅଭିଜ୍ଞ ପୂର୍ବତନ ଫାଷ୍ଟବୋଲର ସୌରଜିତ୍ ମହାପାତ୍ର, ଅବକାଶ ଖଟୁଆ, ଶୁଭ୍ରଜିତ୍ ସାହୁ ରହିଥିବା ବେଳେ ଜୁନିୟର କମିଟିରେ ନଟରାଜ ବେହେରା, ନିରଞ୍ଜନ ବେହେରା ଓ ଜଗନ୍ନାଥ ଦାଶ ସ୍ଥାନ ପାଇଛନ୍ତି। ଓମେନ୍ସ କମିଟି ଚେୟାର ପର୍ସନ ସସ୍ମିତା ପଟ୍ଟନାୟକ, ଗଙ୍ଗୋତ୍ରୀ ବେହେରା, ଶୁଭାଂଶୁବାଳା ଭୂୟାଁ ଓ ତିଲୋତ୍ତମା ସାହୁ ରହିଛନ୍ତି। କୁଳମଣି ପରିଡା ଓ ନରେନ୍ଦ୍ର ହିରୱାନୀ ସ୍ପିନ ବୋଲିଂ ପରାମର୍ଶଦାତା ଅଛନ୍ତି। ସମସ୍ତଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ବାରମ୍ବାର ଖରାପ ପ୍ରଦର୍ଶନ କରୁଥିବା ଓଡ଼ିଶା ପାଇଁ ଭିଜନ ୨୦୩୦ ସହାୟକ ହେବ ବୋଲି ଆଶା କରାଯାଏ।

## କଣ୍ଠେଆର

ସିଆଇଏସଏଫ୍‌ର ଛପନ ବର୍ଷର ଇତିହାସରେ ଏ କଥା ପ୍ରଥମଥର ପାଇଁ ପଇଁତିରିଶ ବର୍ଷୀୟ ସବ୍‌ଇନ୍‌ସପେକ୍ଟର ଗୀତା ଦେଖାଇ ସାହସିକତା ଏଭରେଷ୍ଟ ଶୃଙ୍ଗରେ ତ୍ରିରଙ୍ଗା ଉଡ଼ାଇ ପାଇଛନ୍ତି ସଫଳତା।



ଗିରୋ ଡି ଇଟାଲିଆ ସାଇକେଲ
ରେସ୍‌ରେ ନବମ ଷ୍ଟେଜ୍
ବେଲଜିୟମର ୱାଉଟ ଭାନ ଆର୍ଟ
ଜିତିଛି ଦେଖ ତା ତେଜ
ଶହେ ଏକାଅଶୀ କିମି ବାଜ
ଚାରି ଘଣ୍ଟା ପନ୍ଦର ମିନିଟରେ ଗଲା
ଟୋକାର ଷ୍ଟାମିନା ହେଜ।

ପଇଁତିରିଶ କିମି ରେସ୍‌ରେ ରଚିଛି
ଇଟାଲି ମାସିମୋ ଯଶ
ଦୁଇ ଘଣ୍ଟା ବ୍ୟେଷ୍ଟି ମିନିଟ ତେୟାଳିଶ
ସେକେଣ୍ଡରେ କରି ଶେଷ
କମ୍ପାୟର କର କୁଶ
ଆମେ ଆଉ ଏଠି ମଣିଷ ମାନୁନା
ଥରେ ଉଠିଗଲେ ନିଶ।

–ସୁବାସ ଚନ୍ଦ୍ର ପ୍ରଧାନ

# ସାଫ୍ ଫୁଟ୍‌ବଲରେ ଭାରତ ସଫଳ

**ଅରୁଣାଚଳ ପ୍ରଦେଶର ୟୁପିଆଠାରେ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ସପ୍ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାମ୍ପିୟନ ହୋଇ ଭାରତ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ଆଧିପତ୍ୟ ବଜାୟ ରଖିଛି। ୨୦୧୯, ୨୦୨୨ ଓ ୨୦୨୩ ପରେ ୨୦୨୫ରେ ବିଜୟ ଧ୍ୱଜା ଉଡ଼ାଇଛି ଭାରତୀୟ ଦଳ...**

ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍ ନିକଟରେ ଅରୁଣାଚଳ ପ୍ରଦେଶର ୟୁପିଆସ୍ଥିତ ଗୋଲ୍ଡେନ ଜୁବିଲି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥର ସାଫ୍ ଚାମ୍ପିୟନଶିପ୍ ୧୯ ବର୍ଷରୁ କମ୍ ବର୍ଗରେ ଅନୁଷ୍ଠିତ ହୋଇଥିଲା। ମେ ୯ରୁ ୧୮ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତ ଚାମ୍ପିୟନ ହୋଇ ଆଧିପତ୍ୟ ଅବ୍ୟାହତ ରଖିଛି। ଫାଇନାଲରେ ଗତ ସଂସ୍କରଣର ଚାମ୍ପିୟନ ବାଂଲାଦେଶକୁ ଭାରତ ପେନାଲ୍ଟି ଶୁଟ୍‌ଆଉଟ ୪-୩ ଗୋଲରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ରେ ବରାବର ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଲିଗ୍ ପର୍ଯ୍ୟାୟର ଭାରତ ଗ୍ରୁପ୍ 'ବି'ରେ ଭାରତ ଶ୍ରୀଲଙ୍କାକୁ ୮-୦ ଓ ନେପାଳକୁ ୪-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ଭାରତ ୩-୦ ଗୋଲରେ ମାଲଡିଭ୍ସକୁ ପରାସ୍ତ କରି ଟାଇଟଲ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଥିଲା। ଭାରତର ଡାନି ମେଇତେଇ ସର୍ବାଧିକ ୫ ଗୋଲ କରି ଟପ୍ ସ୍କୋରର ବିବେଚିତ ହୋଇଥିଲେ। ସୂରଯ ସିଂ ଆହେଉବାମ୍ ଶ୍ରେଷ୍ଠ ଗୋଲକିପର ଓ ମହମ୍ମଦ ଆର୍ବାଶ ସବୁଠାରୁ ମୂଲ୍ୟବାନ ଖେଳାଳି ପୁରସ୍କାର ପାଇଥିଲେ। ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ଭାରତକୁ ଫେୟାର ପ୍ଲେ ପୁରସ୍କାର ମଧ୍ୟ ମିଳିଥିଲା। ଏହାକୁ ମିଶାଇ ୪ର୍ଥ ଥରପାଇଁ ଚାମ୍ପିୟନ ହୋଇ ଭାରତ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ହୋଇଛି। ୨୦୧୯, ୨୦୨୨ ଓ ୨୦୨୩ ପରେ ୨୦୨୫ରେ ବିଜୟ ଧ୍ୱଜା ଉଡ଼ାଇଛି ଭାରତୀୟ ଦଳ। ନେପାଳ ୨୦୧୫ ଓ ୨୦୧୭ରେ ୨ ଥର ଚାମ୍ପିୟନ ହୋଇଥିବାବେଳେ ବାଂଲାଦେଶ ୨୦୨୪ରେ ଥରେ ଟାଇଟଲ ହାସଲ କରିଛି।

**ଇତିହାସ:** ସାଫ୍ ଫୁଟବଲ ୩ ବର୍ଗ ୧୮, ୧୯ ଓ ୨୦ ବର୍ଷରୁ କମ୍‌ରେ ଅନୁଷ୍ଠିତ ହୋଇଥାଏ। ଆଗକୁ ଯେଉଁ ବଡ଼ ଟୁର୍ନାମେଣ୍ଟ ଆସୁଥାଏ ତାହାକୁ ଲକ୍ଷ୍ୟ ରଖି ପ୍ରସ୍ତୁତି ସ୍ୱରୂପ ସେହି ବୟସ ବର୍ଗରେ ସାଫ୍ ଚାମ୍ପିୟନଶିପ୍ ଆୟୋଜନ ହୋଇଥାଏ। ୨୦୧୫ରେ ନେପାଳରେ ଟୁର୍ନାମେଣ୍ଟ ପ୍ରଥମେ ଆରମ୍ଭ ହୋଇଥିଲା। ୧୯ ବର୍ଷରୁ କମ୍ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ଭାରତକୁ ହରାଇ ନେପାଳ ଚାମ୍ପିୟନ ହୋଇଥିଲା। ୨୦୧୭ରେ ଏହା ୧୮ ବର୍ଷରୁ କମ୍ ବର୍ଗରେ ହୋଇଥିଲା ଏବଂ ଫାଇନାଲରେ ବାଂଲାଦେଶକୁ ହରାଇ ନେପାଳ ଟାଇଟଲ ବଜାୟ ରଖିଥିଲା। ୨୦୧୯ରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବର୍ଗରେ ଭାରତ ପ୍ରଥମଥରପାଇଁ ବିଜୟ ମୁକୁଟ ପିନ୍ଧିଥିଲା। ଫାଇନାଲରେ ଭାରତ ୨-୧ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା। ୨୦୨୨ରେ ପ୍ରତିଯୋଗିତା ୨୦ ବର୍ଷରୁ କମ୍ ବର୍ଗରେ ଆୟୋଜନ ହୋଇଥିବାବେଳେ ଭାରତ ଫାଇନାଲରେ ଅତିରିକ୍ତ ସମୟରେ ବାଂଲାଦେଶକୁ ୫-୨ ଗୋଲରେ ହରାଇ ଟ୍ରଫି ନିଜ ପାଖରେ ରଖିଥିଲା। ୨୦୨୩ରେ ୧୯ ବର୍ଷରୁ କମ୍ ବର୍ଗରେ ଭାରତ ଚାମ୍ପିୟନ ହୋଇ ଟ୍ରଫି ଜିତିବାରେ ହ୍ୟାଟ୍ରିକ କରିଥିଲା। ଫାଇନାଲରେ ଭାରତ ୩-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ୨୦୨୪ରେ ୨୦ ବର୍ଷରୁ କମ୍ ବର୍ଗରେ ବାଂଲାଦେଶ ୪-୧ ଗୋଲରେ ନେପାଳକୁ ହରାଇ ପ୍ରଥମଥରପାଇଁ ଟ୍ରଫି ବିଜୟ ସ୍ୱାଦ ଚାଖିଥିଲା। ୨୦୨୫ରେ ଭାରତ ପୁଣି ବିଜୟ ପଥକୁ ଫେରି ଟୁର୍ନାମେଣ୍ଟ ଇତିହାସରେ ସବୁଠାରୁ ସଫଳ ଦଳ ହେବାର ଗୌରବ ଅର୍ଜନ କରିଛି।

### ଟୁର୍ନାମେଣ୍ଟ ଫଳାଫଳ

| ସିଜନ | ବୟସବର୍ଗ | ଆୟୋଜକ | ଚାମ୍ପିୟନ | ରନରଅପ୍ | ଗୋଲ ବ୍ୟବଧାନ |
|---|---|---|---|---|---|
| ୨୦୧୫ | ୧୯ ବର୍ଷରୁ କମ୍ | ନେପାଳ | ନେପାଳ | ଭାରତ | ୫-୪(ପେନାଲ୍ଟି) |
| ୨୦୧୭ | ୧୮ ବର୍ଷରୁ କମ୍ | ଭୁଟାନ | ନେପାଳ | ବାଂଲାଦେଶ | ରାଉଣ୍ଡ ରବିନ |
| ୨୦୧୯ | ୧୮ ବର୍ଷରୁ କମ୍ | ନେପାଳ | ଭାରତ | ବାଂଲାଦେଶ | ୨-୧ |
| ୨୦୨୨ | ୨୦ ବର୍ଷରୁ କମ୍ | ଭାରତ | ଭାରତ | ବାଂଲାଦେଶ | ୫-୨(ଅତିରିକ୍ତ ସମୟ) |
| ୨୦୨୩ | ୧୯ ବର୍ଷରୁ କମ୍ | ନେପାଳ | ଭାରତ | ପାକିସ୍ତାନ | ୩-୦ |
| ୨୦୨୪ | ୨୦ ବର୍ଷରୁ କମ୍ | ନେପାଳ | ବାଂଲାଦେଶ | ନେପାଳ | ୪-୧ |
| ୨୦୨୫ | ୧୯ ବର୍ଷରୁ କମ୍ | ଭାରତ | ଭାରତ | ବାଂଲାଦେଶ | ୪-୩(ପେନାଲ୍ଟି) |

### ୨୦୨୫ର ପୁରସ୍କାର

**ଟପ୍ ସ୍କୋରର:** ଡାନି ମେଇତେଇ (୫ ଗୋଲ), ଭାରତ
**ଶ୍ରେଷ୍ଠ ଗୋଲକିପର:** ସୂରଯ ସିଂ ଆହେଉବାମ, ଭାରତ
**ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର:** ମହମ୍ମଦ ଆର୍ବାଶ, ଭାରତ
**ଫେୟାର ପ୍ଲେ:** ଭାରତୀୟ ଦଳ



ଚାମ୍ପିୟନ ଭାରତୀୟ ଦଳ



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, May 23/2025 | Page 16 | ₹ 7.00

୫୧ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 177 | ମୂଲ୍ୟ ₹୭/-



*Admission Going on for +2 1st Yr. Sc.(CHSE & CBSE), JEE & NEET - 2025-26*

TETRAHEDRON GROUP OF INSTITUTIONS · TANGI, CUTTACK

# TETRAHEDRON
## GROUP OF INSTITUTIONS

Tangi,Cuttack, For Admission Contact : 8093064522, 8093064525,9040363480, 7008222977

## OUR CHSE RESULT -2025

99% 1st Division

RESULT : 99.7%
ABOVE 95% : 13
ABOVE 560 : 51
ABOVE 90% : 185
ABOVE 89% : 229
ABOVE 88% : 280
ABOVE 85% : 446
ABOVE 500 : 534
ABOVE 80% : 712
ABOVE 75% : 902
ABOVE 70% : 1023
ABOVE 60% : 1120

581 ABINASH PANDA
R. NO. : 312CZ142
MOB. : 8926374475

578 ANUNJAYA R.NO. : 312CZ044 M. : 9937820270
575 HARAPRASAD R.NO. : 312CZ052 M. : 9777635809
574 ANANYA ANUPRITA R.NO. : 321CZ001 M. : 6372522094
574 ANANYA R.NO. : 321CZ018 M. : 9178552089
574 PRIYADARSHINI R.NO. : 321CZ020 M. : 8456010982
574 RUTUPURNA R.NO. : 321CZ025 M. : 8908000397
573 ASHUTOSH R.NO. : 312CZ009 M. : 7008710810
573 SWARNA PRAVA R.NO. : 321CZ002 M. : 9348538749
572 SOUMYAK R.NO. : 312CZ015 M. : 6372996292
572 SANDEEP R.NO. : 312CZ021 M. : 9438775289
571 PRIYANKA R.NO. : 321CZ016 M. : 8328937059
570 SWAYAM R.NO. : 312CZ039 M. : 9583495922

569 ARPIT R.NO. : 312CZ011 M. : 7894911960
568 SUBHALAXMI R.NO. : 321CZ017 M. : 6371705857
568 BHAGYASHREE R.NO. : 321CZ509 M. : 9853578058
568 SWAYAMSHREE R.NO. : 321CZ510 M. : 9827872997
567 SATYAJIT R.NO. : 312CZ010 M. : 7978274905
567 SUBHASHREE SUBHASMITA R.NO. : 321CZ068 M. : 7978768887
567 ASHASRI R.NO. : 321CZ111 M. : 9237473625
566 SAI ARPIT R.NO. : 312CZ118 M. : 8917543238
566 RUMITA R.NO. : 321CZ024 M. : 9178152840
565 SUBHAM HARAPRIYA R.NO. : 312CZ033 M. : 9668325122
564 SHUBHAM R.NO. : 312CZ007 M. : 9937533036
564 SUBHANKAR R.NO. : 312CZ026 M. : 7064837405

564 BABUL R.NO. : 312CZ093 M. : 7381834918
564 PRAGYNA PARMITA R.NO. : 321CZ065 M. : 9937431840
564 BINODINI R.NO. : 321CZ072 M. : 9438279824
564 TANUSHREE R.NO. : 321CZ082 M. : 8457958145
563 MOHIT R.NO. : 312CZ003 M. : 7042591220
563 RUTENDRA R.NO. : 312CZ005 M. : 8376946436
563 RAJESH R.NO. : 312CZ008 M. : 9437824159
563 CHINMAYA R.NO. : 312CZ097 M. : 7750985855
563 RUDRA NARAYAN R.NO. : 312CZ104 M. : 7908558686
563 PRIYANKA R.NO. : 321CZ039 M. : 9883320962
563 ANANYA R.NO. : 321CZ063 M. : 7894879290
563 RASHMITA R.NO. : 321CZ122 M. : 8249824883
562 DIBYAJYOTI R.NO. : 312CZ086 M. : 9692268696

562 JYOTI RANJAN R.NO. : 312CZ153 M. : 9861434928
561 SITANSHU R.NO. : 312CZ105 M. : 9178515603
561 PRITISMITA R.NO. : 321CZ007 M. : 9861306001
561 PRIYANSHA R.NO. : 321CZ010 M. : 8961657265
561 SOUVAGYALAXMI R.NO. : 321CZ022 M. : 9658552663
561 PRAVASINI R.NO. : 321CZ173 M. : 9348692263
560 TANMAY R.NO. : 312CZ006 M. : 9439099339
560 RAJESH R.NO. : 312CZ145 M. : 8328867688
560 SOUMYA RANJAN R.NO. : 312CZ158 M. : 9938372676
560 PRATEEK R.NO. : 312CZ234 M. : 9777204680
560 RUDDHI SWASTIK R.NO. : 312CZ581 M. : 7539031933
560 SUBHASMITA R.NO. : 321CZ011 M. : 8338816946
560 PRANGYA R.NO. : 321CZ511 M. : 6370197299

## We are expecting 140 to 180 Govt. MBBS Admissions in 2025

71 MBBS IN 2024 | 54 MBBS IN 2023

We are expecting 10 to 20 IIT '& NIT Admissions in 2025

## OUR ACHIEVERS IN AIIMS

710 AIIMS,BBSR(2024) KAMALAKANTA Mob. : 8249906661
700 AIIMS,RAIPUR(2024) RAHUL M. : 6372741832
697 AIIMS,DELHI(2021) SUSHREE SANGITA Mob. : 9810975701
695 AIIMS,GRORAKHAPUR(2024) OMM PRAKASH M. : 6372521307

695 SWAGATIKA M. : 7381845430 AIIMS GORAKHAPUR(2024)
680 DEVASIS SAHOO Mob. : 9861492793 AIIMS BBSR(2021)
675 ASHIRBAD BISWAL Mob. : 7846821473 AIIMS GORAKHPUR(2023)
670 ADITYA NARAYAN M. : 8260333635 AIIMS MADURAI(2024)
670 ANUPAM NAYAK Mob. : 7205755502 AIIMS KALYANI (2023)
665 SATYAJIT NAYAK Mob. : 8260601336 AIIMS RAIPUR(2022)

## Qualifying & Scholarship Test for NEET :

25th May, 1st June and 9th June 2025 (any one)
Exam from 11am. to 2.00pm. (Reporting at 10.00am.)
FOR ONLINE REGISTRATION VISIT OUR WEBSITE : https://neet.tetrahedroncoaching.com

Name of the Exam Centres :

- TETRAHEDRON Group of Institutions Tangi, Cuttack M. : 9040363480
- TETRAHEDRON Coaching Arunodaya Nagar, Cuttack M. : 8093064572
- OASIS Gopabandhu Square Bhubaneswar M. : 8093064525
- SRIRAM HIGHER Secondary School Soro, Near NH-16,Balasore M. : 8093664112
- ARYAVAT Higher Secondary School Soubhagya Nagar, Angul M. : 9348300700
- SANDILYA College of Science Dehuripali, Budharaja,Sambalpur M. : 9040363480

One Year NEET Coaching Starts from 29th May, 4th June & 22nd June 2025

# TETRAHEDRON
HIGHER SECONDARY SCHOOL
WOMEN'S HIGHER SECONDARY SCHOOL
RESIDENTIAL COACHING FOR NEET & JEE

www.tetrahedroncoaching.com

# ପୋଖରୀରେ ବୁଡ଼ି ନାବାଳକ ମୃତ

**ଟିଗିରିଆ,୨୨।୫(ଜାଫର ଖାଁ):** ଟିଗିରିଆ ଥାନା ଅନ୍ତର୍ଗତ ସୋମପଡା ପଞ୍ଚାୟତସ୍ଥିତ କୁମ୍ଭୀପୁଟ ଗ୍ରାମର ସୋରଣିଗାଡ଼ିଆ ପୋଖରୀରେ ବୁଡ଼ିଯିବାରୁ ଗୁରୁବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ ଏନଏସିସ୍ଥିତ ୭ ନଂ. ୱାର୍ଡର ହରସ ନାୟକଙ୍କ ପୁତ୍ର ହିମାଂଶୁ(୧୦)।ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ସମ୍ପର୍କୀୟ ଭଉଣୀ ଭିଣୋଇଙ୍କ ଘର କୁମ୍ଭୀପୁଟକୁ ହିମାଂଶୁ ଆସିଥିଲେ। ଗୁରୁବାର ପ୍ରାୟ ୧୧ଟା ବେଳେ ଭଉଣୀ ଭିଣୋଇଙ୍କ ଅଜ୍ଞାତରେ ହିମାଂଶୁ ନିଜର ଦୁଇ ସାଙ୍ଗଙ୍କ ସହ ସୋରଣିଗାଡ଼ିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅନ୍ୟ ଦୁଇ ସାଙ୍ଗ ଅନ୍ୟତ୍ର ଗାଧୋଇବାକୁ ଯାଇଥିଲେ। ସେମାନେ ସେଠାରୁ ଫେରିବା ପରେ ହିମାଂଶୁଙ୍କୁ ଉକ୍ତ ପୋଖରୀରେ ନପାଇ ଭଉଣୀ, ଭିଣୋଇକୁ ଅବଗତ କରାଇଥିଲେ। ସୂଚନାପାଇ ଭିଣୋଇ ବାପୁ ନାୟକ ଓ ତାଙ୍କ ବଡଭାଇ ରଶ୍ମିରଞ୍ଜନ ନାୟକ ଉକ୍ତ ପୋଖରୀ ନିକଟକୁ ଯାଇ ହିମାଂଶୁଙ୍କୁ ପାଣିରୁ ଉଦ୍ଧାର କରି ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ମହିମାସାଗର ଦେବଙ୍କ ପ୍ରସିଦ୍ଧ ଚନ୍ଦନଯାତ୍ରା ଉଦ୍‌ଯାପିତ

**ଟିଗିରିଆ,୨୨।୫(ଜାଫର ଖାଁ )**

ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତସ୍ଥିତ କଳିବିରି ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀମହିମାସାଗର ଦେବଙ୍କ ପୀଠରେ ଚାଲିଥିବା ପ୍ରସିଦ୍ଧ ଚନ୍ଦନ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅକ୍ଷୟ ତୃତୀୟାଠାରୁ ପ୍ରଭୁ ଶ୍ରୀଶ୍ରୀମହିମାସାଗର ଦେବଙ୍କ ବିଜେ ପ୍ରତିମା ପ୍ରତ୍ୟହ ଚାପ ଖେଳିବା ପାଇଁ ବିମାନରେ ଗ୍ରାମର ଚନ୍ଦନ ପୋଖରୀକୁ ଆସୁଥିଲେ। ପରେ ଶ୍ରୀକ୍ଷେତ୍ର ଭଉଁରୀର ୫ ଦିନ ପୂର୍ବରୁ ପ୍ରତ୍ୟହ ବିମାନଯୋଗେ ଶ୍ରୀଶ୍ରୀମହିମାସାଗର ଦେବଙ୍କ ବିଜେ ପ୍ରତିମା କଳିବିରି ଗ୍ରାମର ସମସ୍ତ ୭ଟି ସାହି ବିମାନ ଯୋଗେ ପରିକ୍ରମା କରିଥିଲେ। ଏହି ସମୟରେ ପ୍ରତ୍ୟେକ ସାହି ବାସିନ୍ଦାଙ୍କ ଦ୍ୱାରା ପ୍ରଭୁ ଶ୍ରୀଶ୍ରୀମହିମାସାଗର ଦେବଙ୍କ ନିକଟରେ ଦାଣ୍ଡମଣୋହି ଭୋଗ ଲାଗି ହୋଇଥିଲା। ଚଳିତ ବର୍ଷ ଏହି ପ୍ରସିଦ୍ଧ ଯାତ୍ରାର ସମସ୍ତ ଦିନରେ ପ୍ରଭୁ ଶ୍ରୀଶ୍ରୀମହିମାସାଗର ଦେବଙ୍କ ବିଜେ ପ୍ରତିମା ପଟୁଆରରେ ବିଭିନ୍ନ ସାହି ପରିକ୍ରମା କରିଥିଲେ। ଏହ





ମହିମାସାଗର ଦେବଙ୍କ ଚନ୍ଦନଯାତ୍ରା ଶୋଭାଯାତ୍ରାରେ ଆସିଥିବା କୃତ୍ରିମ ହାତୀ ଓ ବିମାନ।

ଶୋଭାଯାତ୍ରାରେ ବିଭିନ୍ନ ସାହି ଯାତ୍ରା କମିଟି ପକ୍ଷରୁ ନିର୍ମିତ ପ୍ରତିମୂର୍ତ୍ତି ଓ ବେଶଧାରୀ ସାମିଲ ହୋଇଥିଲେ। ଏହି ଯାତ୍ରା ପାଇଁ ଗ୍ରାମର ସମସ୍ତ ୭ଟି ସାହିକୁ ଯାତ୍ରା କମିଟି ପକ୍ଷରୁ ଆକର୍ଷଣୀୟ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଏଥିସହ ସୁନ୍ଦରମେଢ଼ ଓ ତୋରଣରେ କଳିବିରି ଗ୍ରାମ ଝଲସି ଥିଲା। ଯାତ୍ରା ଉପଲକ୍ଷେ ବିଭିନ୍ନ ଯାତ୍ରା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୁରୁବାର ଅନ୍ତିମ ଦିନରେ ମେଲୋଡି କାର୍ଯ୍ୟକ୍ରମ ସହ ତାରିଣୀ ଗଣନାଟ୍ୟ ପକ୍ଷରୁ ୩ ଦିନ ଧରି ସୁନେଇ ରୂପେଇ ପୀଠ ସ୍ଥିତ ଯାତ୍ରା ପଡ଼ିଆରେ ନାଟକ ପରିବେଷଣ କରାଯାଇଛି । ଏହି ଯାତ୍ରାକୁ ଦେଖିବା ପାଇଁ ଗ୍ରାମ ତଥା ବାହାରୁ ଶତାଧିକ ଜନସାଧାରଣ କଳିବିରି ଗ୍ରାମକୁ ଆସିଥିଲେ। ଯାତ୍ରା ପାଇଁ ଖୋଲିଥିବା ଶତାଧିକ ଅସ୍ଥାୟୀ ଦୋକାନରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶୁକ୍ରବାର ଭସାଣି ସହ ଚଳିତବର୍ଷ ଯାତ୍ରାର ସମାପ୍ତି ଘଟିବ ବୋଲି ଯାତ୍ରା କମିଟିର ଉପଦେଷ୍ଟା ମାନସ ରଞ୍ଜନ ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ପବିତ୍ର ମୋହନ ସାହୁ, କୋଷାଧକ୍ଷ ମହାଦେବ ସାହୁ ପ୍ରମୁଖ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟିର ସଦସ୍ୟ ହେମନ୍ତ କୁମାର ଖଟୁଆ, ମାନସ ରଞ୍ଜନ ସାହୁ, ଗଗନ ବିହାରୀ ସାହୁ, ପ୍ରଭାସ ରଞ୍ଜନ ମାଟି, ଅମିୟ କୁମାର ସାହୁ, ରାଜକିଶୋର ସାହୁ,ପବିତ୍ର କୁମାର ସାହୁ, ଅଶୋକ ପରିଡାଙ୍କ ସମେତ ଯାତ୍ରା କମିଟିର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଘଟଣାର ତଦନ୍ତ ପାଇଁ ୬ ଜଣିଆ କମିଟି ଗଠିତ

**କଟକ,୨୨।୫(ଶିଳ୍ପା ପ୍ରିୟଦର୍ଶିନୀ)**

## ଟର୍ଚ୍ଚ ଲାଇଟରେ ଶିଶୁ ମୁଣ୍ଡରେ ଷ୍ଟିଚ୍ ପକାଇବା ଘଟଣା

ସର୍ଦ୍ଦାରବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ଟର୍ଚ୍ଚ ଲାଇଟ ପକାଇ ଶିଶୁ ମୁଣ୍ଡରେ ଷ୍ଟିଚ୍ ପକାଇବା ଖବର ପ୍ରକାଶ ପରେ ଘଟଣାର ତନାଘନା ଆରମ୍ଭ ହୋଇଛି। ହେଲେ ଏହି ଘଟଣା ନୂଆ ମୋଡ଼ ନେଇଛି। ମେଡିକାଲର ମାଇନର ଓଟିରେ ଭିତ୍ତିଭୂମି ସୁଦୃଢ଼ କରିବା ପରିବର୍ତ୍ତେ ମେଡିକାଲ ଅଧୀକ୍ଷକ ଷ୍ଟିଚ୍ ପକାଇଥିବା ଡାକ୍ତରଙ୍କ ଉପରେ ଦୋଷ ଲଦିଛନ୍ତି। ଏପରି କି ଡାକ୍ତର ଜଣକ ଏହି ସମୟର ଫଟୋ ଭିଡିଓ ଭାଇରାଲ କରିଥିବା ଅଭିଯୋଗ କରି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହାସହ ତଦନ୍ତ ଲାଗି ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ଗଠିତ ୬ ଜଣିଆ କମିଟି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି। ଏ ନେଇ ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, ଡାକ୍ତର ଶିଶୁଟିକୁ ମାଇନର ଓଟିକୁ ନ ନେଇ ବରଂ କାଜୁଆଲଟିରେ ଷ୍ଟିଚ୍ ପକାଇଛନ୍ତି। ଲାଇଟ ଥିବା ସତ୍ତ୍ୱେ କେଉଁଥିପାଇଁ ଏଭଳି କରିଛନ୍ତି ଏବଂ କେଉଁ ଉଦ୍ଦେଶ୍ୟ ରଖି ଫଟୋ ଓ ଭିଡିଓ ଭାଇରାଲ କରାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ପାଇଁ କମିଟି ଗଠନ କରାଯାଇଛି ଏବଂ କମିଟି ତଦନ୍ତ ଆରମ୍ଭ କରିସାରିଛି। ତଦନ୍ତ ରିପୋର୍ଟ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

ସୂଚନାଥାଉ କି, ବୁଧବାର ରାତି ପ୍ରାୟ ୮ଟାରେ କଟକସ୍ଥିତ ରାଜବଗିଚା ଅଞ୍ଚଳର ୨ବର୍ଷ ଶିଶୁପୁତ୍ର ମୁଣ୍ଡରେ ଆଘାତ ଲାଗିବାରୁ ପରିବାର ଲୋକେ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଷ୍ଟିଚ୍ ପକାଇବା ପାଇଁ କହିଥିଲେ ଏବଂ ମାଇନର ଓଟିକୁ ଶିଶୁପୁତ୍ରକୁ ନିଆଯାଇଥିଲା। ସେଠାରେ ଷ୍ଟିଚ୍ ପକାଇବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ଆବଶ୍ୟକ ଲାଇଟ ନ ହେବାରୁ ମେଡିକାଲର ଜଣେ କର୍ମଚାରୀ ଟର୍ଚ୍ଚ ଲାଇଟ ପକାଇଥିଲେ ଏବଂ ଡାକ୍ତର ଷ୍ଟିଚ୍ ପକାଇଥିଲେ। ଏହି ଖବର 'ଧରିତ୍ରୀ'ରେ 'ଟର୍ଚ୍ଚ ଲାଇଟରେ ଶିଶୁ ମୁଣ୍ଡରେ ପଡିଲା ଷ୍ଟିଚ୍' ଶୀର୍ଷିକ ଖବର ପ୍ରକାଶ ପାଇବା ପରେ ମେଡିକାଲ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରି ଘଟଣାର ତନାଘନା କରିଛନ୍ତି।

# ରାସ୍ତା ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି, ୨୨।୫(ଅଶୋକ କୁମାର ମହାପାତ୍ର):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତ ଜହ୍ନିଆ ଛକ ନିକଟରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡକ ଯୋଜନା ରାସ୍ତାର ନିର୍ମାଣ ଓ ଉନ୍ନତିକରଣର ବୁଧବାର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଜହ୍ନିଆଠାରୁ ନହଙ୍ଗ ଭାୟା ଝାରପଡା ୮ ନମ୍ବର ଏ କେନାଲ ବନ୍ଧ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ରାସ୍ତା ନିର୍ମାଣ ନିମନ୍ତେ ୪ କୋଟି ୩୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ ହୋଇଛି। ଉତ୍ସବରେ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟ ଅଶୋକ କୁମାର ଓଝା ଉପସ୍ଥିତ ଥିଲେ।

# ହୃଦ୍‌ଘାତରେ ପ୍ରାକ୍ତନ ସମିତି ସଭ୍ୟା ମୃତ

**ବାଙ୍କୀ ,୨୨।୫(ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ ରତାଗଡ ଗ୍ରାମର ପ୍ରାକ୍ତନ ସମିତିସଭ୍ୟା ତଥା ପ୍ରମୋଦ ରଣାଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ରଣାଙ୍କ ଗୁରୁବାର ପରଲୋକ ଘଟିଛି। ପୂର୍ବରୁ ସେ ଶ୍ୱାସ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଗୁରୁବାର ହଠାତ୍ ଛାତିରେ କଷ୍ଟ ଅନୁଭବ କରିବାରୁ ଚିକିତ୍ସା ପାଇଁ ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜ୍ୟୋତିର୍ମୟୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶ୍ୱାସ ରୁନ୍ଧ ହୋଇ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ଜ୍ୟୋତିର୍ମୟୀ ରଣା ପୂର୍ବରୁ ବିଜେଡି ସମର୍ଥିତ ସମିତି ସଭ୍ୟା ଭାବେ ନିଷ୍ଠାର ସହ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ସରଣ୍ଡା ଜୋନ ପୂର୍ବତନ ଜିଲା ପରିଷଦ ମାନସ ମହାପାତ୍ର, ସରପଞ୍ଚ ଭାଗ୍ୟଲକ୍ଷ୍ମୀମହାପାତ୍ର, ପୂର୍ବତନ ସରପଞ୍ଚ ବେଣୁଧର ଦାସ, ତରୁଣ କୁମାର ମହାପାତ୍ର, ସାମାଜିକ କର୍ମୀ ରଜନୀ କାନ୍ତ ପଣ୍ଡା, ତ୍ରିନାଥ ବେହେରା, ଶତ୍ରୁଘ୍ନ ବେହେରା ବେହେରା, ଗଣେଶ ବେହେରା ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ମୃତଦେହରେ ଦଳୀୟ ପତାକା ପକାଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଖବରପାଇ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାଷ ଚନ୍ଦ୍ର ପାଢୀ ପ୍ରମୁଖ ଦୁଃଖ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି।

# ଯୁକ୍ତ ୨ ପରୀକ୍ଷା: କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଟିଗିରିଆ/ବାଙ୍କୀ/ବଡ଼ମ୍ବା/ମାଣିଆବନ୍ଧ/ ସାଲେପୁର, ୨୨।୫(ଜାଫର ଖାଁ/ଜ୍ଞାନେନ୍ଦ୍ରମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର/ ମାୟାଧର ମଲ୍ଲିକ/ ଅଖିଳ କୁମାର ସାହୁ/ ଅରବିନ୍ଦ ଭୂୟାଁ)**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିଧାରପୁରସ୍ଥିତ ଆର୍‌ପି ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ତରଫରୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଶତକଡ଼ା ୯୦ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଥିବା ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ର ଅଂଶୁମାନ ବେହେରା, ସୁଶୀଲ ଦେହୁରୀ, ଅବିନାଶ ବେହେରା ଓ ଛାତ୍ରୀ ଶୁଭଦ୍ରା ପ୍ରଧାନଙ୍କ ସମେତ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ଜନରଞ୍ଜନ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବାଙ୍କୀ ଉପଖଣ୍ଡ ଡମପଡ଼ା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ କଳାର ପ୍ରଥମ ଶ୍ରେଣୀରେ ୧୮, ୨ୟ ଶ୍ରେଣୀରେ ୧୧ ଓ ତୃତୀୟ ଶ୍ରେଣୀରେ ୪୮ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ୨ କଳାରେ ଅନୁ ବାରିକ ୫୪୩ ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲ ଅଭିନନ୍ଦନ ଜଣାଇଛନ୍ତି। ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ବିଜ୍ଞାନରେ ଲକ୍ଷ୍ମୀପ୍ରିୟା ଡ଼ାଳୁଆ (୫୪୭), କଳାରେ ଗାୟତ୍ରୀ ସାହୁ (୫୨୮) ଓ ବାଣିଜ୍ୟରେ ପ୍ରିୟଙ୍କା ଦାସ (୫୧୨) କଲେଜ ଟପ୍ପର ହୋଇଛନ୍ତି। ସେହିଭଳି ଶଙ୍ଖାମେରୀ କଲେଜରେ ପ୍ରଥମ ଶ୍ରେଣୀରେ ୯ଜଣ, ୨ୟରେ ୫ ଓ ୩ୟ ଶ୍ରେଣୀରେ ୨୫ ଛାତ୍ରୀଛାତ୍ର ପାସ୍ କରିଥିବା ଅଧ୍ୟକ୍ଷ ନରସିଂହ ରାଉତ କହିଛନ୍ତି। ମାଣିଆବନ୍ଧ କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ୨ କଳାରେ ପାସ୍ ହାର ୮୪ ପ୍ରତିଶତ ରହିଛି। ଛାତ୍ରୀ ଅଙ୍କିତା ପାତ୍ର ୫୩୦ ମାର୍କ ରଖି କଳାରେ ବ୍ଲକ ଟପ୍ପର ହୋଇଛନ୍ତି। ଏଠାରେ ପ୍ରଥମ ଶ୍ରେଣୀରେ ୩୪, ୨ୟରେ ୨୨ ଏବଂ ୩ୟ ଶ୍ରେଣୀରେ ୪୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସାଲେପୁରରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଏକ ଟ୍ୟୁଟୋରିଆଲ ପକ୍ଷରୁ କଲେଜରୋଡ୍‌ସ୍ଥିତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପୃକ୍ତ ଟ୍ୟୁଟରିଆଲ ଛାତ୍ରୀ ସ୍ମୃତିଶ୍ରୀ ମିଶ୍ର ୫୪୬ନମ୍ବର ରଖି ସାଲେପୁର କଲେଜରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ବିମଳକାନ୍ତ ଖୁଣ୍ଟିଆଙ୍କ ନେତୃତ୍ୱରେ ଏହି ସଭା ଆୟୋଜନ କରାଯାଇଥିଲା।



ଟିଗିରିଆସ୍ଥିତ ଆର୍‌ପି କଲେଜରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।



# ମେୟରଙ୍କ ବାଂଲାଦେଶୀ ମନ୍ତବ୍ୟକୁ ବିରୋଧ



ମେୟରଙ୍କ ମନ୍ତବ୍ୟକୁ ବିରୋଧ କରି ରାଜମହଲ ଛକରୁ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

■ଇସ୍ତଫା ଦାବି ସହ କୁଶପୁତ୍ତଳିକା ଦାହକଲା ଭାଜପା
■ପ୍ରତିବାଦ ଶୋଭାଯାତ୍ରା, କଳାପତାକା ପ୍ରଦର୍ଶନ

**ଭୁବନେଶ୍ୱର,୨୨।୫(ବନ୍ଦନା ସେଠୀ)**

ବାଂଲାଦେଶୀ ନାଗରିକଙ୍କ ତଡ଼ିପାର ପ୍ରସଙ୍ଗରେ ମେୟର ସୁଲୋଚନା ଦାସ ଦେଇଥିବା ମନ୍ତବ୍ୟକୁ ନେଇ ବିରୋଧ ତେଜିବାରେ ଲାଗିଛି। ଗୁରୁବାର ବିଭିନ୍ନ ସ୍ଥାନରେ ପ୍ରତିବାଦ ସହ କୁଶପୁତ୍ତଳିକା ଦାହ, କଳାପତାକା ପ୍ରଦର୍ଶନ କରାଯାଇଛି। ଭାଜପା ପକ୍ଷରୁ ଲୋୟର ପିଏମ୍‌ଜିଠାରେ ପ୍ରତିବାଦ ଶୋଭାଯାତ୍ରା ସହ ମେୟରଙ୍କ ଇସ୍ତଫା ଦାବି କରାଯାଇଛି। ସେହିପରି ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ରାଜମହଲରୁ ଶିଶୁଭବନ ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ୱାର୍ଡ ନଂ. ୧୪ ଅନ୍ତର୍ଗତ ନୀଳାଦ୍ରୀବିହାରରେ ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି ବେଳେ ମେୟର ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲେ। ମେୟର ୱାର୍ଡ ଅଫିସ୍‌ଠାରେ ପହଞ୍ଚିବା କ୍ଷଣି ସ୍ଥାନୀୟ ଲୋକେ ତାଙ୍କୁ କଳାପତାକା ଦେଖାଇବା ସହ ବାଂଲାଦେଶୀ ମେୟର ହାଏ ହାଏ ବୋଲି ସ୍ଲୋଗାନ ଦେଇଥିଲେ। ବାଂଲାଦେଶୀମାନେ ଆମର କେମିତି ଭାଇଭଉଣୀ ହେଲେ ଓ ସେମାନଙ୍କ ପାଇଁ ମେୟରଙ୍କ ମନରେ ଏତେ ଭାବାବେଗ କାହିଁକି ବୋଲି ଲୋକମାନେ ପ୍ରଶ୍ନ କରିଥିଲେ। ମେୟର ଉତ୍ତେଜିତ ଲୋକଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ ହେଁ ସେମାନେ କୌଣସି କଥା ଶୁଣି ନ ଥିଲେ। ଶେଷରେ ମେୟର ସମ୍ପୃକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଦେଶର ସୁରକ୍ଷା କ୍ଷେତ୍ରରେ ଏବେ ବାଂଲାଦେଶୀମାନେ ବିପଦ ସାଜିଛନ୍ତି। ସେମାନେ ସୀମା ସୁରକ୍ଷାକୁ ଭେଦକରି ଦେଶ ଭିତରକୁ ପ୍ରବେଶକରିବା ସହ ଦେଶରେ ଅସୁରକ୍ଷିତ ବାତାବରଣ ସୃଷ୍ଟି କରୁଛନ୍ତି। ତେଣୁ ତାଙ୍କୁ ଦେଶରୁ ବାହାର କରିବା ପାଇଁ ଦେଶବାସୀ ସ୍ୱର ଉତ୍ତୋଳନ କରିଛନ୍ତି। ଓଡ଼ିଶାରୁ ବାଂଲାଦେଶୀଙ୍କୁ ତଡ଼ିବା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ମେୟର ସୁଲୋଚନା ଦାସ ବାଂଲାଦେଶୀଙ୍କ ସମର୍ଥନରେ ମନ୍ତବ୍ୟ ଦେବା ଉତ୍ତେଜନା ସୃଷ୍ଟି କରିଛି। ସହରରୁ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟାରେ ବିଏମ୍‌ସି ସହଯୋଗ କରିବ। ତେବେ ଯେଉଁମାନଙ୍କର ଭୋଟର ପରିଚୟପତ୍ର, ଆଧାର କାର୍ଡ ଓ ରାଶନ କାର୍ଡ ଅଛି ସେମାନେ ଭାରତୀୟ। ତାଙ୍କର କୌଣସି ସମସ୍ୟା ନାହିଁ। ମାତ୍ର ଯେଉଁମାନେ ଅବୈଧ ଭାବେ ସୀମା ପାର୍ ହୋଇ ଆସୁଛନ୍ତି ବା ଯେଉଁମାନଙ୍କର ଖାତା ଖତିୟାନ ନାହିଁ, ତାଙ୍କୁ ସହରରୁ ବାହାର କରାଯିବ ବୋଲି ମେୟର କହିଥିଲେ। ଏହାପରେ ଚାରିଆଡୁ ବିରୋଧ ଓ ପ୍ରତିବାଦ ଆରମ୍ଭ ହୋଇଥିଲା। ଭାଜପା ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି, ସହରର ପ୍ରଥମ ନାଗରିକ ଓ ଲୋକଙ୍କ ପ୍ରତିନିଧି ହୋଇ ମଧ୍ୟ ଏଭଳି ଅଶୋଭନୀୟ ମନ୍ତବ୍ୟ କିଭଳି ଦେଇପାରୁଛନ୍ତି? ଦଳୀୟ ଭାବନା ରଖି ମେୟର ଏଭଳି ମନ୍ତବ୍ୟ ଦେଇଥିବା ସେ ଅଭିଯୋଗ କରିବା ସହ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ସମର୍ଥନ କରିବା ଲଜ୍ଜାଜନକ ଘଟଣା। ଆଗାମୀ ଦିନରେ ପ୍ରତିବାଦକୁ ଆହୁରି ତୀବ୍ରତର କରାଯିବ ଏବଂ ମେୟର ନିଜ ପଦବୀରୁ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଯେଉଁଠାକୁ ଯିବେ ତାଙ୍କୁ ପ୍ରତିବାଦ କରାଯିବ ବୋଲି ଜଗନ୍ନାଥ କହିଛନ୍ତି।

### ବାଂଲାଦେଶୀ ରାଶନ, ଆଧାର କାର୍ଡ ହାତେଇବା ଘଟଣାର ତଦନ୍ତ ହେଉ: ବାବୁ ସିଂ

ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ମେୟର ସରକାର କିମ୍ବା ସମ୍ବିଧାନ ଉପରେ ନୁହେଁ। ସେ ଭୁବନେଶ୍ୱରର ପ୍ରଥମ ନାଗରିକ, ବାଂଲାଦେଶ କି ପାକିସ୍ତାନର ନାଗରିକ ନୁହନ୍ତି। ଆମ ଦେଶ, ରାଜ୍ୟ ତଥା ସହରରେ କେବଳ ଆମ ଦେଶର ଲୋକଙ୍କ ରହିବାର ଅଧିକାର ରହିଛି। ବାଂଲାଦେଶୀମାନେ କିଭଳି ଭାବେ ରାଶନ କାର୍ଡ, ଆଧାରକାର୍ଡ କରିଛନ୍ତି, ତାହାର ତଦନ୍ତ ଆରମ୍ଭ ହେବା ଦରକାର। ବାଂଲାଦେଶୀମାନେ ଏଠାରେ ଲୁଚିକି ଆସି ରହୁଛନ୍ତି। ଏଠାରେ ଅପରାଧ ଘଟାଇ ନିଜ ଦେଶକୁ ପଳାଉଛନ୍ତି। ସେମାନେ ଆମ ଦେଶର ଆର୍ଥିକ ବ୍ୟବସ୍ଥାକୁ ଧ୍ୱଂସକରିବା ସହ ଆମ ଦେଶର ନାଗରିକଙ୍କ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି। ଭାରତ ଶରଣାର୍ଥୀଙ୍କ ଶିବିର ନୁହେଁ ଯେ, ଯିଏ ଯେତେବେଳେ ଚାହିଁବେ ଆସି ରହିବେ। ବାଂଲାଦେଶୀ, ରୋହିଙ୍ଗ୍ୟାମାନେ ତୁରନ୍ତ ଏଠାରୁ ବାହାରିବାର ଆବଶ୍ୟକତା ରହିଛି।

### ମତ ବଦଳାଇଲେ ମେୟର

ଚାରିଆଡୁ ପ୍ରତିବାଦ ଓ ବିରୋଧ ପରେ ମେୟର ସୁଲୋଚନା ଦାସ ତାଙ୍କ ମତ ବଦଳାଇଥିଲେ। ସେ କହିଲେ, ଦୀର୍ଘଦିନ ଧରି ରାଜଧାନୀରେ ରହି ଭୋଟର, ରାଶନ ଓ ଆଧାରକାର୍ଡ ହାତେଇଥିବା ବାଂଲାଦେଶୀ ନାଗରିକଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ସେନେଇ ସରକାର ଚିନ୍ତା କରନ୍ତୁ। ସରକାର ଯାହା ନିଷ୍ପତ୍ତି ନେବେ ତାହା କାର୍ଯ୍ୟକାରୀ କରାଯିବ ବୋଲି ସୁଲୋଚନା କହିଛନ୍ତି।

# ବିଜେବି କଲେଜ +୩ ପରୀକ୍ଷା ଫଳ ପ୍ରକାଶିତ

## ବିଜ୍ଞାନରେ ମୋନାଲି, ବାଣିଜ୍ୟରେ ବିଜୟାଲକ୍ଷ୍ମୀ, କଳାରେ ଯୋଗେଶ୍ୱର ଟପ୍ପର



ଅଧକ୍ଷା ଝୁମ୍‌କି ରଥଙ୍କ ସମେତ ପରୀକ୍ଷା ନିୟନ୍ତ୍ରକ ଏବଂ ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକମାନେ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୨।୫(ସୁଚିସ୍ମିତା ସାହୁ)**

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ.ଝୁମ୍‌କି ରଥ ପରୀକ୍ଷା ଫଳ ୨୦୨୫ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। କଳାରେ ପାସ୍ ହାର ୯୫.୫ ପ୍ରତିଶତ ରହିଥିବା ବେଳେ ବିଜ୍ଞାନରେ ୯୬.୧୩ ପ୍ରତିଶତ ଏବଂ ବାଣିଜ୍ୟରେ ୯୪.୬୦ ପ୍ରତିଶତ ରହିଛି। ତିନି ବିଭାଗରେ ଛାତ୍ରୀମାନେ ଆଗରେ ରହିଛନ୍ତି। କଳାରେ ୪୨୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪୦୮ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ୯୬.୬୨% ଛାତ୍ରୀ ଓ ୯୩.୭୫% ଛାତ୍ର ପାସ କରିଛନ୍ତି। ବିଜ୍ଞାନରେ ୧୮୧ଜଣ ପରୀକ୍ଷା ଦେଇଥିବାବେଳେ ୧୭୪ଜଣ ପାସ କରିଛନ୍ତି। ସମସ୍ତ ଛାତ୍ରୀ ପାସ୍ କରିଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୩.୮୦ ପ୍ରତିଶତ ରହିଛି। ସେହିପରି ବାଣିଜ୍ୟରେ ୨୪୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୨୮ଜଣ ପାସ୍ କରିଛନ୍ତି। ସେଥିରୁ ୯୮.୯୨ ପ୍ରତିଶତ ଛାତ୍ରୀ ଓ ୯୩.୧୧ପ୍ରତିଶତ ଛାତ୍ର ରହିଛନ୍ତି। କ୍ୟୁମୁଲେଟିଭ୍ ଗ୍ରେଡ୍ ପଏଣ୍ଟ ଆଭରେଜ୍ (ସିଜିପିଏ) ଅନୁସାରେ, ବିଜ୍ଞାନରେ ମୋନାଲି ସାମଲ ୯.୬୯(ଗଣିତ ସମ୍ମାନ), ବାଣିଜ୍ୟରେ ବିଜୟାଲକ୍ଷ୍ମୀ ମକଦମା ୯.୩୫ ଓ କଳାରେ ଯୋଗେଶ୍ୱର ଦାସ (ମ୍ୟୁଜିକ୍ ସମ୍ମାନ)୯.୬୦ ସିଜିପିଏ ନମ୍ବର ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ଆନ୍ଥ୍ରୋପୋଲୋଜି ସମ୍ମାନରେ ରାଜଲକ୍ଷ୍ମୀ ଭଞ୍ଜ(୯.୮୩), ଅର୍ଥନୀତିରେ ସଂସ୍କୃତି ମହାପାତ୍ର(୯.୦୦), ଇଂଲିଶରେ ପ୍ରୀତି ପ୍ରତିଭା ନିଶାଙ୍କ(୯.୭୧), ଭୂଗୋଳରେ ନଫିଶା ବାନୁ (୮.୮୬), ହିନ୍ଦୀରେ ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ(୯.୦୭), ଇତିହାସରେ ଶ୍ରାବଣୀ ସ୍ୱାଇଁ (୮.୬୪), ଓଡିଆରେ ସୁଚିତ୍ରା ସାହୁ(୮.୪୩), ଦର୍ଶନରେ ବିଜୟାଲକ୍ଷ୍ମୀ ଦାଶ(୯.୨୯), ରାଜନୀତି ବିଜ୍ଞାନରେ ରୀତି ବାରି (୯.୨୧), ମନୋବିଜ୍ଞାନରେ ରାଉତ ପୂଜା କିଶୋର(୯.୭୬), ସଂସ୍କୃତରେ ସୁଚିସ୍ମିତା ଦାଶ(୮.୭୯), ସମାଜବିଜ୍ଞାନରେ ଅର୍ଚ୍ଚି ଅର୍ଚ୍ଚିତା ସାମଲ(୮.୯୩), ବାୟୋଟେକ୍ନୋଲଜିରେ ସମୃଦ୍ଧି ରାଉତରାୟ(୯.୪୩), ବଟାନିରେ ସୁଚିତ୍ରା ପ୍ରଧାନ(୯.୧୨), କମ୍ପ୍ୟୁଟର ସାଇନ୍ସରେ ଶ୍ରୀନିବାସ ମହାପାତ୍ର(୯.୬୨), କେମେଷ୍ଟ୍ରିରେ ଶୁଭପ୍ରସାଦ ସାମଲ(୯.୫୫), ଫିଜିକ୍ସରେ ଅଭିଷେକ ମିଶ୍ର(୯.୬୨), ଉଭୟ କଳା ଓ ବିଜ୍ଞାନ ପରିସଂଖ୍ୟାନରେ ସ୍ୱସ୍ତିକା ଦାସ(୯.୨୪) ଓ ଜୁଲୋଜିରେ ଶୁଧ୍ଧୁତି ମିଶ୍ର(୯.୬୨) ବିଭାଗୀୟ ଟପ୍ପର ହୋଇଛନ୍ତି। ପରୀକ୍ଷା ଫଳ ଘୋଷଣା କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ଡ. ମାନସ ଭୂୟାଁ, ଉପ ପରୀକ୍ଷା ନିୟନ୍ତ୍ରକ ଜୟନ୍ତୀ ବେହେରା, ସ୍ମୃତିରଞ୍ଜନ ସାହୁ, ଡ. ଚିନ୍ମୟ ପଟେଲ, ଅଧ୍ୟାପକ ଡ. ଶୁଭ୍ରାଂଶୁ ବେହେରା, ଡ. ନଳିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ୨ ମୃତ

ବାରଙ୍ଗ/ତ୍ରିଶୂଳିଆ,୨୨।୫(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): କଟକ ଜିଲା ଗୋଡ଼ିସାହି ଫାଣ୍ଡି ଅଧୀନ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାର ସାନ ମୁଣ୍ଡଳିଗ୍ରାମ ନିକଟରେ ଏକ ଗାଡ଼ି ଧକ୍କାରେ ଗୁରୁବାର ସକାଳେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ସଦର ଥାନା ଅଧୀନ ପାଣମୁର୍ଗା ଗ୍ରାମର ସମୀର ରାଉତ(୨୬) ଓ ସହଯୋଗୀ ବେଗୁନିଆପାଳ ଗ୍ରାମର ସନ୍ତୋଷ ତୁଙ୍ଗା(୨୨)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସମୀର ଓ ସନ୍ତୋଷ ଏକ ବାଇକ୍‌ରେ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ସାନମୁଣ୍ଡଳି ଗ୍ରାମ ପାଖ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ବିପରୀତ ପଟୁ ଆସୁଥିବା ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ପୋଲିସ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ରେଜଲ୍ଟ**

# ଅନ୍ୱେଷା ଦାଶ ବିଶ୍ୱବିଦ୍ୟାଳୟ ଟପ୍ପର

ଭୁବନେଶ୍ୱର,୨୨।୫(ସୁଚିସ୍ମିତା ସାହୁ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ମହାବିଦ୍ୟାଳୟର ଯୁକ୍ତ ୩ ଫଳ ବାହାରିଛି। ଚଳିତ ବର୍ଷ କଳାରେ ପାସ୍ ହାର ୯୦.୪ ପ୍ରତିଶତ ରହିଥିବା ବେଳେ ବିଜ୍ଞାନରେ ୯୩.୮୮ପ୍ରତିଶତ ଏବଂ ବାଣିଜ୍ୟରେ ୮୪.୦୧ ପ୍ରତିଶତ ରହିଛି। କଳାରେ ୫୮୯୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୫୩୨୭ଜଣ ପାସ୍ କରିଛନ୍ତି। ସେହିପରି ବିଜ୍ଞାନରେ ୧୦୩୦ଜଣ ପରୀକ୍ଷା ଦେଇଥିବା ବେଳେ ୯୬୭ଜଣ ପାସ୍ କରିଥିବାବେଳେ ବାଣିଜ୍ୟରେ ୩୭୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ୩୧୨ଜଣ ପାସ୍ କରିଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଜୁଲୋଜି ସମ୍ମାନର ଛାତ୍ରୀ ଅନ୍ୱେଷା ଦାଶ ୯.୬୨ ସିଜିପିଏ ରଖି ବିଶ୍ୱବିଦ୍ୟାଳୟ ସ୍ତରରେ ଟପ୍ପର ହୋଇଛନ୍ତି।





# ‘ବିକଶିତ ଖୋର୍ଦ୍ଧା ପାଇଁ ତୃଣମୂଳସ୍ତରରେ ଯୋଜନା ପହଞ୍ଚୁ’

## ଉନ୍ନୟନମୂଳକ ଯୋଜନାର ସମୀକ୍ଷା କଲେ ରାଜ୍ୟପାଳ

■ଆବାସ ଯୋଜନା ହିତାଧିକାରୀଙ୍କ ଗୃହ ବୁଲି ଦେଖିଲେ

■ବୁଦ୍ଧିଜୀବୀ, ମୁଦ୍ରା ଯୋଜନା ହିତାଧିକାରୀଙ୍କ ସହ ଆଲୋଚନା କଲେ

ଖୋର୍ଦ୍ଧା,୨୨।୫(ପ୍ରଭାତ ପାଣିଗ୍ରାହୀ)

ବିକଶିତ ଓଡ଼ିଶା ଏବଂ ବିକଶିତ ଖୋର୍ଦ୍ଧାର ସ୍ୱପ୍ନକୁ ପୂରଣ କରିବାକୁ ହେଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବାକୁ ପଡ଼ିବ। ଏଥିପାଇଁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ, ଜନତାଙ୍କ ସହଭାଗିତା ଜରୁରୀ ବୋଲି ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି କହିଛନ୍ତି। ଜିଲାକୁ ଦ୍ରୁତ ଶିଳ୍ପାୟନରେ ବିକାଶ କରାଇ ନିଯୁକ୍ତି ଓ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଗୁରୁବାର ରାଜ୍ୟପାଳ କମ୍ଭମପାଟି ଖୋର୍ଦ୍ଧା ଗସ୍ତରେ ଯାଇ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଅଗ୍ରଗତି ସମ୍ପର୍କରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲାପାଳ ଚଞ୍ଚଳ ରାଣା ଜିଲାର ଭୌଗୋଳିକ ସ୍ଥିତି, ଐତିହ୍ୟ, ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଶିଳ୍ପ ଅଭିବୃଦ୍ଧି ତଥା ଜିଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ ଆଦିର ବର୍ତ୍ତମାନ ସ୍ଥିତି ଏବଂ ଏଗୁଡିକର କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ରାଜଧାନୀର ଆଇନଶୃଙ୍ଖଳା ପରିସ୍ଥିତି ଓ ସେବା ଉପରେ ରାଜ୍ୟପାଳଙ୍କୁ ଅବଗତ କରାଯିବା ସହ ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଜିଲାର ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ପୋଲିସ ଷ୍ଟେଶନ ସ୍ଥିତି ସମ୍ପର୍କରେ କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଆବାସ ଯୋଜନାରେ ସହରାଞ୍ଚଳ ଓ ଗ୍ରାମୀଣ ଯୋଜନାର ଅଗ୍ରଗତି ରୂପରେଖ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟପାଳ ଗୁରୁତ୍ୱାରୋପ କରିବା ସହ ବ୍ଲକ୍ ୱାରି, ବିଜ୍ଞାପିତ ଅଞ୍ଚଳ ପରିଷଦ ୱାରି ଅଗ୍ରଗତି ସମୀକ୍ଷା କରି ନିର୍ଦ୍ଧାରିତ ସମୟରେ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ, ବୋନସ ରାଶି ପ୍ରଦାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅଗ୍ରଗତି, ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା, ଭିତ୍ତିଭୂମି, ଶିକ୍ଷକ ନିଯୁକ୍ତି, ଆଦର୍ଶ ବିଦ୍ୟାଳୟର ଉନ୍ନତୀକରଣ ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରୀୟ ମୁଦ୍ରା ଯୋଜନାରେ ବିଭିନ୍ନ ବ୍ୟାଙ୍କ ଋଣ ପ୍ରଦାନ ସମ୍ପର୍କରେ ରାଜ୍ୟପାଳ ବିଭିନ୍ନ ବ୍ୟାଙ୍କର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପିଏମ୍ ସୁରକ୍ଷା ବୀମା ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଦିଗରେ ବ୍ୟାଙ୍କଗୁଡ଼ିକ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସି ଲୋକଙ୍କୁ ସଚେତନ କରିବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। କୃଷି ଓ କୃଷକଙ୍କ ବିକାଶ ପାଇଁ ଚାଷୀଙ୍କୁ ଚିହ୍ନଟ ଓ ସବ୍‌ସିଡି ପ୍ରଦାନ, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ସୁଭଦ୍ରା ଯୋଜନା, ମମତା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୁଦ୍ରା ଯୋଜନା, ଲକ୍ଷପତି ଦିଦି ଭଳି କାର୍ଯ୍ୟକ୍ରମର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର(ଭୁବନେଶ୍ୱର) ବିଧାୟକ ବାବୁ ସିଂ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, ବ୍ୟକ୍ତିଗତ ସଚିବ ହିମାଂଶୁ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଉପଜିଲାପାଳ ମନୋରଞ୍ଜନ ସାହୁ, ଖୋର୍ଦ୍ଧା ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରାଜ୍ୟପାଳ ଖୋର୍ଦ୍ଧା ସହରର ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ୍‌ଙ୍କ ସହ ଆଲୋଚନା କରିଥିଲେ। ପରେ ମୁଦ୍ରା ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ରାଜ୍ୟପାଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ) ଅଧୀନରେ ଖୋର୍ଦ୍ଧା ପୌରାଞ୍ଚଳ ୱାର୍ଡ ନମ୍ବର ୪ର ଉପକୃତ ହିତାଧିକାରୀ ଲିଙ୍ଗି ସେନାପତି ଏବଂ ପ୍ରଧାନମନ୍ତ୍ରୀ ଆବସ ଯୋଜନା(ଗ୍ରାମୀଣ) ଅଧୀନରେ ବରସାହି ପଞ୍ଚାୟତ କୁମ୍ଭିଲୋ ଗ୍ରାମର ହିତାଧିକାରୀ ସୁରମା ସାହୁ ଓ ସୁଭାସିନୀ ସାହୁଙ୍କ ଗୃହ ପରିଦର୍ଶନ କରିଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ସମ୍ବୋଧିତକରି ରାଜ୍ୟପାଳ କହିଥିଲେ, ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି, ତାହାର ସମୀକ୍ଷା କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ ୧,୨ ଓ ୩ )ରେ ପ୍ରତ୍ୟେକ ଗ୍ରାମରେ ରାସ୍ତା ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ଜଳ ମିଶନ ଯୋଜନାରେ ସମସ୍ତ ଘରକୁ ପାନୀୟଜଳ ଯୋଗାଣ ପ୍ରାୟ ୭୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ରାଜ୍ୟ ସରକାର ଖୋର୍ଦ୍ଧା ଜିଲାରେ ଶିଳ୍ପର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। ୨୧ଟି ନୂତନ ଶିଳ୍ପସଂସ୍ଥା ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଛି। ଏଥିଲାଗି ଆବଶ୍ୟକ ଜମି ସଂସ୍ଥାକୁ ଯୋଗାଇ ଦେଇଛନ୍ତି। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ବହୁ ସୁଯୋଗ ରହିଛି। ଛାତ୍ରୀଛାତ୍ରମାନେ ଚାକିରି ପାଇଁ ବାହାର ରାଜ୍ୟକୁ ଯିବା ଅପେକ୍ଷା ନିଜ ଦକ୍ଷତା ବଳରେ ଏଠାରେ କ୍ଷୁଦ୍ର, ମଧ୍ୟମ ଶିଳ୍ପାନୁଷ୍ଠାନରେ ନିଜ କ୍ୟାରିୟର ଗଢ଼ି ଉଦ୍ୟମୀ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା କେନ୍ଦ୍ର ସରକାରଙ୍କ ବହୁମୁଖୀ ଯୋଜନା। ଏହା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଲାଭାନ୍ୱିତ ହୋଇପାରିବେ। ୩ କିଲୋୱାଟ ବିଦ୍ୟୁତ୍ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ୭୮ହଜାର ଏବଂ ରାଜ୍ୟ ସରକାର ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ଯୋଗାଇ ଦେଉଛନ୍ତି। ଜନସାଧାରଣ ଏହାର ସୁଯୋଗ ନେବା ପାଇଁ ରାଜ୍ୟପାଳ ଆହ୍ୱାନ କରିଥିଲେ।




ସମୀକ୍ଷା ବୈଠକରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି, ଦୁଇ ବିଧାୟକ, ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ।

# ମହିଳା ମହାବିଦ୍ୟାଳୟରେ ପାସ୍ ହାର ୯୪%

ଖୋର୍ଦ୍ଧା,୨୨।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ କଳାରେ ୨୪୧ଜଣ ପରୀକ୍ଷା ଦେଇଥିଲେ। ୨୨୬ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୪ ପ୍ରତିଶତ ରହିଛି। ସେଥିରୁ ପ୍ରଥମ ଶ୍ରେଣୀରେ ୬୪, ୨ୟରେ ୫୭ ଏବଂ ୩ୟରେ ୧୦୫ଜଣ ରହିଛନ୍ତି। ସେହିପରି ବାଣିଜ୍ୟରେ ୭ଜଣ ପରୀକ୍ଷା ଦେଇଥିବା ବେଳେ ୭ଜଣ ପାସ୍ କରିଛନ୍ତି। ଫଳାଫଳ ଶତ ପ୍ରତିଶତ ରହିଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ସମସ୍ତ କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଭଲ ପାଠ ପଢ଼ିବା ସହ ନିଜ ପ୍ରତିଭାର ବିକଶିତ କରିବା ଲାଗି ପରାମର୍ଶ ଦେଇଥିଲେ। ପିଲାଙ୍କ ସଫଳତା ପାଇଁ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ଶ୍ରେୟ ଦେଇଛନ୍ତି। କଠିନ ଅଧ୍ୟବସାୟ ଓ ଏକାଗ୍ରତା ସଫଳତା ଆଣେ ବୋଲି କହିଥିଲେ।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଓଟିଇଟିକୁ ବିରୋଧ

ଖୋର୍ଦ୍ଧା,୨୨।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ପକ୍ଷରୁ ଓଟିଇଟିକୁ ବିରୋଧ କରାଯାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ଚିଠି ମୁତାବକ, ଯେଉଁମାନେ ଓଟିଇଟି କରିନାହାନ୍ତି, ସେମାନେ ଏଲ୍-ଭି (ଏ)ରୁ ଏଲ୍-ଭି (ବି) ପଦୋନ୍ନତି ପାଇପାରିବେ ନାହିଁ। ରାଜ୍ୟରେ ୬୦ହଜାର ଶିକ୍ଷୟିତ୍ରୀ ଶିକ୍ଷକ ଏହି ବର୍ଗରେ କାର୍ଯ୍ୟ କରୁଛନ୍ତି। ସେମାନେ ପଦୋନ୍ନତି ପାଇବାରୁ ବଞ୍ଚିତ ହେବେ। ଗଣ ଶିକ୍ଷା ବିଭାଗ ପକ୍ଷରୁ ୨୦୧୯ କ୍ୟାଡର ରୁଲ୍ ଚିଠି ନମ୍ବର ୫୭୫୪ ତାରିଖ ୮।୩।୧୯ ଅନୁସାରେ ଶିକ୍ଷକଙ୍କ ପଦୋନ୍ନତି ନିମନ୍ତେ ଓଟିଇଟି ଦେବା ପାଇଁ କୌଣସି ନିୟମ ନ ଥିଲା। ଏହା ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନମ୍ବର ୧୦୬୮୬ ତାରିଖ ୬।୫।୨୩ ରେ ଶିକ୍ଷକଙ୍କ ପଦୋନ୍ନତି ପାଇଁ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଏକ ଚିଠ କରାଯାଇଥିଲା। ସେଥିରେ ଲେଖାଥିଲା ୧୧।୨।୧୧ ବିଜ୍ଞାପନ ଅନୁସାରେ ଯେଉଁମାନେ ଶିକ୍ଷକ ନିଯୁକ୍ତି ପାଇଥିବେ ସେମାନଙ୍କ ପାଇଁ ଓଟିଇଟି ବାଧ୍ୟତାମୂଳକ କରାଗଲା। ସେହି ଅନୁସାରେ ୧୧।୨।୧୧ ପରେ ଯେଉଁମାନେ ନିଯୁକ୍ତି ପାଇଛନ୍ତି ଓ ଏବେ ପାଇବେ ତେବେ ସେମାନେ ଓଟିଇଟି ପାସ୍ ପରେ ନିଯୁକ୍ତି ପାଇବେ। ତେବେ ୧୧।୨।୧୧ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ଚାକିରି ସର୍ତ୍ତାବଳୀରେ ଓଟିଇଟି ପ୍ରସଙ୍ଗ ନ ଥିଲା। ଓଟିଇଟି ନ ଥିଲେ ପଦୋନ୍ନତି ହୋଇପାରିବ ନାହିଁ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ତଥା ଜିଲାର ସଭାପତି ଅଗାଧୁ ସେଠୀ, ଜିଲାର ସମ୍ପାଦକ ଅଜୟ କୁମାର ରାଉତରାୟ, ବ୍ଲକ୍‌ର ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ, ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ବିରୋଧ କରିଛନ୍ତି।

# ଘୋରଡ଼ିଆ କ୍ଲବ ଚାମ୍ପିୟନ

ମା’ରାମଚଣ୍ଡୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବୋଲଗଡ଼,୨୨।୫(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ୍ ଫିରିଫିରା ଗ୍ରାମର ମା’ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମଶାଣି ପଡ଼ିଆରେ ଅନୁଷ୍ଠିତ ମା’ରାମଚଣ୍ଡୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଇଟାମାଟି ଏବଂ ଘୋରଡ଼ିଆ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଘୋରଡ଼ିଆ କ୍ଲବ୍ ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୦୯ରନ ସଂଗ୍ରହ କରିଥିଲା। ଜବାବରେ ଇଟାମାଟି କ୍ଲବ ୧୦ ଓଭରରେ ୮ ଉଇକେଟ ବିନିମୟରେ ୬୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଘୋରଡିଆ କ୍ଲବ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସନ୍ତୋଷ ସ୍ୱାଇଁ ଏବଂ ପ୍ରଶାନ୍ତ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ କଳାଙ୍ଗ ସରପଞ୍ଚଙ୍କ ପ୍ରତିନିଧି ରତିକାନ୍ତ ରାଉତରାୟ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିବା ବେଳେ ସାମାଜିକ କର୍ମୀ ଅତୁଲ୍ୟ କୁମାର ନିଶଙ୍କ ଚାମ୍ପିୟନ ଏବଂ ରନରଅପ୍ ଟିମ୍‌କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।


Join with NAIDU & reach your destination

Follow Us:

AHSE Result-2025

Our Pride Above 90%

ARCHANA CHHOTARAY 10th Mark: 540 (90%) +2 Mark: 569 (94.8%)
SOUMYA RANJAN MOHAPATRA 10th Mark: 562 (93.67%) +2 Mark: 560 (93.3%)
SONALIKA SAMANTARAY 10th Mark: 511 (85%) +2 Mark: 557 (92.8%)
GYANADEEP BARIK 10th Mark: 554 (92%) +2 Mark: 555 (92.5%)
SONAM BEHERA 10th mark: (540 (90%) +2 Mark: 551 (91.8%)
RAJKISHOR RAUL 10th Mark: 545 (90.83%) +2 Mark: 549 (91.5%)
RAJESH KU. SENAPATI 10th Mark: 565 (94.17) +2 Mark: 545 (90.83%)
PRITIRANJAN MARTHA 10th Mark: 540 (90%) +2 Mark: 544 (90.66%)
SMRUTI SWARUPA MAHAPATRA 10th Mark: 525 (87%) +2 Mark: 542 (90.33%)

Above 500 marks

ADARSHA KU. MAHANTA 10th Mark: 480 (80%) +2 Mark: 529 (88.16%)
SHIKHA HAJIRA 10th Mark: 579 (96.50%) +2 Mark: 527 (87.83%)
JYOTI PRAKASH RAUL 10th Mark: 548 (91.33%) +2 Mark: 526 (87.66%)
SANDEEP PALLAI 10th Mark: 483 (80.50%) +2 Mark: 522 (87%)
ARUP DALAI 10th Mark: 457 (76.17%) +2 Mark: 522 (87%)
SMRUTIREKHA PARIDA 10th Mark: 453 (75.50%) +2 Mark: 519 (86.5%)
TUSARKANT TRIPATHY 10th Mark: 528(88.00%) +2 Mark: 518 (86.33%)
SHUBHASMITA PATRA 10th Mark: 466 (77.67%) +2 Mark: 517 (86.16%)
OM PRAKASH PANI 10th Mark: 540 (90%) +2 Mark: 513 (85.5%)
SUBHRAJYOTI JENA 10th Mark: 529 (88.17%) +2 Mark: 511 (85.16%)
PRATYUSH RANJAN PAIKARAY 10th Mark: 439 (73.17%) +2 Mark: 508 (84.66%)
SITAKANTA BISWAL 10th Mark: 458 (76.33%) +2 Mark: 504 (84%)
PURBI PRIYADARSHINI SAHOO 10th Mark: 485 (80.83%) +2 Mark: 503 (83.83%)
TATTWADARSHI SUVANKAR 10th mark: 455 (75.83%) +2 Mark: 503 (83.33%)

NHSS FORUM FOR IIT-JEE

NAIDU HIGHER SECONDARY SCHOOL (Explore an IITian within you) KHORDHA

+2 SCIENCE BOARD+ENTRANCE

Residential School from where students qualfied in (JEE & NEET)

Admission Open: 2025-26

SMART CLASS Facilities | TRANSPORT Facilities | LIBRARY Facilities | HOSTEL Facilities | CANTEEN Facilities | LAB Facilities

Contact: 8249139091/8018061543 /9439711322/9178338177 / 9437417859

Campus: Brahmapura, Near Khordha S.P. Office, Khordha, Odisha

## କାର୍ ଧକ୍କାରେ ସ୍କୁଟି ଆରୋହୀ ଗୁରୁତର

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଜୟଗୁରୁ ଆଶ୍ରମ କେନାଲ ବ୍ରିଜ୍ ନିକଟରେ ଗୁରୁବାର ଅପରାହ୍ଣରେ ଏକ କାର୍ ଧକ୍କାରେ ଜଣେ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ନେଇଛନ୍ତି। ସେ ହେଲେ ନିମାପଡ଼ା ବଡ଼ ବଜାରର ଜଣେ ବ୍ୟବସାୟୀ ବାସୁଦେବ ପ୍ରଧାନ(୬୦)। ବାସୁଦେବ ସ୍କୁଟିକୁ ସଜାଡ଼ିବାକୁ ଗଡ଼େଇ ଗଡ଼େଇ ଗ୍ୟାରେଜକୁ ନେଉଥିଲେ। ଏହି ସମୟରେ ପଛପଟୁ ଏକ କାର୍ ଦ୍ରୁତଗତିରେ ଆସି ବାସୁଦେବଙ୍କୁ ଧକ୍କା ଦେଇ ଘଟଣାସ୍ଥଳରେ ଫେରାର ହୋଇଯାଇଥିଲେ। ଏନେଇ ବାସୁଦେବଙ୍କ ଝିଅ ଗାୟତ୍ରୀ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୫।୨୦୨୫

| ୪,୮୩,୩୭୩ ଟଙ୍କା | |
|---|---|
| ସୁନା | ୩.୪୫୦ ଗ୍ରାମ୍ |
| ରୁପା | ୬.୯୦୦ ଗ୍ରାମ୍ |

## ଆଇନ ସଚେତନତା ଶିବିର

ପୁରୀ,୨୨।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର ପେଣ୍ଠକଟାସ୍ଥିତ ସାଇମନ୍ଦିର ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୁରୀ ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିତୋଷ କୁମାର କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ନିଃଶୁଳ୍କ ଆଇନସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ସେ ବୁଝାଇଥିଲେ। ଆଇନ ସେବା କ'ଣ ଏବଂ ଏହି ସେବା ପାଇବା ଲାଗି କେଉଁମାନେ ଯୋଗ୍ୟ ସେ ନେଇ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ସାନିଟାଇଜେଶନ ଅଧିକାରୀ ରିଶଭ ଦାସ, ସ୍ୱନ୍ଦନ ନିର୍ଦ୍ଦେଶକ ଶାଶ୍ୱତ କୁମାର ଦାସ, ଚେୟାରପର୍ସନ ବର୍ଷାରାଣୀ ମିଶ୍ର, ମୁଖ୍ୟ ପ୍ରୋଗ୍ରାମ ଅଫିସର ଦୁର୍ଗା ଦେ, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ସୁଧୀର କୁମାର ଘୋଷଏବଂ ଉପମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଦ୍ୱିତୀକୃଷ୍ଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ଚାଲାଣ ପୂର୍ବରୁ ୭୫ ଗୋରୁ ଉଦ୍ଧାର, ୨ ଗିରଫ

ଗୋପ,୨୨।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ବୀରତୁଙ୍ଗ ପଞ୍ଚାୟତର ମନାପଡ଼ା, ବୀରତୁଙ୍ଗଠାରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଲୋକେ ଗୋଚାଲାଣ ପୂର୍ବରୁ ୭୫ ଗୋରୁଙ୍କୁ ଉଦ୍ଧାର କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ନିମାପଡ଼ା ଥାନା ଅଧୀନ ଖୋରଡ଼ ଗ୍ରାମର କୃଷ୍ଣ ରାଉତ (୫୦) ଓ ନୟାହାଟ ଫାଣ୍ଡି ଅଧୀନ ବରିମୁଣ୍ଡ ଗ୍ରାମର ଗୌତମ ସ୍ୱାଇଁ (୪୨)। ଏନେଇ ୧୫୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି। ପରେ ପୋଲିସ ସମସ୍ତ ଗୋରୁଙ୍କୁ ବାଲିଘାଇସ୍ଥିତ ଏକ ଗୋଶାଳାରେ ଛାଡ଼ିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଦୈନନ୍ଦିନ ଗୋପ ଥାନା ଅଞ୍ଚଳରୁ ଗୋଚାଲାଣ କରୁଥିବା ବ୍ୟବସାୟୀ ସେମାନଙ୍କୁ ରାଜ୍ୟ ଓ ରାଜ୍ୟ ବାହାରକୁ ପଠାଉଛନ୍ତି। ଏପରିକି ଗୋରୁଙ୍କୁ ହତ୍ୟା କରି ବାହାରକୁ ଚାଲାଣ କରାଯାଉଥିବା ଅଭିଯୋଗ ରହିଛି। ଏହି ଅଭିଯୋଗକୁ ନେଇ ପୋଲିସ କେତେକ ସ୍ଥାନରେ ଚଢ଼ାଉ କରିଥିବା ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରେ ମନାପଡ଼ା ଗାଁ ନିକଟରେ ୩୯ ଗୋରୁଙ୍କୁ ନେଇ କେତେଜଣ ବ୍ୟକ୍ତି ଯାଉଥିବାବେଳେ ଗ୍ରାମବାସୀ ସନ୍ଦେହ କରି ପଚରାଉଚରା କରିବାରୁ ୨ ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଜଣଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ଥାନାରେ ଖବର ଦେବାରୁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଏହି ଥାନା ଅଧୀନ ବୀରତୁଙ୍ଗ ଗ୍ରାମ ନିକଟରେ ମଧ୍ୟ ଗ୍ରାମବାସୀ ସନ୍ଦେହ କରି ୩୬ ଗୋରୁଙ୍କୁ ଉଦ୍ଧାର କରିବା ସହ ଜଣଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଗ୍ରାମବାସୀ ଅଟକ ରଖିଥିବା ୨ ଜଣଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିବାରୁ କେତେଜଣ ଗୋରୁ ବେପାରୀଙ୍କ ନାମ ଜାଣିବାକୁ ପାଇଥିଲା। ଗୋଚାଲାଣ କରୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା ସହ ଗୋମାଂସ ଚାଲାଣ ଉପରେ ପୋଲିସ ରୋକ ଲଗାଇବାକୁ ସାଧାରଣରେ ଦାବି କରାଯାଇଛି।



ବାଟମଙ୍ଗଳା ପାଖ ରାସ୍ତାପାର୍ଶ୍ୱ ଦୋକାନ ଓ ଘରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦକୁ ବିରୋଧ କରି ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଟ୍ରଫି ପାଇଁ କ୍ରୀଡ଼ା ପ୍ରତିଭା ଚୟନ

ପୁରୀ,୨୨।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରୁ ୧୫ ବର୍ଷରୁ କମ୍ ବୟସର ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ପାଇଁ ଚୟନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକର ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ୪୦ ଜଣଙ୍କୁ ବଛାଯାଇଥିଲା। ପରବର୍ତ୍ତୀ ସମୟରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୩ଦିନ ପ୍ରଶିକ୍ଷଣ ଦିଆଯାଇ ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଚାରମାଳ ପାଇଁ ତାଳଗଛ ଦାନ

ପୁରୀ, ୨୨।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଆଗାମୀ ରଥଯାତ୍ରାରେ ଚାରମାଳ ପାଇଁ ବ୍ୟବହାର ସକାଶେ ତାଳଗଛ ସଂଗ୍ରହ କରାଯାଇଛି। ଢେଙ୍କାନାଳ ଖଡଗପ୍ରସାଦର ବିଜୟ ସାହୁ ଏହା ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ, ରଥ ତତ୍ତ୍ୱାବଧାରକ, ଭୋଇ ସର୍ଦ୍ଦାର, ମହାରଣାଙ୍କ ମିଳିତ ଟିମ୍ ସମ୍ପୃକ୍ତ ଗ୍ରାମକୁ ଗସ୍ତକରି ଗଛ ଚୟନ କରି ଜଙ୍ଗଲ ବିଭାଗ ସହାୟତାରେ ଏହାକୁ କାଟିବା ସହ ପରିବହନ ବ୍ୟବସ୍ଥା କରିଛନ୍ତି।

# ରଥଯାତ୍ରା ପ୍ରସ୍ତୁତି ପାଇଁ ମେଡିକାଲରେ ମକ୍‌ଡ୍ରିଲ

ପୁରୀ,୨୨।୫(ଅଜିତ୍ କୁମାର ମହାନ୍ତି)

ବିଶ୍ୱପ୍ରସିଦ୍ଧ ପୁରୀ ଘୋଷଯାତ୍ରା ଆଉ ୩୫ ଦିନ ରହିଲା। ଏହାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଜୋରଦାର ପ୍ରସ୍ତୁତି ଜାରି ରଖିଛି। ରଥଯାତ୍ରାରେ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ସାମିଲ ହେବେ। ଭକ୍ତ ଯେପରି କୌଣସି ସମସ୍ୟା ନ ଭୋଗିବେ, ସମସ୍ତ ଦିଗକୁ ନେଇ ମକ୍‌ଡ୍ରିଲ ଓ ସମୀକ୍ଷା କରାଯାଉଛି। ବୁଧବାର ନଗର ଉନ୍ନୟନ ମନ୍ତ୍ରୀ ପୁରୀ ଗସ୍ତରେ ଆସି ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ସହ ତୁରନ୍ତ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ରଥଯାତ୍ରାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲରେ ମକ୍‌ଡ୍ରିଲ୍ କରାଯାଇଛି। ଏହି ସମୟରେ ଭିଡ଼ରୁ କିପରି ଅସୁସ୍ଥଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇ ତ୍ୱରିତ ସ୍ୱାସ୍ଥ୍ୟସେବା ଦିଆଯିବ, ତାହା ଏହି ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ। ରଥଯାତ୍ରା ଭିଡ଼ରେ କୌଣସି ଗୁରୁତରଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା କରାଯିବା, ବେଳାଭୂମିରେ ସ୍ନାନ ସମୟରେ ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କରି ଚିକିତ୍ସା ସେବା ଯୋଗାଇବା, ଦୁର୍ଘଟଣାରେ କିଭଳି ପ୍ରାଥମିକ ଚିକିତ୍ସା ଦିଆଯିବ, ସେସବୁର ମକ୍‌ଡ୍ରିଲ କରାଯାଇଥିଲା। ଏନେଇ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ କୌଶିକ୍ ମିଶ୍ର କହିଛନ୍ତି, ରଥଯାତ୍ରା ପାଇଁ ମ୍ୟାନ ପାୱାରଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଆମେ ଶତ ପ୍ରତିଶତ ପ୍ରସ୍ତୁତ ରହିଛୁ। ରଥଯାତ୍ରା ସମୟରେ ଜରୁରିକାଳୀନ ପରିସ୍ଥିତି ମୁକାବଲା ପାଇଁ ଆମେ ପ୍ରସ୍ତୁତ ରହିଛୁ। ୧୫ଟି ଆମ୍ବୁଲାନ୍ସ ଆସିବାର ଅଛି। ଫଳରେ ରୋଗୀ ସେବାରେ କୌଣସି ସମସ୍ୟା ହେବ ନାହିଁ ବୋଲି ଡ. ମିଶ୍ର ସୂଚନା ଦେଇଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ସ୍ୱାସ୍ଥ୍ୟସେବା) ଓ ଅଧୀକ୍ଷକ (ଜିଲା ହେଡକ୍ୱାର୍ଟର) ଡ. ପବିତ୍ର ମୋହନ ମଲ୍ଲିକ କହିଛନ୍ତି, ରଥଯାତ୍ରାରେ ପୁରୀରେ ୧୫ରୁ ୨୦ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଭକ୍ତଙ୍କୁ ଯେପରି ଉତ୍ତମ ସେବା ଯୋଗାଇ ଦିଆଯିବ, ସେ ନେଇ ମକ୍‌ଡ୍ରିଲ କରାଯାଇଛି। ଜରୁରିକାଳୀନ ପରିସ୍ଥିତିକୁ ମୁକାବଲା କରିବାକୁ ଆମେ ପ୍ରସ୍ତୁତ ରହିଛୁ ବୋଲି ଡା. ମଲ୍ଲିକ କହିଛନ୍ତି।

## ରଥଖଳାରୁ...

## ୩ ରଥର ୩୫ ଚକ ନିର୍ମାଣ ଶେଷ



ପ୍ରବଳ ଖରା ଯୋଗୁ ଚକଗୁଡିକୁ ଚାଞ୍ଚ ଘୋଡାଇ ରଖାଯାଇଛି ।

ପୁରୀ,୨୨।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଆଉ ୩୫ ଦିନରୁ କମ୍ ସମୟ ଥିବାବେଳେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଗୁରୁବାର ସୁଦ୍ଧା ତିନିରଥର ମୋଟ ୪୨ ଚକ ମଧ୍ୟରୁ ୩୫ଟି ଚକ ନିର୍ମାଣ ଶେଷ ହୋଇଛି। ଏଥିସହ ତିନିରଥର ୧୨ଟି ଲେଖାଏ ଭୂଇଁ ଚଉତା କାଠରୁ ୮ଟି ଲେଖାଏ ଭୂଇଁ ଚଉତାର ଚଉପଟ କାର୍ଯ୍ୟ ସରିଛି। ତିନିରଥର ୪ଟି ଲେଖାଏ ମୁହାଁଟ ଏବଂ ୪ଟି ଲେଖାଏ ନିରାଡ଼ି କାଠର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଦୁଇମୁଖ ବିନ୍ଧ ପାଇଁ ମାପ ଗାରିଆ ସରିଛି। ଅଖ ନିର୍ମାଣ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ରଥ ଅମିନ ତିନିରଥ ବାହାର ଚାଳିକୁ ଦୁଇଟି ଲେଖାଏ ୪୦ ଫୁଟିଆ ଧଉରା କାଠ ଯୋଗାଇଛନ୍ତି। ଏଥିସହ ରଥ ଅମିନ ତିନିରଥର ଯୋକା ନିର୍ମାଣ ପାଇଁ ପ୍ରତି ରଥଚାଳିକୁ ୪ଟି ଲେଖାଏ ୧୨ ଫୁଟିଆ ଧଉରା କାଠ ଯୋଗାଇଥିଲେ ତା'ର ଚଉପଟ କାର୍ଯ୍ୟ ମହାରଣାମାନେ ଜାରି ରଖିଛନ୍ତି। ରୂପକାର ସେବକମାନେ ସାଲଗୁଜରେ ରୂପ ଖୋଦେଇ ସହ ରୂପ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ଦଣ୍ଡାକଣ୍ଟା ନିର୍ମାଣ ଜାରି ରଖିଛନ୍ତି। ସେହିପରି ଦୋଳବେଦିଠାରେ ପାହି ମହାରଣାମାନେ ରଥଯାତ୍ରାରେ ଠାକୁରଙ୍କ ପୂଜା ନିମନ୍ତେ କାଠ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

## ୨୬ରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୨୨।୫(ଅଜିତ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଚଳିତ ମାସ ୨୬ ତାରିଖ ସୋମବାର ସକାଳ ୭ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏଥିପାଇଁ ଆଗ୍ରହୀ ଜନସାଧାରଣ ଜନ ଶୁଣାଣି ପୋର୍ଟାଲ (https://janasunani.gov in/) ମାଧ୍ୟମରେ ଅନ୍‌ଲାଇନରେ ଆବେଦନ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜ ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍‌ବ୍ୟତୀତ ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗପତ୍ରଗୁଡ଼ିକୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଜିଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି।

**ଅନ୍‌ଲାଇନରେ ଅଭିଯୋଗପତ୍ର ଗ୍ରହଣ**




ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ | Bhubaneswar, Friday, May 23/2025 | ପୃଷ୍ଠା-୧



ଯାଜପୁର ଜିଲା କଳିଙ୍ଗନଗରରେ ଇଡ୍‌କୋ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ ଏବଂ ବଡ଼ଚଣା ବିଧାୟକ ଅମର ନାୟକ।

# ଶିଳ୍ପ ପାଇଁ ବଳିଦାନ ନୁହେଁ, ଭାଗୀଦାରି ଆବଶ୍ୟକ: ମୁଖ୍ୟମନ୍ତ୍ରୀ

■ କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

■ ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ

ଯାଜପୁର,୨୨।୫
(ହର୍ଷବର୍ଦ୍ଧନ ବେହେରା)

ଶିଳ୍ପ କ୍ଷେତ୍ରରେ ଆଜି ସାରା ରାଜ୍ୟରେ ଏକ ଐତିହାସିକ ଦିନ। ଗୋଟିଏ ଦିନରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ସମ୍ପ୍ରସାରଣ ଓ ଉଦ୍‌ଘାଟନ ହେବା ସହ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହିସବୁ ପ୍ରକଳ୍ପରେ ୩୬ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରହିଛି। କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ମନେପକାଇ ଶିଳ୍ପ ପ୍ରତିଷ୍ଠା ପାଇଁ ବଳିଦାନ ନୁହେଁ, ଭାଗୀଦାରିର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଯାଜପୁର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟାଟା ଷ୍ଟିଲର ସମ୍ପ୍ରସାରଣ ଏବଂ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବାକୁ ଉପସ୍ଥିତ ଶିଳ୍ପପତିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ମେକ୍ ଇନ୍ ଓଡ଼ିଶାର ୧୧୩ ଦିନ ମଧ୍ୟରେ ଶିଳ୍ପଗୁଡ଼ିକର ଶିଳାନ୍ୟାସ ହୋଇପାରିଛି। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରିଛି। ଓଡ଼ିଶା ଆଉ କେବଳ ସମ୍ଭାବନାର ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି। ଉଦ୍‌ଘାଟନ ନୁହେଁ କି ଶିଳାନ୍ୟାସ ନୁହେଁ, ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ସମୃଦ୍ଧ ଓଡ଼ିଶା ନିର୍ମାଣର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଆମ ଗାଁର ଜଣେ ଯୁବକଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏହା ସମ୍ଭବ ହୋଇଛି, ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ। କାରଣ, ଯଦି ଇଚ୍ଛାଶକ୍ତି ନାହିଁ ତେବେ ପାଦେ ଆଗେଇବାକୁ ମଧ୍ୟ ମଣିଷ ସକ୍ଷମ ହୋଇପାରେ ନାହିଁ। ରାଜ୍ୟର ଶିଳ୍ପ ବିକାଶର ଏନ୍ତୁଡିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗନଗର। ଶିଳ୍ପ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ରାଜ୍ୟ ପାଇଁ ଏହି ଅଞ୍ଚଳ ଏକ ଦୃଷ୍ଟାନ୍ତ ପାଲଟିଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଥିଲେ, ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥୀ କରି ଆମ ସରକାର କାର୍ଯ୍ୟ କରୁଛି। ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ଶିଳ୍ପର ବିକାଶ ଆମର ପ୍ରଥମ ଉଦ୍ଦେଶ୍ୟ ଥିଲା। ଆଉ ସେହି ଉଦ୍ଦେଶ୍ୟକୁ ଆମ ସରକାର ସଫଳ କରୁଛନ୍ତି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି। ଶିଳ୍ପର ବିକାଶ ହେବା ସହ ଆମ ରାଜ୍ୟର ବିକାଶ ହେଉଛି ବୋଲି କହିଛନ୍ତି। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକଙ୍କ ସମେତ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାର ଶିଳ୍ପପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

କଳିଙ୍ଗନଗରରେ ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ପ୍ରାୟ ୬୬ ହଜାର କୋଟି ଟଙ୍କା ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ସି, ଏସ୍‌ଟିଙ୍କ ଜମି କିଣିବେ ସରକାର

**ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଲୋକଙ୍କ ଜମିକୁ ଧନୀ ଲୋକମାନେ ହଡ଼ପ କରିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଏସ୍‌ସି,ଏସ୍‌ଟି ଲୋକଙ୍କ ଜମିର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ। ତଦନୁଯାୟୀ ଯଦି ସେମାନେ ଚାହିଁବେ ସେମାନଙ୍କ ଜମିକୁ ସିଧା ରାଜ୍ୟ ସରକାରଙ୍କୁ ବିକ୍ରି କରିପାରିବେ। ସରକାର ତାହାକୁ ଅନ୍ୟ କାହାକୁ ବିକ୍ରି ନ କରି ୨ରୁ ୩ ବର୍ଷ ନିଜ ପାଖରେ ରଖିବେ। ଏହି ଅବଧି ମଧ୍ୟରେ ସେମାନେ ବିକ୍ରି ବାବଦ ଅର୍ଥ ପୈଠ କରି ନିଜ ଜମି ଫେରସ୍ତ ପାଇପାରିବେ। ଏସ୍‌ସି, ଏସ୍‌ଟି ବର୍ଗର ଲୋକଙ୍କ ପାଇଁ ଏଭଳି ବ୍ୟବସ୍ଥା ରାଜ୍ୟ ସରକାର ଖୁବ୍‌ଶୀଘ୍ର କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି।**

■ ଖୁବ୍‌ଶୀଘ୍ର ଗଠନ ହେବ କର୍ପସ ଫଣ୍ଡ: ରାଜସ୍ୱ ମନ୍ତ୍ରୀ

■ ଚାପ ପକାଇ ଜାତି, ଜନଜାତିଙ୍କ ସମ୍ପତ୍ତି ହଡ଼ପ କରିପାରିବେନି ଧନିକ ଗୋଷ୍ଠୀ

ଭୁବନେଶ୍ୱର,୨୨।୫
(ରବିନାରାୟଣ ଜେନା)

ଏସ୍‌ସି, ଏସ୍‌ଟି ବର୍ଗର ଲୋକମାନେ କୌଣସି ଜରୁରୀ ଆବଶ୍ୟକତା ବେଳେ ଜମି ବିକ୍ରି କରିବା ସହଜ ହେଉନାହିଁ। ପ୍ରଚଳିତ ଆଇନ ବ୍ୟବସ୍ଥା ସେମାନଙ୍କ ଜମିକୁ ସୁରକ୍ଷା ଦେଉଥିଲେ ମଧ୍ୟ କିଣାବିକା ସମୟରେ ପ୍ରଶାସନିକ କ୍ଲିଷ୍ଟତା ରହୁଛି। ଏଥିଯୋଗୁ ସାଧାରଣ ବର୍ଗର ଲୋକେ ଏସ୍‌ସି, ଏସ୍‌ଟି ଲୋକଙ୍କ ଜମି କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ଫଳରେ ଏହାର ଫାଇଦା ନେଉଛନ୍ତି ଧନୀ, ପ୍ରଭାବଶାଳୀ ଏବଂ ଦଲାଲ ଗୋଷ୍ଠୀ। ଏହିମାନଙ୍କ ହାତକୁ ଏସ୍‌ସି, ଏସ୍‌ଟି ଲୋକମାନେ ଜରୁରୀ ସମୟରେ ସେମାନଙ୍କ ଜମିକୁ କମ୍ ମୂଲ୍ୟରେ ଟେକି ଦେଇ ଏକପ୍ରକାର ଶୋଷଣର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ସିଧା ଏସ୍‌ସି,ଏସ୍‌ଟି ଲୋକଙ୍କ ଜମି କିଣିବାକୁ ଯାଉଛନ୍ତି। ଫଳରେ ସେମାନଙ୍କୁ ଶୋଷଣର ଶିକାର ହେବାକୁ ପଡ଼ିବ ନାହିଁ ଏବଂ ପରବର୍ତ୍ତୀ ସମୟରେ ଜମି ଫେରିପାଇବା ସୁଯୋଗ ମଧ୍ୟ ମିଳିବ। ଏଥିପାଇଁ ସରକାର ଖୁବ୍‌ଶୀଘ୍ର ଏକ କର୍ପସ ପାଣ୍ଠି ବ୍ୟବସ୍ଥା କରିବାକୁ ଯୋଜନା କରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁସାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ, ଏସ୍‌ସି, ଏସ୍‌ଟି ବିକାଶ ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କେତେଜଣ ଅଭିଜ୍ଞ ଅଧିକାରୀ ରହିବେ। ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତିମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ସି ଓ ଏସ୍‌ଟି ବିକାଶ ବିଭାଗର ଗୃହ କମିଟି ଏବଂ ବିଧାୟକମାନଙ୍କର ପରାମର୍ଶ ମଧ୍ୟ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲା ପରେ ଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଝିଅ ବାହାଘର, ଚିକିତ୍ସା ଓ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ। ସରକାର ଉକ୍ତ ଜମିକୁ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ କରି ନିଜ ପାଖରେ ରଖିବେ। ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି କିଣିପାରିବେ। ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ, ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣା ଯାଇଥିବା ଜମି ସେହି ବର୍ଗର ଲୋକଙ୍କୁ ହିଁ ନିଲାମ କରାଯିବ।

ଅନ୍ୟପକ୍ଷରେ ବିରୋଧୀ ସରକାରଙ୍କ ଏହି ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ସରକାର ଅଫିସରଙ୍କୁ ଲଗାଇ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମି ହଡ଼ପ କରିବାକୁ ଯୋଜନା କରିଛନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି। ସରକାର ଜମି କିଣିବାକୁ ଇଚ୍ଛା କରୁଛନ୍ତି, କାରଣ ସେମାନେ ହରିଜନ, ଆଦିବାସୀଙ୍କୁ ବାସଚ୍ୟୁତ କରିବାକୁ ଚାହୁଁଛନ୍ତି। ଯେଉଁଠି ବଡ଼ ବଡ଼ ପ୍ରକଳ୍ପ, ଡ୍ୟାମ୍, କଳକାରଖାନା ହୁଏ ସେଠାରେ ସରକାର ଜମି କିଣନ୍ତି। ଆଦିବାସୀଙ୍କୁ ଭୂମିହୀନ କରିବା ପାଇଁ ଏହା ସରକାରଙ୍କ ଏକ ଅଭିନବ ଯୋଜନା ବୋଲି ପ୍ରମିଳା ସମାଲୋଚନା କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମି କିଣିବା ସଂକ୍ରାନ୍ତରେ ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ତାହା ଏକ ହୀନ ପ୍ରୟାସ। ଯଦି ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏତେ ଦରଦ ରହିଛି, ତେବେ ସରକାର ଗ୍ୟାରେଣ୍ଟର ସାଜି ଜମିମାଲିକଙ୍କୁ ତାଙ୍କ ଜରୁରୀ କାର୍ଯ୍ୟରେ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ, ଯଦ୍ୱାରା ପରବର୍ତ୍ତୀ ସମୟରେ ସେହି ବ୍ୟକ୍ତି ଅର୍ଥ ଶୁଝିବାରେ ସମର୍ଥ ହୋଇପାରିବ। ନଚେତ ବଡ଼ବଡ଼ିଆ କମ୍ପାନୀକୁ ଜମି ଯୋଗାଇଦେବା ପାଇଁ ସରକାର ଏଭଳି ଚକ୍ରାନ୍ତ ନ କରନ୍ତୁ ବୋଲି କାଡାମ କହିଛନ୍ତି। ପୂର୍ବର ବିଜେଡି ସରକାର ଏଭଳି ନିଷ୍ପତ୍ତି ନେଇ ପରବର୍ତ୍ତୀ ସମୟରେ ଏହି ବର୍ଗର ଲୋକଙ୍କ ଆକ୍ରୋଶର ପ୍ରତିଫଳନରେ କ୍ଷମତାଚ୍ୟୁତ ପର୍ଯ୍ୟନ୍ତ କଥା ଯାଇଥିଲା। ଏବେର ସରକାର ଯଦି ଏଭଳି କିଛି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତି, ପରବର୍ତ୍ତୀ ସମୟରେ ଏହି ବର୍ଗର ଲୋକମାନେ ଉଚିତ ଜବାବ ଦେବେ ବୋଲି କାଡାମ କହିଛନ୍ତି।




# ସଲ୍‌ମାନଙ୍କ ଘରେ ପଶିବାକୁ ଉଦ୍ୟମ: ୨ ଗିରଫ

ମୁମ୍ବାଇ, ୨୨।୫

ଅଭିନେତା ସଲ୍‌ମାନ ଖାନ୍‌ଙ୍କ ସୁରକ୍ଷାରେ ତ୍ରୁଟି ହୋଇଥିବା ଘଟଣା ସାମ୍ନାକୁ ଆସିଛି। ୨ ଦିନ ମଧ୍ୟରେ ସଲ୍‌ମାନଙ୍କ ମୁମ୍ବାଇର ବାନ୍ଦ୍ରାସ୍ଥିତ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିବାରୁ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ଉଭୟ ଅଭିଯୁକ୍ତ ଅଲଗା ଅଲଗା ସମୟରେ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଉଭୟ ଅଭିଯୁକ୍ତ ଜିତେନ୍ଦ୍ର କୁମାର ସିଂ(୨୩) ଏବଂ ଇଶା ଛାବରିଆ (୩୨) ହୋଇଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଜିତେନ୍ଦ୍ର ଛତିଶଗଡ଼ ନିବାସୀ ହୋଇଥିବାବେଳେ ମଙ୍ଗଳବାର ସକାଳ ୯.୩୦ ସମୟରେ ସେ ସଲ୍‌ମାନଙ୍କ ଘର ନିକଟରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ଗାଲାକ୍ସି ଆପାର୍ଟମେଣ୍ଟରେ ନିୟୋଜିତ ସୁରକ୍ଷା କର୍ମୀ ତାଙ୍କୁ ସେଠାରୁ ଚାଲିଯିବା ପାଇଁ କହିବାରୁ ଜିତେନ୍ଦ୍ର ରାଗରେ ସୁରକ୍ଷା କର୍ମୀ ଧରିଥିବା ଫୋନ୍‌କୁ ତଳେ ପକାଇଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗାଲାକ୍ସି ଆପାର୍ଟମେଣ୍ଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ କାର୍‌କୁ ପିଛା କରି ଜିତେନ୍ଦ୍ର ଗାଲାକ୍ସି ଆପାର୍ଟମେଣ୍ଟ ପରିସରରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲେ। ତେବେ କିଛି ସମୟ ପରେ ସୁରକ୍ଷା କର୍ମୀ ତାଙ୍କୁ ଧରିବା ସହ ବାନ୍ଦ୍ରା ପୋଲିସକୁ ହସ୍ତାନ୍ତର କରିଥିଲେ। ପଚରାଉଚରା ସମୟରେ ଜିତେନ୍ଦ୍ର କହିଛନ୍ତି, ସେ ସଲ୍‌ମାନଙ୍କୁ ଭେଟିବାକୁ ଚାହୁଁଥିଲେ। ସୁରକ୍ଷାକର୍ମୀ ଏଥିପାଇଁ ତାଙ୍କୁ ଅନୁମତି ଦେଉ ନ ଥିଲେ। ତେଣୁ ସେ ଗାଲାକ୍ସି ଆପାର୍ଟମେଣ୍ଟରେ ଲୁଚି ପ୍ରବେଶ କରିଥିବା ଜିତେନ୍ଦ୍ର କହିଛନ୍ତି। ସେହିପରି ଗୁରୁବାର ଭୋର୍ ୩.୩୦ ସମୟରେ ଇଶା ମଧ୍ୟ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ସଫଳ ହୋଇଥିଲେ। ସେ ଆପାର୍ଟମେଣ୍ଟର ଲିଫ୍ଟ ପର୍ଯ୍ୟନ୍ତ ପହଞ୍ଚି ଯାଇଥିବା ବେଳେ ସେଠାରେ ସୁରକ୍ଷା କର୍ମୀ ତାଙ୍କୁ ଧରିଥିଲେ। ଇଶାଙ୍କୁ ମଧ୍ୟ ପୋଲିସ ଗିରଫ କରି ପଚରାଉଚରା ଜାରି ରଖିଛି। ପଚରାଉଚରା ସମୟରେ ଇଶା କହିଛନ୍ତି, ସଲ୍‌ମାନ ତାଙ୍କୁ ୬ ମାସ ହେବ ଜାଣିଛନ୍ତି ଏବଂ ତାଙ୍କ ନିମନ୍ତ୍ରଣରେ ହିଁ ସେ ଗାଲାକ୍ସି ଆପାର୍ଟମେଣ୍ଟକୁ ଆସିଥିଲେ। ତେବେ ସଲ୍‌ମାନ ଇଶାଙ୍କୁ କୌଣସି ନିମନ୍ତ୍ରଣ ଦେଇ ନ ଥିବା ଗାଲାକ୍ସି ଆପାର୍ଟମେଣ୍ଟର ଜଣେ କର୍ମଚାରୀ ପୋଲିସକୁ କହିଛନ୍ତି। ସଲ୍‌ମାନଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ରୁ ବାରମ୍ବାର ହତ୍ୟା ଧମକ ମିଳିଥିବାରୁ ଏହି ଘଟଣା ମୁମ୍ବାଇ ପୋଲିସର ଚିନ୍ତା ବଢ଼ାଇଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ବେଳେ ସଲ୍‌ମାନ ଓ ଗାଲାକ୍ସି ଆପାର୍ଟମେଣ୍ଟର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।





ଗାଲାକ୍ସି ଆପାର୍ଟମେଣ୍ଟର ସିସିଟିଭିରେ କଏଦ ଇଶା ଛାବରିଆଙ୍କ ଫଟୋ।

# ଆସୁଛି ଲଘୁଚାପ, ୨୭ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୨।୫(ଅନୁରାଧା ମହାରଣା)

ଏବେ ରାଜ୍ୟରେ ବର୍ଷା ଜାରି ରହିଛି। ୨୭ ତାରିଖରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ସୂଚନାନୁସାରେ, ୨୭ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ଓ ତା'ର ପାଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବ। ଅନ୍ୟପକ୍ଷରେ ଲଘୁଚାପ ସୃଷ୍ଟି ହେବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଆଡକୁ ଅଗ୍ରସର ହେବାକୁ ଆହୁରି ସକ୍ରିୟ କରିବ। ଫଳରେ ମୌସୁମୀର ଓଡ଼ିଶା ଆଗମନ ନେଇ ବାଟ ଫିଟିବ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ୨୬ ଓ ୨୭ ତାରିଖରେ ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗୁରୁବାର ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ଦେବଗଡ଼କୁ ବାଦ୍ ଦେଲେ ଅନ୍ୟ ୨୬ ଜିଲାରେ ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଆଜିର ସମ୍ପାଦକୀୟ
ଶାନ୍ତି ଚୁକ୍ତିରେ ମହିଳାଙ୍କ ଭୂମିକା

## ମୟୂରଭଞ୍ଜ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ନିଆଁ, ଜଳିଗଲା ଇଲେକ୍ଟ୍ରି ଦୋକାନ

ବାରିପଦା,୨୨।୫(ନାଲାଡି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରର ପୃଥକ୍ ସ୍ଥାନରେ ଗୁରୁବାର ସକାଳ ଓ ଅପରାହ୍ଣରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଓ ଏକ ଇଲେକ୍ଟ୍ରି ଦୋକାନରେ ନିଆଁଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସେହିପରି ମୁଖ୍ୟ ବଜାରରେ ଥିବା କେ.କେ.ଏଣ୍ଟରପ୍ରାଇଜେସ୍ ଇଲେକ୍ଟ୍ରି ଦୋକାନରେ ନିଆଁ ଲାଗି ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# ଟିଗିରିଆ ଥାନା ଏଏସ୍ଆଇ ଗିରଫ

କଟକ,୨୨।୫ (କାର୍ତ୍ତିକ ସାହୁ)

କଟକ ଜିଲ୍ଲା ଟିଗିରିଆ ଥାନା ଏଏସ୍ଆଇ ପ୍ରଦୀପ କୁମାର ବେହେରା ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କ ସରକାରୀ ବାସଭବନ, ହିନ୍ଦୋଳ ନୂତନ ପାଟଣାସାହିସ୍ଥିତ ପୈତୃକ ବାସଗୃହରେ ଏକକାଳୀନ ଚଢ଼ାଉ ଜାରି ରହିଛି। ସୂଚନାନୁଯାୟୀ, ଏଏସ୍ଆଇ ଅଭିଯୋଗକାରୀ ଓ ତାଙ୍କ ଜଣେ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ବିବାଦର ସମାଧାନ ପାଇଁ ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଉଭୟ ପକ୍ଷ ପରସ୍ପର ବିରୋଧରେ ଏତଲା ଦେଇଥିଲେ। ପ୍ରତିପକ୍ଷଙ୍କ କାଉଣ୍ଟର ଅଭିଯୋଗରେ ଅଭିଯୋଗକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଏଏସ୍ଆଇ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ବେହେରାଙ୍କ ବାମ ହାତ ଧୋଇବାରୁ ରାସାୟନିକ ପ୍ରକ୍ରିୟା ପଜିଟିଭ ଆସିଥିଲା। ଫଳରେ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏ ନେଇ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୨/୨୦୨୫) ରୁଜୁ ହୋଇଛି।

# ଓଏସ୍ଏସ୍ସି ଅଧ୍ୟକ୍ଷ ହେଲେ ସୁଧାକର ବୁର୍ଗି

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର (ଓଏସ୍ଏସ୍ସି) ସଦସ୍ୟ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସୁଧାକର ବୁର୍ଗିଙ୍କୁ ରାଜ୍ୟ ସରକାର ଗୁରୁବାର ନୂଆ ଦାୟିତ୍ୱ ଦେଇଛନ୍ତି। ସୁଧାକର ଏବେ କମିଶନ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଏହାସହ ସେ ତାଙ୍କ ପୁରୁଣା ଦାୟିତ୍ୱ ମଧ୍ୟ ପାଳନ କରିବେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏଥିସହ ଗତ ୧୯ ତାରିଖରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନର ଅଧ୍ୟକ୍ଷ ପଦରୁ ଅଭୟ ଇସ୍ତଫା ଦେଇଛନ୍ତି। ରାଜ୍ୟ ସରକାର ମଧ୍ୟ ତାହାକୁ ଗ୍ରହଣ କରିଛନ୍ତି ବୋଲି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ପୂର୍ବତନ ଡିଜି ଅଭୟ ପୋଲିସ ମହାନିର୍ଦ୍ଦେଶକ ପଦରୁ ଅବସର ନେବା ପରେ ତତ୍କାଳୀନ ସରକାର ତାଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରିଥିଲେ।



ଶ୍ରୀଧର ବେହେରା ପଞ୍ଚାୟତ କାର୍ଯ୍ୟାଳୟକୁ ଘୁଷୁରି ଘୁଷୁରି ଯାଉଛନ୍ତି।

# ଭତ୍ତା ପାଇଁ ଗାଁ ଦାଣ୍ଡରେ ଘୁଷୁରିଲେ ବୃଦ୍ଧ

କେନ୍ଦ୍ରାପଡ଼ା, ୨୨।୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା କୋରୋ ପଞ୍ଚାୟତର ଶ୍ରୀଧର ବେହେରା(୮୦) ମାସିକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଗୁରୁବାର ଗାଁ ଦାଣ୍ଡରେ ଘୁଷୁରି ଘୁଷୁରି ବ୍ଲକ୍ ଅଫିସକୁ ଯାଉଥିଲେ। ଏହାର ଦୃଶ୍ୟ ଭାଇରାଲ ହେବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟଲକ୍ଷ୍ମୀ ପାଠୀ ରାସ୍ତା ମଝିରେ ତାଙ୍କୁ ଭତ୍ତା ଅର୍ଥ ପ୍ରଦାନ କରିଛନ୍ତି। ଅସୁସ୍ଥ ଓ ଅତିଶୟ ବୃଦ୍ଧାବୃଦ୍ଧଙ୍କୁ ଘରେ ଭତ୍ତା ଅର୍ଥ ପ୍ରଦାନ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଥିବାବେଳେ ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀଧର କହିଛନ୍ତି, ପ୍ରତିମାସ ଭତ୍ତା ବାବଦ ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରୁ ଝିଅ ନେଇଥାଏ। ତେବେ ଗତ ମାସରେ ଝିଅକୁ ଭତ୍ତା ଅର୍ଥ ନ ଦେବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଥିଲେ। ସ୍ଥିତି ଭଲ ନ ଥିବାରୁ ଭତ୍ତା ପାଇଁ ବାଧ୍ୟହୋଇ ଆସିଥିବା ଶ୍ରୀଧର କହିଛନ୍ତି। କେତେଜଣ ଅଧିବାସୀ କହିଛନ୍ତି, ନିର୍ବାହୀ ଅଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ସବୁବେଳେ ଆସୁ ନ ଥିବାରୁ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବୟସ୍କ ହିତାଧିକାରୀ ଶ୍ରୀଧର ଆର୍ଥିକ ଦୁରବସ୍ଥାରୁ ନୁଆଁଣିଆ ଚାଳ ଘରେ ରହୁଛନ୍ତି। ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନ ଥିବା ନେଇ ଦୁଃଖପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ପାଠୀ କହିଛନ୍ତି, ହିତାଧିକାରୀଙ୍କ ସମ୍ପର୍କରେ କେତେକ ତଥ୍ୟ ସଂଗ୍ରହ କରିବା ବାକି ଥିବାରୁ ଭତ୍ତା ଅର୍ଥ ଝିଅଙ୍କ ମାଧ୍ୟମରେ ଦେବାକୁ ମନା କରିଥିଲେ। ପରେ ଶ୍ରୀଧରଙ୍କ ଘରକୁ ଯାଇ ଭତ୍ତା ତଥ୍ୟ ସଂଗ୍ରହ ସହ ଅର୍ଥ ଦେବା ପାଇଁ ସ୍ଥିର କରିଥିଲେ।

# ୨୭ ଯାଏ ବଢ଼ିଲା ଓଟିଇଟି ଆବେଦନ

କଟକ,୨୨।୫(କାର୍ତ୍ତିକ ସାହୁ)

ଚାକିରିରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ନିମନ୍ତେ ଆବେଦନ ତାରିଖକୁ ଆସନ୍ତା ୨୭ ତାରିଖ ରାତି ୧୧.୪୫ ଯାଏ ବର୍ଦ୍ଧିତ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପରେ ଆବେଦନ ଅବଧି ଆଉ ବର୍ଦ୍ଧିତ ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ସରକାରୀ ଟଙ୍କା ହଡ଼ପ, ୪ ଗିରଫ

ରାୟଗଡ଼ା/ ଜୟପୁର, ୨୨।୫ (ଆଶିଷ ରଞ୍ଜନ ପଣ୍ଡା/ ପବନ ପାଣିଗ୍ରାହୀ)

ଏମ୍ଜିଏନ୍ଆର୍ଇଜିଏସ୍‌ରେ ପୋଖରୀ ଖନନ ନାଁରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗରେ ରାୟଗଡ଼ା ଜିଲ୍ଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ୪ ଜଣଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ସେମାନେ ହେଲେ ଜିଲା ଜଳଛାୟା ପ୍ରକଳ୍ପର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ନାଥ ନାୟକ, ଓଭରସିଅର ଯୋଗେନ୍ଦ୍ର ଖୋସ୍‌ଲା, ଦୀପକ କୁମାର ସାହୁ ଏବଂ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ ଶ୍ରୀକୁମାର ନାୟକ। ରାୟଗଡ଼ା କାଶୀପୁର ବ୍ଲକ୍‌ରେ ଏହି ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। କାଗଜପତ୍ରରେ ୨୩ଟି ପୋଖରୀ ଖନନ ହୋଇଥିବା ଦର୍ଶାଇ ୨୦ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡିଥିଲା।

# ୭ ନେତାଙ୍କୁ ନେଇ ଶୃଙ୍ଖଳା କମିଟି ଗଢ଼ିଲା ବିଜେଡି

ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)

**ପାର୍ଥସାରଥି ମୁଦୁଲି ନିଲମ୍ବିତ**

ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଦଳର ଶୃଙ୍ଖଳା କମିଟି ଘୋଷଣା କରିଛନ୍ତି। ଏଥିରେ ୭ ଜଣ ତଥା ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଦୀପ କୁମାର ଅମାତ, ଚନ୍ଦ୍ରଶେଖର ସାହୁ, ରାଜଶ୍ରୀ ମଲିକ, ସାରଦା ପ୍ରସନ୍ନ ଜେନା, ଶର୍ମିଷ୍ଠା ସେଠୀ ଏବଂ ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ଦଳ ଶୃଙ୍ଖଳା କମିଟିରେ ରଖିଛି। ଅନ୍ୟପଟେ ପୂର୍ବତନ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଥିବା ପାର୍ଥସାରଥି ମୁଦୁଲି ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ଦିଆଯାଇଛି। ଏନେଇ ବିଜେଡି ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଣେ ବରିଷ୍ଠ ନେତାଙ୍କ ସୂଚନା ମୁତାବକ ପାର୍ଥସାରଥି ବୁଧବାର ଏକ ଭିଡିଓ ଜାରିକରି ତାଙ୍କ ଦଳ ୨୪ ବର୍ଷ ସରକାରରେ ଥିବା ସମୟରେ ଓବିସିମାନଙ୍କ ପାଇଁ କାହିଁକି କିଛି କରି ନ ଥିଲା ବୋଲି ପ୍ରଶ୍ନ ଉଠାଇଥିଲେ। ସେଥିଲାଗି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ସେ କହିଛନ୍ତି।


**GOVERNMENT OF ODISHA**
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, BALANGIR
Women's College Chowk, Palace Line, Dist.: Balangir, PIN - 767001
## ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: PI63533)
**REQUEST FOR BIDS (RFB) E Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
**No. A-210** RFB No. OIIPCRA-W2-BGR-1/2025-26 Date: 20.05.2025

| | |
|---|---|
| Name of Work | : Balance work for "Improvement (Renovation) to Mayabati MIP in Patnagarh Block of Balangir District under OIIPCRA. Package ID: BGR-8 of 1 (One) Minor Irrigation Project" |
| No. of Works | : 01 Minor Irrigation Project |
| Estimated Cost | : Rs.226.07 Lakh approx |
| Cost of Bid Document | : Free of Cost |
| Period of Completion | : As per DTCN |
| Availability of bid documents | : From 26.05.2025 from 10.00 Hrs. to 25.06.2025 upto 15.00 Hrs. in the e-procurement website **(https://tendersodisha.gov.in)** |
| Date of Pre-Bid Meeting | : 04.06.2025 as per Para-7 of DTCN |
| Last date & time of receipt of bid | : Upto 25.06.2025, 15.00 Hrs. through online |
| Period of receipt of bid security | : To be paid online along with the bid. Bank Guarantees also acceptable subject to verification. |
| Date of opening of Technical Bid | : On Dt.26.06.2025 at 11.00 Hrs. |
| Date of Opening of Financial Bid | : To be intimated online after off-line evaluation of Technical Bid |
| Digital Signature Certificate of Bidder | : The bidder must possess compatible Digital Signature Certificate (DSC) of Class-II or III. |
| The details tender call notice can also be seen in the DOWR website | : **https://dowrodisha.gov.in** **https://octdms.in** |
| Name & address of the OIT | : Superintending Engineer, M.I. Division, Balangir, Women's College Chowk, Palace Line, Dist.: Balangir, PIN - 767001, E-Mail: **mid_balangir.yahoo.co.in** |
| Further details can be seen from the e-Procurement market place in | : **https://tendersodisha.gov.in** |

**Sd./- Superintending Engineer**
**M.I. Division, Balangir**
**OIPR-32063/11/0015/2526**



## ODISHA PUBLIC SERVICE COMMISSION
## CUTTACK
### NOTICE
**No. 3482 / P.S.C., Dt. 22.05.2025**
**(1R-31-2024/25)(DR-V)**

**No.D-77** : It is for information of all concerned that, pursuant to the Advertisement No. 32 of 2023-2024, **04 (Four)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Electronics Engineering"**. Thc Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **10.06.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 10.06.2025 | 11.00 A.M. | P230172719, P240305167, P240301838 & P240308837 **= 4 Candidates** |

**The candidates are advised to produce following documents at the time of interview:-**
**1. All original Research Publications/Books.**
**2. Photocopy of front and back cover pages of published books-07 sets.**
**3. Photocopies of 10 best Research Publications-07 sets**
**4. List of all Publications mentioned at SL. No.1-07 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE: - THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE REALTING TO ELECTRONICS ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

**OIPR-12002/11/0226/2526** **Sd./- Secretary**



## ODISHA PUBLIC SERVICE COMMISSION
## CUTTACK
### NOTICE
**No. 3477 / P.S.C., Dt. 22.05.2025**
**(1R-32-2024/25)(DR-V)**

**No.D-76** : It is for information of all concerned that, pursuant to the Advertisement No. 32 of 2023-2024, **12 (Twelve)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Electronics and Telecom Engineering"**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **09.06.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 09.06.2025 | 10.30 A.M. | P230172719, P240295877, P240311047, P240304164, P240303464, P230182766, & P230173557 **= 7 Candidates** |
| | 3.00 P.M. | P240302448, P240310362, P240312467, P240304182 & P240305047 **= 5 Candidates** |

**The candidates are advised to produce following documents at the time of interview:-**
**1. All original Research Publications/Books.**
**2. Photocopy of front and back cover pages of published books-09 sets.**
**3. Photocopies of 10 best Research Publications-09 sets**
**4. List of all Publications mentioned at SL. No.1-09 sets**

ଓଡିଶା ସିନେ ୱାର୍କର୍ସ ଆସୋସିଏଶନର ୧୧ତମ ଚଳଚ୍ଚିତ୍ର ଉତ୍ସବ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ, ଖୋର୍ଦ୍ଧା ଜିଲ୍ଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଅଭିନେତା ହରିହର ମହାପାତ୍ର, ଅଭିନେତ୍ରୀ ଅନନ୍ୟା ମିଶ୍ର, ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଅଭିନେତ୍ରୀ ପଲ୍ଲବୀ ପ୍ରିୟଦର୍ଶିନୀ ନାଥ, ନିର୍ଦ୍ଦେଶକ କୁନାଲ ପଟ୍ଟନାୟକ, କଣ୍ଠଶିଳ୍ପୀ ସୌଜନ୍ୟା ରଥ, ଅଭିନେତ୍ରୀ ମନୀଷା ମଞ୍ଜରୀ ମିଶ୍ର, କବି ଆର୍ତ୍ତତ୍ରାଣ ସାହୁ, ସମାଜିକକର୍ମୀ ବିଜୟ କୁମାର ଜେନା, ହେମନ୍ତ କୁମାର ସାମନ୍ତରାୟ, ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ, ଲକ୍ଷ୍ମୀପ୍ରିୟା ପଣ୍ଡା, ବନ୍ଦନା ହରିଚନ୍ଦନ, ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମେଘ ମହ୍ଲାର ପବ୍ଲିକେଶନ ପକ୍ଷରୁ କବି ନୀଳମଣି ସେଠୀଙ୍କ 'ପ୍ରେମ ମନ୍ଦାକିନୀ' କବିତା ସଂକଳନ ଉନ୍ମୋଚନ ହୋଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୫୦ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତମ ଶିକ୍ଷୟିତ୍ରୀ ଭାବେ ଆରତୀ ବେହେରା, ଉତ୍ତମ ଖବରଦାତା ଭାବେ ଜିତେନ୍ଦ୍ର କୁମାର ସାହୁ, ସରୋଜ କୁମାର ମୁଦୁଲି, ସମାଜସେବୀ ବିଜୟ କୁମାର ଜେନା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ରୀନାବାଳା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜୈବବିବିଧତାକୁ ସୁରକ୍ଷା ଦେବା ଆବଶ୍ୟକ: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୨୨।୫(ବନ୍ଦନା ସେଠୀ)



ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ବିଭାଗୀୟ ଅଧିକାରୀମାନେ ଓଡ଼ିଶା ଜୈବ ବିବିଧତା ବୋର୍ଡ ଦ୍ୱାରା ପ୍ରକାଶିତ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଜ୍ୟବାସୀଙ୍କୁ ଉତ୍ତମ ଗୁଣବତ୍ତାସମ୍ପନ୍ନ ଜୀବନ ପ୍ରଦାନ କରିବା ପାଇଁ ପ୍ରକୃତି ସହିତ ସମନ୍ୱୟ ଜରୁରୀ। ଏଥିପାଇଁ ଆମକୁ ରାଜ୍ୟର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମୃଦ୍ଧ ଜୈବବିବିଧତାକୁ ସୁରକ୍ଷା ଦେବାକୁ ପଡିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଜୈବବିବିଧତା ବୋର୍ଡ ପକ୍ଷରୁ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଓଡ଼ିଶାର ଜୈବବିବିଧତା ଭାରତର ବୃହତ୍ ବିବିଧତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ରାଜ୍ୟରେ ମୋଟ ୫୭,୧୬୦ ବର୍ଗ କି.ମି. ଜଙ୍ଗଲ ଏବଂ ବୃକ୍ଷ ଆଚ୍ଛାଦନ ଅଛି, ଯାହା ମୋଟ୍ ଭୌଗୋଳିକ କ୍ଷେତ୍ରର ୩୬.୭୧%। ବନ୍ୟପ୍ରାଣୀଙ୍କୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସମୃଦ୍ଧ ଏବଂ ଅନନ୍ୟ ଜୈବ ବିବିଧତା ପାଇଁ ଆମ ରାଜ୍ୟ ପ୍ରସିଦ୍ଧ। ରାଜ୍ୟରେ ୫୧୭୪ରୁ ଅଧିକ ଉଦ୍ଭିଦ ଏବଂ କବକ ପ୍ରଜାତି ରହିଛି, ଯେଉଁଥିରେ ୨୮୦୦ ଉଚ୍ଚ ଉଦ୍ଭିଦ ପ୍ରଜାତି, ବିବିଧ ଘାସ, ଅର୍କିଡ, ଟେରିଡୋଫାଇଟ, ଜିମ୍ନୋସ୍ପର୍ମ, ମାନ୍‌ଗ୍ରୋଭ, ସାମୁଦ୍ରିକ ଶୈବାଳ, ସମୁଦ୍ର ଘାସ ଏବଂ ମାଂସାସୀ ଉଦ୍ଭିଦ ଅନ୍ତର୍ଭୁକ୍ତ। ରାଜ୍ୟର ବିଶାଳ ପ୍ରାକୃତିକ ସମ୍ପଦର ସ୍ଥାୟୀ ବ୍ୟବହାର, ହଜିଯାଇଥିବା ଏବଂ କ୍ଷୟ ହେଉଥିବା ଜୈବ ସମ୍ପଦକୁ ପୁନରୁଦ୍ଧାର ଓ ଯୁବପିଢୀଙ୍କ ମଧ୍ୟରେ ଜୈବ ବିବିଧତା ସଂରକ୍ଷଣର ଧାରଣା ସୃଷ୍ଟି ନେଇ ପଦକ୍ଷେପ ନେବାକୁ ଅତିରିକ୍ତ ମୁଖ୍ୟ ସଚିବ ପରାମର୍ଶ ଦେଇଥିଲେ। ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରେମ କୁମାର ଝା ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ଜୈବ ବିବିଧତା ବୋର୍ଡ ଦ୍ୱାରା ପ୍ରକାଶିତ ୪ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ବିକଳ୍ପ ଭାବେ ଜନଶିକ୍ଷା ନୀତି-୨୦୨୫ ଲୋକାର୍ପିତ

ଭୁବନେଶ୍ୱର,୨୨।୫(ସୁଚିସ୍ମିତା ସାହୁ)

ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ କମିଟି ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ର ବିକଳ୍ପ ଭାବେ 'ଜନ ଶିକ୍ଷାନୀତି-୨୦୨୫' ପ୍ରସ୍ତୁତ କରାଯାଇଛି। କମିଟିର ଓଡିଶା ଶାଖା ସଭାପତି ପ୍ରଫେସର ବିରେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଗୁରୁବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହାକୁ ଉନ୍ମୋଚନ କରାଯାଇଛି। ଏହି ଜନ ଶିକ୍ଷାନୀତିରେ ଏନଇପି-୨୦୨୦କୁ ଅଗଣତାନ୍ତ୍ରିକ, ବିଜ୍ଞାନ ମନୋଭାବ ଓ ଧର୍ମନିରପେକ୍ଷତା ବିରୋଧୀ, ସଂଘୀୟ ବ୍ୟବସ୍ଥା ବଦଳରେ କେନ୍ଦ୍ରୀକତାକୁ ଲଦିଦେବା ତଥା ଶିକ୍ଷାର ବ୍ୟବସାୟୀକରଣ ପାଇଁ ଉଦ୍ଦିଷ୍ଟ ଭାବେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଜନ ଶିକ୍ଷାନୀତିକୁ ଏକ ବୈଜ୍ଞାନିକ, ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଶିକ୍ଷାନୀତି ଭାବେ ପ୍ରସ୍ତୁତ କରାଯାଇଛି। ଏଥିରେ ଶିକ୍ଷା ପାଇଁ କେନ୍ଦ୍ରୀୟ ବଜେଟର ୧୦% ଓ ରାଜ୍ୟ ବଜେଟର ୨୦-୨୫% ବ୍ୟୟବରାଦ କରାଯାଇଛି। ଶିକ୍ଷାକୁ ରାଜ୍ୟ ତାଲିକା ଭୁକ୍ତ କରିବା ସହିତ କମ୍ ଉପସ୍ଥାନ ହେଲେ ମଧ୍ୟ ପ୍ରତ୍ୟେକ ଗ୍ରାମରେ ବିଦ୍ୟାଳୟ କରାଯାଉ। ୩ରୁ ୧୭ ବର୍ଷର ପ୍ରତ୍ୟେକଙ୍କ ପାଇଁ ମାଗଣା ଶିକ୍ଷାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଦାବି କରାଯାଇଛି। ସେହିପରି ୫+୩+୩+୪ ବଦଳରେ ୧୦+୨ ବ୍ୟବସ୍ଥାକୁ ଜାରି ରଖାଯାଉ। ଚାରିବର୍ଷିଆ ଡିଗ୍ରୀ କୋର୍ସ ଓ ଏକ ବର୍ଷିଆ ପି.ଜି. କୋର୍ସ ତୁରନ୍ତ ବନ୍ଦ କରି ତିନି ବର୍ଷିଆ ଡିଗ୍ରୀ କୋର୍ସ ଓ ଦୁଇ ବର୍ଷିଆ ପି.ଜି. କୋର୍ସ ଚଳାଇବା ପାଇଁ ସୁପାରିଶ କରାଯାଇଛି। ଏହି ଦସ୍ତାବିଜକୁ ଜାନୁୟାରୀ ୨୦୨୬ରେ ବାଙ୍ଗାଲୁରୁଠାରେ ହେବାକୁ ଥିବା ପିପୁଲ୍ସ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ବାଲିପାଟଣା,୨୨।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ତହସିଲ ଅଧୀନ ବନମାଳିପୁର ବଜାରରେ ତହସିଲଦାର କଳ୍ପନା ଦାସଙ୍କ ନେତୃତ୍ୱରେ ଦୁଇପାର୍ଶ୍ୱରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଅଠାନ୍ତର-ବନମାଳିପୁର ରାସ୍ତା ପ୍ରଶସ୍ତୀକରଣ ଚାଲିଥିବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ବାଲିପାଟଣା ତହସିଲକୁ ଚିଠି କରାଯାଇଥିଲା। ମାପଚୁପ ପରେ ୨୧ତାରିଖ ମଧ୍ୟରେ ଦୋକାନ ଓ ଘର ଭାଙ୍ଗିବାକୁ ନୋଟିସ କରାଯାଇଥିଲା। ୪୦ଜଣ ଘର ଭାଙ୍ଗିଦେଇଥିବାବେଳେ ୧୮ଜଣ ଭାଙ୍ଗି ନ ଥିଲେ।

# 'ପ୍ରକୃତି, ସଂସ୍କୃତି ଅନୁସାରେ ଜୀବନ ବିତାଇବା ଆବଶ୍ୟକ'

ଭୁବନେଶ୍ୱର,୨୨।୫(ଅନୁରାଧା ମହାରଣା)

ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଜୈନ ସନ୍ଥ ଦିଗମ୍ବର ମୁନୀ ଆଚାର୍ଯ୍ୟ ପ୍ରସନ୍ନ ସାଗରଙ୍କୁ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ଯୋଗଗୁରୁ ରାମଦେବ ଏବଂ କୁଳପତି ଆଚାର୍ଯ୍ୟ ବାଲ୍‌କୃଷ୍ଣ ସ୍ୱାଗତ କରିଛନ୍ତି। ଏହି ଅବସରରେ ପ୍ରସନ୍ନ ସାଗର ପ୍ରକୃତି, ସଂସ୍କୃତି ତଥା ବିକୃତିର ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସେ କହିଛନ୍ତି, ପ୍ରକୃତି ଏବଂ ସଂସ୍କୃତି ଅନୁସାରେ ଜୀବନ ବିତାଇବା ଆବଶ୍ୟକ। ବିକୃତିରେ ଜୀବନ ବିତାଇବା ଦରିଦ୍ରତାର ପ୍ରତୀକ। ସେହିପରି ଯୋଗଗୁରୁ ରାମଦେବ କହିଛନ୍ତି, ଜୈନ ଧର୍ମ ସନାତନ ଧର୍ମରୁ ଶୁଦ୍ଧତମ ରୂପ। ଏହା ସଂଯମ, ଅହିଂସା ଏବଂ ଆତ୍ମଚେତନର ମାର୍ଗଦର୍ଶନ କରିଥାଏ। ଆଚାର୍ଯ୍ୟ ବାଲ୍‌କୃଷ୍ଣ ସଂସ୍କୃତରେ ରଚିତ ୮ଟି ଶ୍ଳୋକ ଆଧାରିତ ପ୍ରଶସ୍ତିପତ୍ରର ପାଠ କରିଥିଲେ। ସମାରୋହରେ ଜୈନ ସମାଜ ପକ୍ଷରୁ ରାମଦେବଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଆଚାର୍ଯ୍ୟ ପ୍ରସନ୍ନ ସାଗର ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ କରିବା ସହ ପତଞ୍ଜଳି ହର୍ବାଲ ଗାର୍ଡେନରେ ବୃକ୍ଷରୋପଣ ମଧ୍ୟ କରିଥିଲେ। ଏହି ଅବସରରେ ଜୈନ ମୁନୀ ପୀୟୁଷ ସାଗର, ଅପ୍ରମତ୍ତ ସାଗର, ପରିମଳ ସାଗର, ଆଚାର୍ଯ୍ୟ ନୈଗମ ସାଗର, ମାତା ଜ୍ଞାନପ୍ରଭା, ଚରିତ୍ରପ୍ରଭା ଓ ପୁଣ୍ୟପ୍ରଭାଙ୍କ ସହ ପତଞ୍ଜଳି ବିଶ୍ୱବିଦ୍ୟାଳୟ କୁଳାନୁଶାସିକା ପ୍ରଫେସର ଦେବପ୍ରିୟା, ପ୍ରତିକୁଳପତି ପ୍ରଫେସର ମୟଙ୍କ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଦିଗମ୍ବର ମୁନୀ ପ୍ରସନ୍ନ ସାଗରଙ୍କୁ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ସ୍ୱାଗତ



ଜୈନ ସନ୍ଥ ଦିଗମ୍ବର ମୁନୀ ଆଚାର୍ଯ୍ୟ ପ୍ରସନ୍ନ ସାଗରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## STATE POLLUTION CONTROL BOARD, ODISHA

ODISHA

(Forest, Environment & Climate Change Department, Govt. of Odisha)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012
E-mail : publichearing@ospcboard.org, Website : https://ospcboard.odisha.gov.in

No. 9803/IND-II-PH-1273 Date. 21.05.2025

### NOTICE

**No.CAD-529** : It is brought to the notice of all concerned that **M/s National Highways Authority of India** has proposed to have Environmental Impact Assessment for **Construction of a New Four Lane Access controlled Highway from Cuttack (Endpoint of CRRR at NH-16 near Tangi) to Kandarpur on SH-12 from Design Ch.0+000 Km to 21+225 Km under NH (O) on Hybrid Annuity Mode in the State of Odisha (for Cuttack District)** to obtain Environmental Clearance from **Ministry of Environment, Forests & Climate Change, Govt. of India**. The proponent has applied to the State Pollution Control Board, Odisha, Bhubaneswar to conudct Public Hearing.

By virtue of Ministry of Environment, Forests & Climate Change, Government of India Notification No. S.0. 1533 (E) Dtd. 14.09.2006, the Board has been authorized to conduct public hearing for Environmental Clearance and as such invites suggestions, views; comments and objections on matters relating to environmental aspects of the proposed project from all the persons including bonafide residents, environmental groups and others located at the proposed site / sites of displacement / sites likely to be affected.

For the above purpose, a person will only mean :

A. Any person who is likely to be affected by the grant of Environmental Clearance.
B. Any person who owns his control over the project with respect to which an application has been submitted for environmental clearance.
C. Any association of persons whether incorporated or likely to be affected by the project and /or functioning in the field of environment.
D. Any local authority within any part of whose local limits is within the neighborhood, wherein the project is proposed to be located, :

Persons as above who desire to submit their views, comments, objections etc. relevant to the project, may do so in writing within 30 days from the date of publication of this notice addressing the same to the Member Secretary, State Pollution Control Board, Odisha through Registered Post. Besides this, persons interested to submit their views relevant to the proposed project in writing or orally may also do so during the public hearing to be conducted **on 25-06-2025 at 11.00 A.M at The High School Field of Gopal Smruti Vidyapitha ,At - Plot No.268, Khata No.515 of Village - Siddheswarpur, P.O- Siddheswarpur ,P.S-Kandarpur in Cuttack district**.

Persons desirous of participating in the public hearing may go through the Environmental Impact Assessment (EIA) /Environmental Management Plan (EMP) of the said project which will be available at the following offices. Copy of the Executive Summary both in English & Odia is also available in the following offices & the same can also be downloaded from the website **https://ospcboard.odisha.gov.in** free of cost.

1. District Collector's Office, **Cuttack**.
2. District Industries Center, **Cuttack**.
3. Office of the Chief Executive Officer, Zilla Parishad, **Cuttack**
4. Head office of the State Pollution Control Board, Odisha, Paribesh Bhawan, A/118, Nilakanthanagar, Unit — VIII, Bhubaneswar -12
5. Regional Office, State Pollution Control Board, Odisha, Cuttack
6. Department of Forest & Environment (Environment), Govt. of Odisha, Bhubanaswar

For any further clarification in the matter, the **Regional Officer, State Pollution Control Board, Cuttack** or the **Member Secretary, State Pollution Control Board, Odisha** at Bhubaneswar may be contacted.

**By Order of the Member Secretary**
**Sd./- CHIEF ENV. ENGINEER**
**OIPR-08012/11/0256/2526**

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

### INVITATIONS FOR BIDS (IFB)

File No. B-IV-(F/D)-01/2016 Lr. No. 20179 / Bhubaneswar, Dtd. 22 May, 2025

No. B-151 **Invitation for Bids**

**2nd Corrigendum**

**Bid Identification No. C.E. (B) - 04/2025-26**

Name of the Work - Construction of New Banijyakar Bhawan at Chandrasekharpur, Bhubaneswar on Turnkey Basis in the State of Odisha.

The following changes have been made in Bid Identification No. C.E.-(B) - 04/2025-26. Bid documents can be seen/downloaded from the Govt. Website i.e. **www.tendersorissa.gov.in,** during the period **Dt.30.05.2025 to 17.30 hours of Dt.20.06.2025** instead of **Dt.22.05.2025 to 17.30 hours of Dt.12.06.2025** for ONLINE BIDDING respectively.

1. A pre-bid meeting shall be held on Dt.09.06.2025 at 11.30 A.M. at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of Dt.02.06.2025.
2. Online bids shall be received till 17.30 hours of Dt.20.06.2025 instead of Dt.12.06.2025.
3. Hardcopy shall be received on or before Dt.26.06.2025 upto 17.30 hours by this office instead of Dt.19.06.2025.
4. The technical bids will be opened at 11.30 A.M. of Dt.30.06.2025 instead of Dt.20.06.2025.
5. All other terms and conditions remain unchanged.

**Sd./- Chief Engineer-cum-Addl. Secretary to Govt.,**
**Works Department, Odisha**
**OIPR-34117/11/0093/2526**

## ODISHA HYDRO POWER CORPORATION LTD.

OHPC

CIN: U40101OR1995SGC003963
(A Govt. of Odisha Undertaking)

### OFFICE OF THE SENIOR GENERAL MANAGER (ELECTRICAL)
### UPPER KOLAB HYDRO ELECTRIC PROJECT, BARINIPUT

P.O.: BARINIPUT, PIN - 764006, DIST.: KORAPUT (ODISHA)
WEB: www.ohpcltd.com, PHONE: (06854) 242001, Email: sgmel_ukhep@ohpcltd.com

**No. OHPC/UKHEP/SGM/HR/2380 Date: 22.05.2025**

**ERRATA TO ADVERTISEMENT No. 2213 Dtd.08.05.2025**

**FOR ENGAGEMENT OF ASSISTANT TEACHERS (MCT)/ ASSISTANT TEACHERS (TGT) ARTS/SCIENCE AND PET ON CONTRACTUAL BASIS**

No. CAD-527: Whereas applications have been invited from the intending eligible candidates for engagement as Assistant Teachers (MCT)/(TGT) Science/Arts and PET purely on contractual basis in Project High School, Bariniput and Kabi Surya M.E. School, Mundiguda, Koraput functioning under Odisha Hydro Power Corporation under the terms and conditions and eligibility criteria published in our website **www.ohpcltd.com** vide Advertisement No. 2213 Dtd.08.05.2025 where the Upper age limit was mentioned as 38 years is hereby corrected as 32 years. **Hence the upper age limit for engagement in the above posts shall be 32 years**. All other terms and conditions and eligibility criteria remains unaltered.

**Sd./- Unit Head**
**UKHEP, Bariniput**
OIPR-04002/11/0086/2526

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI

**Tender No. 820/F&F/DPHO/Puri/Dated20.05.2025**

### TENDER CALL NOTICE

No. E-105: Sealed tenders are hereby invited from registered agencies or firms with GST No. to undertake various works and supply of different material during the Car Festival-2025. For details please visit our district website https://puri.odisha.gov.in.& puri.nic.in. The tender documents must be submitted in two parts by super scribing on the envelope **"Technical bid for Car Festival-2025"** in one envelope and **"Financial bid for Car Festival-2025"** in the other. Both envelopes are to be put into another envelope by super scribing **"Tender bid for Car Festival-2025"**. The tender documents should reach the office of CDM & PHO, Puri, District Head Quarter Hospital, PIN - 752001 through Regd. Post/Speed Post/Courier only before Dt.04.06.2025 by 5 PM and the same will be opened on Dt.05.06.2025 at 4.00 PM in the presence of bidders or their authorized representatives and members of purchase committee in the office of the CDM & PHO, Puri. A Pre-bid meeting will be held on Dt.23.05.2025 for clarifying the type of work. Bidders are requested to attend in their own interest.

The undersigned reserves the right to reject the tender process fully or partially at any time without assigning any reason thereof.

**Sd./- Dr. Rupabhanu Mishra**
**Chief District Medical & Public Health Officer, Puri**
**OIPR-10021/11/0017/2526**

## GOVERNMENT OF ODISHA No. O-184:
## RURAL WATER SUPPLY & SANITATION ORGANISATION
## OFFICE OF THE SUPERINTENDING ENGINEER RWS&S DIVISION, ANGUL, AT: TALCHER

**At: Baghuabole, P.O.: Hatatota, Talcher, Dist.: Angul, PIN - 759100**
**(Ph. No./Fax: 06760-240762, E-mail: eerwssang@gmail.com)**

**INVITATIONS FOR BIDS (IFB) [e-Procurement]**

**Bid Identification No. 03/SE/RWSS/2025-26 Dt.20.05.2025**

1. The Superintending Engineer, RWS&S Division, Angul on behalf of Governor of Odisha invites lump sum in SINGLE cover system in ONLINE MODE from eligible contractors for construction of office building and Residential building of Division office in Angul District.

| | | |
|---|---|---|
| 2. | Name of the work | : Building Work |
| 3. | No. of Work | : 02 (Two) Nos. |
| 4. | Value of the Work | : Rs.20.32 lakhs to 20.65 lakhs |
| 5. | Concerned tender inviting authority | : Superintending Engineer, RWS&S Division, Angul |
| 6. | Security Amount (Rs.) (Online) | : NIL |
| 7. | Cost of bid document (Rs.) (Online) | : Rs.6,000/- |
| 8. | Class of Bidder | : "C" & "B" Class |
| 9. | Period of Completion | : 90 days |
| 10. | Availability of bid documents in the website in the portal | : From date: 29.05.2025 at 11.00 A.M. to date: 10.06.2025 till 5.30 P.M. |
| 11. | Last date & time of seeking tender clarification | : Upto 06.06.2025 till 5.30 P.M. |
| 12. | Date of Opening of Bid | : On date 11.06.2025 at 12.00 Noon |

The bidders have to participate in the tender through ONLINE bidding only. Further details can be had from the website i.e. **http://tendersorissa.gov.in**.
Subsequent corrigendum/addendum if required shall only be appeared in the above website.

**Sd./- Superintending Engineer**
**RWS&S Division, Angul at: Talcher**
**OIPR-25195/11/0006/2526**

## GOVERNMENT OF ODISHA No.O-191
## OFFICE OF THE SUPERINTENDING ENGINEER RURAL WORKS DIVISION-I, KEONJHAR

**Email ID: eerw1_kjr@yahoo.com**

**OFFICE ORDER FOR CANCELLATION OF TENDER**

**e-Procurement Notice for Road Works**
**Identification No. Online NCB - 02 of 2025-26**

1. The work at Sl. No. 01 in NCB-02 of 2025-26 of this office is hereby cancelled may as follows:

| Sl. No. | Name of the Work | Remarks |
|---|---|---|
| 1 | Construction of Auditorium-cum-Examination Hall for Padampur Anchalika Higher Secondary School, Padampur in the District of Keonjhar for the year 2024-25. | Due to Administrative Reason |

**OIPR-25110/11/0016/2526**
**Sd./- Executive Engineer**
**R.W. Division-I, Keonjhar**

## GOVERNMENT OF ODISHA No. A-209
## OFFICE OF THE DEPUTY DIRECTOR, GEOLOGY GROUND WATER DEVELOPMENT DIVISION, BOLANGIR

**Jyotinagar, Laltikra, P.O.: Rajendra College, Dist.: Bolangir, PIN - 767002**
**e-mail: srgeologistbolangir@gmail.com**

**Letter No. 433 Date: 20.05.2025**

### NATIONAL COMPETITIVE BIDDING THROUGH e-Procurement

**Identification No. 02/GWDBLGR/2025-26 of 2025-26 Dt.23.05.25**

**e-Procurement Notice**

| | |
|---|---|
| 01. Name of the Work | : 08 Nos. work |
| 02. Type of Bid | : Single System |
| 03. Estimated Cost | : Rs.7.20 Lakh to 15.56 lakhs |
| 04. Period of Completion | : 02 Calendar Months |
| 05. Date & time of availability of bid document in the portal | : From 11.00A.M. of Dt.23.05.2025 to 5.00 P.M. of 05.06.2025 |
| 06. Last date/time of receipt of bids in the portal | : 5.00 P.M. of 05.06.2025 |
| 07. Date & time of opening of Technical Bids | : At 11.30 A.M. of 06.06.2025 |
| 08. Name and address of the Officer Inviting Bid | : Deputy Director, Geology, Ground Water Development Division, Jyotinagar, Laltikra, P.O.: Rajendra College-767002, Bolangir, Dist.: Bolangir |

Further details can be seen from the website **http://tenders.ori.nic.in** or **www.tendersorissa.gov.in**.

**Sd./- Deputy Director, Geology**
**G.W.D. Division, Bolangir**
**OIPR-32471/11/0007/2526**

## COMMISSIONERATE OF CT & GST, ODISHA, (At: Cuttack)
## FINANCE DEPARTMENT, GOVERNMENT OF ODISHA

**Tender Notice No. 7473/CT & GST, Dated: 21.05.2025**

No. S-04: The Commissionerate of CT & GST, Odisha, Cuttack invites sealed bids for the purchase of one (01) No. of **Poly Studio E70** Video conferencing equipment. The last date for submission of bids is **11.06.2025 by 4.00 P.M.**

Interested bidders may download the detailed tender documents from the Commercial Tax website: **https://odishatax.gov.in/**

**Sd./- Special Commissioner of CT & GST (Revenue)**
**Commissionerate of CT & GST, Odisha**
**OIPR-05034/11/0004/2526**

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ କୋଠାବାଡ଼ି) ବିଭାଜନ, କଣ୍ଟାବାଞ୍ଜି
## OFFICE OF THE SUPERINTENDING ENGINEER, (R&B) DIVISION, KANTABANJI

**Email: eerbkbj@rediffmail.com**
**Bid Identification No. 05/KBJ/2025-26**

No. B-150: The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites **Percentage rate Bid in Single Cover** system in ONLINE MODE for the E.I. work detailed in the table below from the contractor registered the State Government ELBO for execution of **Electrical Work**. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | No. of Work | : 01 No. (Single Cover) |
| 2. | Nature of Work | : E.I. Work |
| 3. | Class of Contractor | : HT |
| 4. | Approximate value of work | : Rs.16.67 lakh |
| 5. | Tender Cost | : Rs.6,000/- |
| 6. | Date and time of availability of bid documents in online | : From 08.00 A.M. of Dt.23.05.2025 upto 05.00 P.M. of Dt.29.05.2025 |
| 7. | Date of opening of Bid in online | : Dt.30.05.2025 at 11.30 A.M. |

8. Other details can be seen in the bidding documents from the e-procurement portal **"www.tendersodisha.gov.in".**
9. The bidders have to participate in ONLINE bidding only. Further details can be seen from the website **"www.tendersodisha.gov.in"**. All future corrigendum will be available on ONLINE MODE only.

**Sd./- Superintending Engineer**
**Kantabanji (R&B) Division**
**OIPR-34099/11/0019/2526**

See Career Appointment on every Wednesday & Saturday

**ଦେଶୀମଦ ଜବତ, ୪ ଗିରଫ**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମିତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ସହଯୋଗରେ ଗୁରୁବାର ୪ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ୧୭୯ଲିଟର ଦେଶୀ ମଦ ଜବତ ସହ ୪ଜଣଙ୍କୁ ଗିରଫ କରାଯାଇଛି। ତଖଲା ଗ୍ରାମର ଆରତ ବେହେରାଙ୍କଠାରୁ ୩୦ ଲିଟର, ପିତୁଲ୍ଲି ଗ୍ରାମର ଅଶୋକ ନାୟକଙ୍କଠାରୁ ୬୫ ଲିଟର, ଅସରଣ ଗ୍ରାମର ସୌମ୍ୟ ରଞ୍ଜନ ବରାଡ଼ଙ୍କଠାରୁ ୬୫ ଲିଟର ଏବଂ ବଡ଼କୁମାରୀ ଗ୍ରାମର ଧନେଶ୍ୱର ପରିଡ଼ାଙ୍କଠାରୁ ୧୯ ଲିଟର ଦେଶୀମଦ ଜବତ କରାଯାଇଛି ବୋଲି ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ଖେସ କହିଛନ୍ତି।

## ସଂକ୍ଷେପରେ

### ମଦ ଜବତ: ୪ ଗିରଫ

ବାଲୁଗାଁ,୨୨।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ପୁଜୁଲି ସଦଳବଳ ଗୁରୁବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ କରିବା ସହ ୪ଜଣ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ବାଉଁଶମୂଳ ଗ୍ରାମର ରାଜକିଶୋର ପ୍ରଧାନ, ଜରିପଡା ଗ୍ରାମର ମଙ୍ଗୁଳି ନାୟକ, ବଉଳବନ୍ଧ ଗ୍ରାମର ବିଜୟ ବେହେରା ଏବଂ ମାନସିଂହପୁର ଗ୍ରାମର କାଙ୍ଗୁରେଣ ବେହେରା। ଏମାନଙ୍କ ନିକଟରୁ ମୋଟ ୪୫.୨ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ଏଏସ୍‌ଆଇ ସଞ୍ଜୟ ସୁବୁଦ୍ଧି, ମାନକେତନ ମହାଲିକ, ଅଶେଷ ପ୍ରଧାନ, ମନୋଜ ଜୟସିଂ, ସୁନିତା ମହାରଣା, କାଲୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ବିଶ୍ୱ ମହୁମାଛି ଦିବସ ପାଳିତ

ଖୋର୍ଦ୍ଧା,୨୨।୫(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱରସ୍ଥିତ ଖଦୀ ଏବଂ ଗ୍ରାମୋଦ୍ୟୋଗ କମିଶନ (କେଭିଆଇସି) ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ବିଶ୍ୱ ମହୁମାଛି ଦିବସ ପାଳିତ ହୋଇଯାଇଛି। କେଭିଆଇସି ରାଜ୍ୟ ନିର୍ଦ୍ଦେଶକ ସୁବାସ ଛେତ୍ରୀ, ବୈଜ୍ଞାନିକ ଡ.ବିକାଶ ପାତ୍ର, ଓଡ଼ିଶା ଖଦୀ ଏବଂ ଗ୍ରାମୋଦ୍ୟୋଗ ବୋର୍ଡ ସଚିବ ସଞ୍ଜୟ ମିଶ୍ର, ଓୟୁଏଟି ଅବସରପ୍ରାପ୍ତ ପ୍ରଫେସର ଡ. ରମାକାନ୍ତ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୧୦୦ରୁ ଉର୍ଦ୍ଧ୍ୱ ମହୁମାଛି ଚାଷୀ ଅଂଶଗ୍ରହଣ କରିଥିଲେ। ଭର୍ଚୁଆଲ ଜାତୀୟ ମଞ୍ଚରେ ମହୁମାଛି ପାଳନକାରୀମାନେ ସେମାନଙ୍କର ଅଭିଜ୍ଞତା, ସଫଳତାର କାହାଣୀ ଏବଂ ଅନୁଭୂତି ସମ୍ପର୍କରେ କହିଥିଲେ। ଏହି ଅବସରରେ ୪ ଚାରି ଜଣ ପ୍ରଗତିଶୀଳ ମହୁମାଛି ପାଳନକାରୀ ଏବଂ କେଭିଆଇସି ଲାଭାର୍ଥୀ ସବ୍ୟସାଚୀ ସ୍ୱାଇଁ, ବିପିନ ବିହାରୀ ମହାରଣା, ସସ୍ମିତା ସାହୁ, ଅଶୋକ କୁମାର କାଣ୍ଡିଙ୍କୁ ସମ୍ମାନିତ କରାଯାଇଥିଲା।

### ଅତିରିକ୍ତ ତହସିଲଦାରଙ୍କ ପିତୃ ବିୟୋଗ

ବେଗୁନିଆ,୨୨।୫(ସନ୍ଧ୍ୟାରାଣୀ ମିଶ୍ର)

ପୁରୀ ଶ୍ରୀମନ୍ଦିର ପ୍ରଶାସନ ଅଧୀନ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପିତା ଭରତ ମହାପାତ୍ରଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୭୩ବର୍ଷ ବୟସ ହୋଇଥିଲା। ବିଧାୟକ ପ୍ରଦୀପ ସାହୁ, ପୂର୍ବତନ ସମିତି ସଭ୍ୟ ଡ. ଶିଶିର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, କାଳନ୍ଦୀ ଚରଣ ମହାପାତ୍ର, ମନମୋହନ ପାଣିଗ୍ରାହୀ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ତ୍ରିରଙ୍ଗା ଶୋଭାଯାତ୍ରା ପ୍ରସ୍ତୁତି

କୃଷ୍ଣପ୍ରସାଦ,୨୨।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଅପରେସନ 'ସିନ୍ଦୂର' ସଫଳତା ନେଇ ଭାରତୀୟ ସୈନ୍ୟବାହିନୀ ସମ୍ମାନାର୍ଥେ ଶୁକ୍ରବାର ଚିଲିକାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ। ଭାଜପା ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏବଂ ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର ଯୋଗଦେବେ ବୋଲି ଜଣାପଡ଼ିଛି। ଏନେଇ ବିଧାୟିକା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ସାତପଡ଼ା ସିଡିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍ତମ କୁମାର ତରେଇ, ହରିହର ଦାଶ, ପୂର୍ଣ୍ଣ ଚନ୍ଦ୍ର ଗଡ୍ଡ, ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ ବେହେରା, କୃଷ୍ଣପ୍ରସାଦ ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବେଗୁନିଆ,୨୨।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ମଳିପଦର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ବସନ୍ତ ହୋତାଙ୍କ ସ୍ତ୍ରୀ ଅନୁପମା(୬୯)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା, ସ୍ନେହୀ ଓ ମିଷ୍ଟଭାଷୀ ମହିଳାଭାବେ ପରିଚିତ ଥିଲେ। ବିଧାୟକ ପ୍ରଦୀପ ସାହୁ, ଲୋକନାଥ ପଣ୍ଡା, କୁଳମଣି ମିଶ୍ର, ରାଜ କିଶୋର ପାଣିଗ୍ରାହୀ, ଡ. ନଳିନୀକାନ୍ତ ପଣ୍ଡା, ବଂଶୀଧର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ସୁବାସ ଚନ୍ଦ୍ର ମହାନ୍ତି, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, କାଳନ୍ଦୀ ଚରଣ ମହାପାତ୍ର, ଶ୍ରୀକାନ୍ତ ବାହିନୀପତି, ଡ. ବିଦ୍ୟାଧର ମହାରଣା, ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ମଙ୍ଗଳଜିତ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଉ

- ଡ୍ୟାମ୍ ଚତୁଃପାର୍ଶ୍ୱରେ ନାହିଁ ବନ୍ଧ
- ଅମରିବଣରେ ପରିପୂର୍ଣ୍ଣ



ଟାଙ୍ଗୀ,୨୨।୫(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ୍ ସଦର ମହକୁମା ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ମଙ୍ଗଳଜିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ। ଅଣ୍ଣ ଦଶକରୁ ଏହି ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲେ ମଧ ଅଦ୍ୟାବଧି ଚାଷୀମାନଙ୍କ ଚାଷଜମିକୁ ଜଳସେଚନ ହୋଇପାରିନାହିଁ। ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ଏହାର ଉନ୍ନତୀକରଣ ପାଇଁ ଆସିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତରାରେ ବାଟମାରଣା ହୋଇଥିବା ଅଭିଯୋଗ ହେଉଛି। ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ କାମ ହୋଇପାରିନାହିଁ। ଏହି ଡ୍ୟାମ୍ ଦ୍ୱାରା ଅଞ୍ଚଳର ୩୬୪ ହେକ୍ଟର ଚାଷଜମି ଜଳସେଚିତ ହେବ ବୋଲି ସୂଚନା ଫଳକରେ ଦର୍ଶାଯାଇଛି। ଏହି ଡ୍ୟାମ୍‌ର ବାମପାର୍ଶ୍ୱ ନାଳ ୫.୬୮୦ କି.ମି. ପର୍ଯ୍ୟନ୍ତ ନିର୍ମାଣ କରାଯାଇଛି କିନ୍ତୁ ବର୍ଷାଦିନ ବ୍ୟତୀତ ଉକ୍ତ ଡ୍ୟାମ୍‌ରୁ ପାଣି ନାଳରେ ଆସୁ ନ ଥିବା ଦେଖାଯାଉଛି। ମୁଖ୍ୟତଃ ଏହି ଡ୍ୟାମ୍‌ର ଚତୁଃପାର୍ଶ୍ୱରେ ବନ୍ଧ ନାହିଁ, ଯାହା ଫଳରେ ଡ୍ୟାମ୍‌ର ଜଳଧାରଣ କ୍ଷମତା ନାହିଁ। ଡ୍ୟାମ ଅଧିକୃତ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲକରି ଚାଷକରୁଥିବା ଅଭିଯୋଗ ହେଉଛି। ଡ୍ୟାମ୍ ପରିସର ଅମରିବଣରେ ପରିଣତ ହୋଇଛି। କେନାଲର ଲୁହା କବାଟ ନାହିଁ। ଡ୍ୟାମ୍‌ର ପୁନରୁଦ୍ଧାର କରାଯିବାର ଆବଶ୍ୟକତା ରହିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଦୀର୍ଘ ୪୦ବର୍ଷ ପରେ ମଧ ଅଞ୍ଚଳର ଚାଷଜମିକୁ ଏହି ଡ୍ୟାମ୍‌ରୁ ଜଳସେଚନ ହୋଇପାରୁନାହିଁ। ନିର୍ବାଚନ ସମୟରେ ମଙ୍ଗଳଜିତ ଡ୍ୟାମ୍‌ର ପୁନରୁଦ୍ଧାର କରାଯିବା ପାଇଁ ବିଭିନ୍ନ ଦଳର ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେଉଥାନ୍ତି। ହେଲେ ନିର୍ବାଚନ ସରିଗଲେ ଏହି ସମସ୍ୟା ସମାଧାନ ପ୍ରତି କେହି ଦୃଷ୍ଟି ଦିଅନ୍ତି ନାହିଁ। ଏହି ଡ୍ୟାମ୍‌ର ପୁନରୁଦ୍ଧାର କରାଗଲେ ଟାଙ୍ଗୀ, ବଡ଼ପାଡ଼ା, ମଙ୍ଗଳାଯୋଡ଼ି, ଅଳାହିଡ଼, କଳକଳେଶ୍ୱର ପଞ୍ଚାୟତର ଚାଷଜମି ଜଳସେଚିତ ହୋଇପାରନ୍ତା। ଚାଷୀମାନେ ମଧ ବିଭିନ୍ନ ପ୍ରକାର ରବି ଫସଲ କରି ଆର୍ଥିକ ଉପାର୍ଜନ କରିପାରନ୍ତେ। ତେଣୁ ଖୋର୍ଦ୍ଧା ବିଧାୟକ ଏବଂ ଭୁବନେଶ୍ୱର ଏମ୍‌ପି ଏହି ଡ୍ୟାମର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି।

# ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ନେଇ ସଚେତନତା

ଜଟଣୀ,୨୨।୫(ରବୀନ୍ଦ୍ରନାଥ ମହାକୁଡ଼)

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଖୋର୍ଦ୍ଧାରୋଡ୍ ରେଲୱେ ମଣ୍ଡଳ ପକ୍ଷରୁ ଗୁରୁବାର ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ନେଇ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଜୁନ୍ ୫ ପର୍ଯ୍ୟନ୍ତ ଜାରି ରହିବ। ଅଭିଯାନର ପ୍ରଥମ ଦିନରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ବିଭିନ୍ନ ଷ୍ଟେଶନ, ରେଲୱେ କଲୋନି ଏବଂ ଅନ୍ୟାନ୍ୟ ୟୁନିଟ୍‌ରେ ବ୍ୟାନର ପ୍ରଦର୍ଶନ, ଯାତ୍ରୀମାନଙ୍କୁ ଲିଫ୍‌ଲେଟ ବଣ୍ଟନକରି ସଚେତନତା ସୃଷ୍ଟିକରାଯାଇଛି। ପ୍ରତ୍ୟେକ ବ୍ୟକ୍ତି ପରିବେଶ ସୁରକ୍ଷା ପାଇଁ ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆଣିବା ଏବଂ ନିଜ ପରିବାର, ସମ୍ପର୍କୀୟ ଏବଂ ଅନ୍ୟମାନଙ୍କୁ ପରିବେଶ ଅନୁକୂଳ ଅଭ୍ୟାସର ଗୁରୁତ୍ୱ ବିଷୟରେ ପ୍ରେରଣା ଦେବା ପାଇଁ ଶପଥ ଦିଆଯାଇଛି। ଏହି ଅବସରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବା, ପ୍ଲାଷ୍ଟିକ୍ ଅଳିଆର ଉପଯୁକ୍ତ ନିଷ୍କାସନ, ଅଳିଆ ପୃଥକୀକରଣର ଠିକ୍ ପଦ୍ଧତି ବିଷୟରେ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ଷ୍ଟେଶନଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଉପରେ ବିଶେଷ ଧ୍ୟାନ ଦିଆଯିବ। ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ଉପରେ ନିଷେଧ କାର୍ଯ୍ୟକାରୀ କରିବା ସହ ରେଲୱେ ଷ୍ଟେଶନର ଷ୍ଟଲ୍‌ଗୁଡ଼ିକର ତଦାରଖ ପାଇଁ ସ୍ୱତନ୍ତ୍ର ଯାଞ୍ଚ କରାଯିବ। ପ୍ଲାଷ୍ଟିକ୍ ପ୍ରଦୂଷଣ ଏବଂ ଏହି ବିପଦକୁ ରୋକିବାର ଉପାୟ ବିଷୟରେ ସ୍କୁଲ ପିଲାମାନଙ୍କ ସହ ଆଲୋଚନା ଏବଂ ପଥପ୍ରାନ୍ତ ନାଟକ ପରିବେଷଣ କରାଯିବ। ଏହି ଅଭିଯାନ ଖୋର୍ଦ୍ଧାରୋଡ୍ ମଣ୍ଡଳର ମେକାନିକାଲ ବିଭାଗର ପରିବେଶ ଏବଂ ହାଉସକିପିଂ ଶାଖା ଦ୍ୱାରା ଆୟୋଜନ କରାଯାଉଛି ବୋଲି ମଣ୍ଡଳ ରେଲୱେ ପ୍ରଶାସନ ପକ୍ଷରୁ କୁହାଯାଇଛି।




ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ନେଇ ସଚେତନ କରାଯାଉଛି।

# ବିଶ୍ୱଶାନ୍ତି ପାଇଁ ସାଇକେଲ ଶୋଭାଯାତ୍ରା



ଖୋର୍ଦ୍ଧା,୨୨।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହର ନିକଟ କେରଙ୍ଗ ମହମୁଦାବାଦ ଅହମଦୀୟା ମୁସଲିମ ଜମାତ ଆନୁକୂଲ୍ୟରେ ଆନ୍ତଃ ସଙ୍ଗଠନ ମଜଲିସ୍ ଅନସାରୁଲ୍ଲା ପକ୍ଷରୁ ବିଶ୍ୱଶାନ୍ତି ପାଇଁ ଏକ ସାଇକେଲ ଶୋଭାଯାତ୍ରା ଗୁରୁବାର ଭୋରୁ ମସ୍‌ଜିଦ ନାସରଠାରୁ ବାହାରି ସାରୁଅ ରାଜପଥ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାକୁ ଜଇମ ଅନସାରୁଲ୍ଲା ଅଜିଜୁଲ୍ଲା ଖାନ ସଞ୍ଚାଳନ କରିଥିବା ବେଳେ ଖୋର୍ଦ୍ଧା ଓ ନୟାଗଡ ଜିଲା ସଭାପତି ସୈଫୁର ଅହମ୍ମଦ ଏହାର ନେତୃତ୍ୱ ନେଇଥିଲେ। ସ୍ଥାନୀୟ ମୌଲାନା ଶେଖ ଇଦ୍ରିସ୍ ତଥା ମୋବଲ୍ଲିଗ ଇନ୍‌ଚାର୍ଜ ହଲିମ ଅହମଦ ଖାଁ ସମବେତ ପ୍ରାର୍ଥନା କରାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା ଯୁବ ସଙ୍ଗଠନର ସଭାପତି ସୋଲେମାନ ଅହମଦ, ସ୍ଥାନୀୟ ସଭାପତି ଇଦ୍ରିସ୍ ଖାନ ଏବଂ ଇଂ.ରୌଶନ ଖାନଙ୍କ ସହିତ ୱଲିମୁଦ୍ଦିନ ଖାନ, ସଲାମତ ଖାନ, ୱସିମ ଖାନ, ସଫିକୁଦ୍ଦିନ ଖାନ, ମଂଜୁର ଅହମ୍ମଦ, ସଫିକତୁଲ୍ଲା ଖାନ, ଅନ୍ୟ ୩୦ ଜଣ ଅନସାର ସଦସ୍ୟ ଅଂଶଗ୍ରହଣ କରିଥିଲେ। ସେମାନେ ନିଜ ସାଇକେଲ ଆଗରେ ବିଭିନ୍ନ ପ୍ରକାର ଶାନ୍ତି ଓ ପ୍ରେମ ବାର୍ତ୍ତାମୂଳକ ପ୍ଲାକାର୍ଡ ଧରି 'ଲଭ୍ ଫର ଅଲ୍, ହାର୍ଟେଡ ଫର ନୋନ୍' ଏବଂ ଷ୍ଟପ୍ ୱାର୍ଲ୍ଡ ୱାର-୩' ଆଦି ସ୍ଲୋଗାନ ଦେଇଥିଲେ। ଏହି ସାଇକେଲ ଶୋଭାଯାତ୍ରା ୧୦ କି.ମି. ରାସ୍ତା ଅତିକ୍ରମକରି ସଫଳତାର ସହ ଫେରିଥିଲା।


ODISHA

## STATE POLLUTION CONTROL BOARD, ODISHA

(Forest, Environment & Climate Change Department, Govt. of Odisha)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012
E-mail : publichearing@ospcboard.org, Website : https://ospcboard.odisha.gov.in

No. 9803/IND-II-PH-1273 Date. 21.05.2025

### NOTICE

**No.CAD-529** : It is brought to the notice of all concerned that **M/s National Highways Authority of India** has proposed to have Environmental Impact Assessment for **Construction of a New Four Lane Access controlled Highway from Cuttack (Endpoint of CRRR at NH-16 near Tangi) to Kandarpur on SH-12 from Design Ch.0+000 Km to 21+225 Km under NH (O) on Hybrid Annuity Mode in the State of Odisha (for Cuttack District)** to obtain Environmental Clearance from **Ministry of Environment, Forests & Climate Change, Govt. of India**. The proponent has applied to the State Pollution Control Board, Odisha, Bhubaneswar to conduct Public Hearing.

By virtue of Ministry of Environment, Forests & Climate Change, Government of India Notification No. S.O. 1533 (E) Dtd. 14.09.2006, the Board has been authorized to conduct public hearing for Environmental Clearance and as such invites suggestions, views; comments and objections on matters relating to environmental aspects of the proposed project from all the persons including bonafide residents, environmental groups and others located at the proposed site / sites of displacement / sites likely to be affected.

For the above purpose, a person will only mean :

A. Any person who is likely to be affected by the grant of Environmental Clearance.
B. Any person who owns his control over the project with respect to which an application has been submitted for environmental clearance.
C. Any association of persons whether incorporated or likely to be affected by the project and /or functioning in the field of environment.
D. Any local authority within any part of whose local limits is within the neighborhood, wherein the project is proposed to be located, :

Persons as above who desire to submit their views, comments, objections etc. relevant to the project, may do so in writing within 30 days from the date of publication of this notice addressing the same to the Member Secretary, State Pollution Control Board, Odisha through Registered Post. Besides this, persons interested to submit their views relevant to the proposed project in writing or orally may also do so during the public hearing to be conducted **on 25-06-2025 at 11.00 A.M at The High School Field of Gopal Smruti Vidyapitha ,At - Plot No.268, Khata No.515 of Village - Siddheswarpur, P.O- Siddheswarpur ,P.S-Kandarpur in Cuttack district**.

Persons desirous of participating in the public hearing may go through the Environmental Impact Assessment (EIA) /Environmental Management Plan (EMP) of the said project which will be available at the following offices. Copy of the Executive Summary both in English & Odia is also available in the following offices & the same can also be downloaded from the website **https://ospcboard.odisha.gov.in** free of cost.

1. District Collector's Office, **Cuttack**.
2. District Industries Center, **Cuttack**.
3. Office of the Chief Executive Officer, Zilla Parishad, **Cuttack**
4. Head office of the State Pollution Control Board, Odisha, Paribesh Bhawan, A/118, Nilakanthanagar, Unit — VIII, Bhubaneswar -12
5. Regional Office, State Pollution Control Board, Odisha, Cuttack
6. Department of Forest & Environment (Environment), Govt. of Odisha, Bhubanaswar

For any further clarification in the matter, the **Regional Officer, State Pollution Control Board, Cuttack** or the **Member Secretary, State Pollution Control Board, Odisha** at Bhubaneswar may be contacted.

By Order of the Member Secretary
Sd./- CHIEF ENV. ENGINEER
OIPR-08012/11/0256/2526



## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

### INVITATIONS FOR BIDS (IFB)

File No. B-IV-(F/D)-01/2016 Lr. No. 20179 / Bhubaneswar, Dtd. 22 May, 2025

No. B-151

**Invitation for Bids**
**2nd Corrigendum**
**Bid Identification No. C.E. (B) - 04/2025-26**

Name of the Work - Construction of New Banijyakar Bhawan at Chandrasekharpur, Bhubaneswar on Turnkey Basis in the State of Odisha.

The following changes have been made in Bid Identification No. C.E.-(B) - 04/2025-26. Bid documents can be seen/downloaded from the Govt. Website i.e. **www.tendersorissa.gov.in,** during the period **Dt.30.05.2025 to 17.30 hours of Dt.20.06.2025** instead of **Dt.22.05.2025 to 17.30 hours of Dt.12.06.2025** for ONLINE BIDDING respectively.

1. A pre-bid meeting shall be held on Dt.09.06.2025 at 11.30 A.M. at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of Dt.02.06.2025.
2. Online bids shall be received till 17.30 hours of Dt.20.06.2025 instead of Dt.12.06.2025.
3. Hardcopy shall be received on or before Dt.26.06.2025 upto 17.30 hours by this office instead of Dt.19.06.2025.
4. The technical bids will be opened at 11.30 A.M. of Dt.30.06.2025 instead of Dt.20.06.2025.
5. All other terms and conditions remain unchanged.

Sd./- Chief Engineer-cum-Addl. Secretary to Govt.,
Works Department, Odisha
OIPR-34117/11/0093/2526



## ODISHA HYDRO POWER CORPORATION LTD.

OHPC
CIN: U40101OR1995SGC003963
(A Govt. of Odisha Undertaking)

### OFFICE OF THE SENIOR GENERAL MANAGER (ELECTRICAL)
### UPPER KOLAB HYDRO ELECTRIC PROJECT, BARINIPUT

P.O.: BARINIPUT, PIN - 764006, DIST.: KORAPUT (ODISHA)
WEB: www.ohpcltd.com, PHONE: (06854) 242001, Email: sgmel_ukhep@ohpcltd.com

No. OHPC/UKHEP/SGM/HR/2380 Date: 22.05.2025

**ERRATA TO ADVERTISEMENT No. 2213 Dtd.08.05.2025**

**FOR ENGAGEMENT OF ASSISTANT TEACHERS (MCT)/ ASSISTANT TEACHERS (TGT) ARTS/SCIENCE AND PET ON CONTRACTUAL BASIS**

No. CAD-527: Whereas applications have been invited from the intending eligible candidates for engagement as Assistant Teachers (MCT)/(TGT) Science/Arts and PET purely on contractual basis in Project High School, Bariniput and Kabi Surya M.E. School, Mundiguda, Koraput functioning under Odisha Hydro Power Corporation under the terms and conditions and eligibility criteria published in our website **www.ohpcltd.com** vide Advertisement No. 2213 Dtd.08.05.2025 where the Upper age limit was mentioned as 38 years is hereby corrected as 32 years. **Hence the upper age limit for engagement in the above posts shall be 32 years**. All other terms and conditions and eligibility criteria remains unaltered.

Sd./- Unit Head
UKHEP, Bariniput
OIPR-04002/11/0086/2526



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI

Tender No. 820/F&F/DPHO/Puri/Dated20.05.2025

### TENDER CALL NOTICE

No. E-105: Sealed tenders are hereby invited from registered agencies or firms with GST No. to undertake various works and supply of different material during the Car Festival-2025. For details please visit our district website https://puri.odisha.gov.in.& puri.nic.in. The tender documents must be submitted in two parts by super scribing on the envelope **"Technical bid for Car Festival-2025"** in one envelope and **"Financial bid for Car Festival-2025"** in the other. Both envelopes are to be put into another envelope by super scribing **"Tender bid for Car Festival-2025"**. The tender documents should reach the office of CDM & PHO, Puri, District Head Quarter Hospital, PIN - 752001 through Regd. Post/Speed Post/Courier only before Dt.04.06.2025 by 5 PM and the same will be opened on Dt.05.06.2025 at 4.00 PM in the presence of bidders or their authorized representatives and members of purchase committee in the office of the CDM & PHO, Puri. A Pre-bid meeting will be held on Dt.23.05.2025 for clarifying the type of work. Bidders are requested to attend in their own interest.

The undersigned reserves the right to reject the tender process fully or partially at any time without assigning any reason thereof.

Sd./- Dr. Rupabhanu Mishra
Chief District Medical & Public Health Officer, Puri
OIPR-10021/11/0017/2526



GOVERNMENT OF ODISHA No. O-184:

## RURAL WATER SUPPLY & SANITATION ORGANISATION
## OFFICE OF THE SUPERINTENDING ENGINEER
## RWS&S DIVISION, ANGUL, AT: TALCHER

At: Baghuabole, P.O.: Hatatota, Talcher, Dist.: Angul, PIN - 759100
(Ph. No./Fax: 06760-240762, E-mail: eerwssang@gmail.com)

### INVITATIONS FOR BIDS (IFB) [e-Procurement]

**Bid Identification No. 03/SE/RWSS/2025-26 Dt.20.05.2025**

1. The Superintending Engineer, RWS&S Division, Angul on behalf of Governor of Odisha invites lump sum in SINGLE cover system in ONLINE MODE from eligible contractors for construction of office building and Residential building of Division office in Angul District.

| | | |
|---|---|---|
| 2. | Name of the work | : Building Work |
| 3. | No. of Work | : 02 (Two) Nos. |
| 4. | Value of the Work | : Rs.20.32 lakhs to 20.65 lakhs |
| 5. | Concerned tender inviting authority | : Superintending Engineer, RWS&S Division, Angul |
| 6. | Security Amount (Rs.) (Online) | : NIL |
| 7. | Cost of bid document (Rs.) (Online) | : Rs.6,000/- |
| 8. | Class of Bidder | : "C" & "B" Class |
| 9. | Period of Completion | : 90 days |
| 10. | Availability of bid documents in the website in the portal | : From date: 29.05.2025 at 11.00 A.M. to date: 10.06.2025 till 5.30 P.M. |
| 11. | Last date & time of seeking tender clarification | : Upto 06.06.2025 till 5.30 P.M. |
| 12. | Date of Opening of Bid | : On date 11.06.2025 at 12.00 Noon |

The bidders have to participate in the tender through ONLINE bidding only. Further details can be had from the website i.e. **http://tendersorissa.gov.in**.
Subsequent corrigendum/addendum if required shall only be appeared in the above website.

Sd./- Superintending Engineer
RWS&S Division, Angul at: Talcher
OIPR-25195/11/0006/2526



GOVERNMENT OF ODISHA No.O-191

## OFFICE OF THE SUPERINTENDING ENGINEER
## RURAL WORKS DIVISION-I, KEONJHAR

Email ID: eerw1_kjr@yahoo.com

### OFFICE ORDER FOR CANCELLATION OF TENDER

**e-Procurement Notice for Road Works**
**Identification No. Online NCB - 02 of 2025-26**

1. The work at Sl. No. 01 in NCB-02 of 2025-26 of this office is hereby cancelled may as follows:

| Sl. No. | Name of the Work | Remarks |
|---|---|---|
| 1 | Construction of Auditorium-cum-Examination Hall for Padampur Anchalika Higher Secondary School, Padampur in the District of Keonjhar for the year 2024-25. | Due to Administrative Reason |

Sd./- Executive Engineer
R.W. Division-I, Keonjhar
OIPR-25110/11/0016/2526



GOVERNMENT OF ODISHA No. A-209

## OFFICE OF THE DEPUTY DIRECTOR, GEOLOGY
## GROUND WATER DEVELOPMENT DIVISION, BOLANGIR

Jyotinagar, Laltikra, P.O.: Rajendra College, Dist.: Bolangir, PIN - 767002
e-mail: srgeologistbolangir@gmail.com

Letter No. 433 Date: 20.05.2025

### NATIONAL COMPETITIVE BIDDING THROUGH e-Procurement

Identification No. 02/GWDBLGR/2025-26 of 2025-26 Dt.23.05.25

**e-Procurement Notice**

| | | |
|---|---|---|
| 01. | Name of the Work | : 08 Nos. work |
| 02. | Type of Bid | : Single System |
| 03. | Estimated Cost | : Rs.7.20 Lakh to 15.56 lakhs |
| 04. | Period of Completion | : 02 Calendar Months |
| 05. | Date & time of availability of bid document in the portal | : From 11.00A.M. of Dt.23.05.2025 to 5.00 P.M. of 05.06.2025 |
| 06. | Last date/time of receipt of bids in the portal | : 5.00 P.M. of 05.06.2025 |
| 07. | Date & time of opening of Technical Bids | : At 11.30 A.M. of 06.06.2025 |
| 08. | Name and address of the Officer Inviting Bid | : Deputy Director, Geology, Ground Water Development Division, Jyotinagar, Laltikra, P.O.: Rajendra College-767002, Bolangir, Dist.: Bolangir |

Further details can be seen from the website **http://tenders.ori.nic.in** or **www.tendersorissa.gov.in**.

Sd./- Deputy Director, Geology
G.W.D. Division, Bolangir
OIPR-32471/11/0007/2526



## COMMISSIONERATE OF CT & GST, ODISHA, (At: Cuttack)
## FINANCE DEPARTMENT, GOVERNMENT OF ODISHA

**Tender Notice No. 7473/CT & GST, Dated: 21.05.2025**

No. S-04: The Commissionerate of CT & GST, Odisha, Cuttack invites sealed bids for the purchase of one (01) No. of **Poly Studio E70** Video conferencing equipment. The last date for submission of bids is **11.06.2025 by 4.00 P.M.**

Interested bidders may download the detailed tender documents from the Commercial Tax website: **https://odishatax.gov.in/**

Sd./- Special Commissioner of CT & GST (Revenue)
Commissionerate of CT & GST, Odisha
OIPR-05034/11/0004/2526



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ କୋଠାବାଡ଼ି) ବିଭାଜନ, କଣ୍ଟାବାଞ୍ଜି

## OFFICE OF THE SUPERINTENDING ENGINEER, (R&B) DIVISION, KANTABANJI

Email: eerbkbj@rediffmail.com
**Bid Identification No. 05/KBJ/2025-26**

No. B-150: The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites **Percentage rate Bid in Single Cover** system in ONLINE MODE for the E.I. work detailed in the table below from the contractor registered the State Government ELBO for execution of **Electrical Work**. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | No. of Work | : 01 No. (Single Cover) |
| 2. | Nature of Work | : E.I. Work |
| 3. | Class of Contractor | : HT |
| 4. | Approximate value of work | : Rs.16.67 lakh |
| 5. | Tender Cost | : Rs.6,000/- |
| 6. | Date and time of availability of bid documents in online | : From 08.00 A.M. of Dt.23.05.2025 upto 05.00 P.M. of Dt.29.05.2025 |
| 7. | Date of opening of Bid in online | : Dt.30.05.2025 at 11.30 A.M. |

8. Other details can be seen in the bidding documents from the e-procurement portal **"www.tendersodisha.gov.in"**.
9. The bidders have to participate in ONLINE bidding only. Further details can be seen from the website **"www.tendersodisha.gov.in"**. All future corrigendum will be available on ONLINE MODE only.

Sd./- Superintending Engineer
Kantabanji (R&B) Division
OIPR-34099/11/0019/2526


See Career Appointment on every Wednesday & Saturday

**ଦୀପ୍ତିରଞ୍ଜନଙ୍କୁ ଆକ୍ରମଣ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଗତ ୧୬ ତାରିଖରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ବିଜୟନଗର ଗଜଲକ୍ଷ୍ମୀ ଲେନ୍‌ଠାରେ ଦୀପ୍ତିରଞ୍ଜନ ମହାନ୍ତିଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଜଲକ୍ଷ୍ମୀ ଲେନ୍ ଅଞ୍ଚଳର ରାକେଶ କୁମାର ସାହୁ ଓରଫ ବେଙ୍ଗ। ପୋଲିସ ତାଙ୍କଠାରୁ ଖଣ୍ଡା ସହ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଛି। ଏନେଇ ଏକ କେସ୍ (ନଂ. ୭୨/୨୫) ରୁଜୁ ହୋଇଛି। ପୂର୍ବରୁ ଏହି ଘଟଣାରେ ରାକେଶଙ୍କ ମା' ଓ ଦୁଇ ଭାଇଙ୍କୁ ଗିରଫ କରିଥିଲା।

# ଡକାୟତି ଯୋଜନାବେଳେ ୫ ଗିରଫ, ମାରଣାସ୍ତ୍ର ଜବତ

ପୁରୀ,୨୨।୫(ଅଜିତ୍ କୁମାର ମହାନ୍ତି)



ପୋଲିସ ଦ୍ୱାରା ଗିରଫ ହୋଇଥିବା ୫ ଅଭିଯୁକ୍ତ ।

ଡକାୟତି ପାଇଁ ଯୋଜନା କରୁଥିବା ଅଭିଯୋଗରେ ତାଳବଣିଆ ପୋଲିସ ୫ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ଉଦୟନଗରର ରାକେଶ କୁମାର ସାହୁ, କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ପାରିକୁଦ ଖଟିସାହିର ଶୁଭେନ୍ଦୁ କୁମାର ଜାଲି, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଦଣ୍ଡତୋଟା ପ୍ରଭାତ ଲେନ୍‌ର ବିଶ୍ୱମ୍ବର ସିଂ, ରାମଚଣ୍ଡୀ ସାହି ବାଲିକୁଦ ସଂଜୀବନୀ କଲୋନିର ଶିବ ନାୟକ ଏବଂ ଟାଉନ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ରାମଜୀ ମଠ ଅଞ୍ଚଳର ଅର୍ଜୁନ ପୃଷ୍ଟି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ଦୁଇଟି ଭୁଜାଲି, ୩ଟି ଲୁହାଖଣ୍ଡା, ବିୟର ବୋତଲ, ଲଙ୍କାଗୁଣ୍ଡ, ଟର୍ଚ୍ଚ ସହ ଅନ୍ୟାନ୍ୟ ଜିନିଷ ଜବତ କରିଛି। ଏ ନେଇ ତାଳବଣିଆ ଥାନାରେ ଏକ କେସ୍ (ନଂ. ୯୦/୨୫) ରୁଜୁ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ତାଳବଣିଆ ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଥିବା ସମୟରେ ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ, ଭୁଦାନ ଜଙ୍ଗଲ ନିକଟ ପାଣିଟାଙ୍କି ପାଖରେ ୫ରୁ ୬ଜଣ ଅସାମାଜିକ ବ୍ୟକ୍ତି ସହରରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କଠାରୁ ଡକାୟତି କରିବା ସହ ଆପରାଧିକ କାର୍ଯ୍ୟ ଘଟାଇବା ଉଦ୍ଦେଶ୍ୟରେ ଏକାଠି ହୋଇଛନ୍ତି। ଏଥିସହ ଅଭିଯୁକ୍ତମାନଙ୍କ ନିକଟରେ ବିଭିନ୍ନ ମାରଣାସ୍ତ୍ର ରହିଛି। ପୋଲିସ ଖବର ପାଇ ସେଠାରେ ଚଢାଉ କରିଥିଲା। ଏହି ସମୟରେ ଜଣେ ବ୍ୟକ୍ତି ଘଟଣାସ୍ଥଳରୁ ଖସିଯିବାରେ ସଫଳ ହୋଇଥିବା ବେଳେ ପୋଲିସ ୫ ଜଣଙ୍କୁ କାବୁ କରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା।

# ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ 'ଜୁନିୟର ରକ୍ଷକ'

## ପ୍ରଶିକ୍ଷଣ ନେଲେ ୫୫୦ ଏନ୍‌ସିସି କ୍ୟାଡେଟ୍

ପୁରୀ,୨୨।୫(ଅଜିତ୍ କୁମାର ମହାନ୍ତି)



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

ପୁରୀରେ ଚାଲିଥିବା ଏନ୍‌ସିସି କ୍ୟାମ୍ପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ 'ଜୁନିୟର ରକ୍ଷକ' କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇଟି ପର୍ଯ୍ୟାୟରେ ୫୫୦ ଜଣ ଏନ୍‌ସିସି କ୍ୟାଡେଟଙ୍କୁ ମାଷ୍ଟର ଟ୍ରେନରମାନେ ସଡ଼କ ସୁରକ୍ଷା ଓ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି। ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୫୫୦ ଜଣ ଏନ୍‌ସିସି କ୍ୟାଡେଟ ଜୁନିୟର ରକ୍ଷକ ତାଲିମ ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଏନ୍‌ସିସି କର୍ନେଲ ସୁଦୀପ ସିହ୍ନା ଏବଂ ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ରବିନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମାଷ୍ଟର ଟ୍ରେନର ଅମିୟବାଳା ପରିଡ଼ା, ଇତିଶ୍ରୀ ସୁନ୍ଦରା, ସୁବାସ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର କୁମାର ସାହୁ ପ୍ରଶିକ୍ଷଣ ଦେଇଥିଲେ। ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷାରେ ଗୋଲ୍‌ଡେନ୍ ଆୱାର ବା ଦୁର୍ଘଟଣା ଘଟିବାର ପରବର୍ତ୍ତୀ ୧ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ଏହି ସମୟ ମଧ୍ୟରେ କିଭଳି ପ୍ରାଥମିକ ଚିକିତ୍ସା ପ୍ରଦାନ କରିହେବ ଏବଂ ତୁରନ୍ତ ହସ୍ପିଟାଲରେ ପହଞ୍ଚାଯାଇପାରିବ ସେ ନେଇ ଉଭୟ ଥିଓରି ଓ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯାଇଥିଲା। ଜୁନିୟର ରକ୍ଷକମାନେ ସଡ଼କ ସୁରକ୍ଷାର ବ୍ରାଣ୍ଡ ଆମ୍ବାସାଡର ସାଜିବେ। ସେମାନେ ନିଜେ ସମସ୍ତ ନିୟମ ମାନିବା ସହ ନିଜ ପରିବାର, ଆଖପାଖ ଲୋକ, ସାହିପଡ଼ିଶା ଓ ଶିକ୍ଷାନୁଷ୍ଠାନର ଅନ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡ଼କ ସଚେତନତାର ବାର୍ତ୍ତା ବାଣ୍ଟିବେ। ଏହି ଅବସରରେ ଅତିଥିମାନେ ଗୁଡ୍ ସମରିଟାନ ଯୋଜନା ସମ୍ପର୍କରେ ସୂଚନା ଦେଇ କହିଥିଲେ, ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟକରି ଡାକ୍ତରଖାନା ପହଞ୍ଚାଇଲେ ସରକାରଙ୍କ ପକ୍ଷରୁ ୨ ହଜାର ଟଙ୍କା ପୁରସ୍କାରର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସହାୟକ ମୋଟରଯାନ ନିରୀକ୍ଷକ ଅମିତ୍ ରଣା, ଏଆର୍‌ଟିଓ ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ ଦିଗରେ ଏନ୍‌ସିସି ସହଭାଗିତାରେ ପରିବହନ ବିଭାଗର ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ। ପୂର୍ବରୁ ବିଭାଗ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସେଥିରେ ସଫଳତା ମିଳିବା ପରେ ଏହି ପ୍ରୟାସକୁ ବ୍ୟାପକ କରିବାକୁ 'ଜୁନିୟର ରକ୍ଷକ' କାର୍ଯ୍ୟକ୍ରମ କରାଯାଉଛି। ଗତବର୍ଷ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ସଫଳତାର ଚଳିତ ବର୍ଷ ମଧ୍ୟ ଏହା ଜାରି ରହିଛି। ସଡ଼କ ଦୁର୍ଘଟଣା ସମ୍ପର୍କରେ ଜୁନିୟର ରକ୍ଷକମାନଙ୍କୁ ସୂଚନା ପ୍ରଦାନରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଦିଗରେ ବିଭାଗ କାର୍ଯ୍ୟ କରୁଛି। ଏଭଳି କାର୍ଯ୍ୟକ୍ରମ ଜରିଆରେ ଭବିଷ୍ୟତ ପିଢ଼ି ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ ହେବେ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ଆଶା ରଖିଛି। ସମସ୍ତ ପ୍ରଶିକ୍ଷିତ କ୍ୟାଡେଟଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ।

# ବେଆଇନ ବାଲି ଚାଲାଣ ବିରୋଧରେ ଗର୍ଜିଲା ଦଳିତ ମହାସଂଘ

ପିପିଲି,୨୨।୫(ଦୁର୍ଗାମାଧବ ମିଶ୍ର)



ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି ।

ଦୟା, ଭାର୍ଗବୀ, କୁଶଭଦ୍ରା ନଦୀରେ ଚାଲିଥିବା ବେଆଇନ ବାଲିଘାଟ ବିରୋଧରେ ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ପକ୍ଷରୁ ଗୁରୁବାର ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିସହ ଏକ ୩ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ହୃଷୀକେଶ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ମହାସଂଘ ରାଜ୍ୟ ସଭାପତି ବିଜୟ ସେଠୀ ଏହାର ନେତୃତ୍ୱ ନେଇଥିଲେ। ଶତାଧିକ ମହିଳା, ପୁରୁଷ ପିପିଲି ହାଟ ଛକରୁ ପଦଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପ୍ରତିବାଦ କରାଯାଇଥିଲା। ପ୍ରଶାସନର ଛତ୍ରଛାୟାରେ ବାଲିମାଫିଆ ରାତିସାରା ହାଇୱାରେ ଚାଲାଣ କରୁଥିବାରୁ ନଦୀ ଓ କେନାଲ ବନ୍ଧ ଦୁର୍ବଳ ହେବା ସହ ସରକାରଙ୍କ ବିପୁଳ ରାଜସ୍ୱ ହାନିହେଉଛି। ବେଆଇନ ବାଲିଘାଟ ତୁରନ୍ତ ବନ୍ଦ କରିବା ସହ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଭାପତି ସେଠୀ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ, ନିରୁପମା ପାତ୍ର, ବନିତା ବେହେରା, ଦ୍ରୌପଦୀ ବେହେରା, ମମତା ବେହେରା, ପାର୍ବତୀ ମଲ୍ଲିକ, ଅନାମ ବେହେରା, ଗଙ୍ଗାଧର ମଲ୍ଲିକ, ବାସନ୍ତୀ ବେହେରା, ଗୀତା ମଲ୍ଲିକ ଏବଂ ଡଲି ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଅଗ୍ନି ନିରାପତ୍ତା ସଂକ୍ରାନ୍ତ ପ୍ରଶିକ୍ଷଣ

ପୁରୀ,୨୨।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁନ ୨୭ରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଏଥିରେ ସାମିଲ ହେବା ନିମନ୍ତେ ଦେଶ ବିଦେଶରୁ ଭକ୍ତ ଓ ପର୍ଯ୍ୟଟକମାନେ ଶ୍ରୀକ୍ଷେତ୍ରକୁ ଆସିବେ। ତେବେ ପର୍ଯ୍ୟଟକମାନେ ବିଭିନ୍ନ ମଲ୍ ଓ ହୋଟେଲରେ ଅବସ୍ଥାନ କରିବେ। ଏହି ସମୟରେ ଯଦି କିଛି ଅଘଟଣ ଘଟେ ସେଥିରୁ କିପରି ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ଓ ଘଟଣା ଉପରେ ନିୟନ୍ତ୍ରଣ ରଖାଯିବ ସେ ନେଇ ପୁରୀ ଅଗ୍ନିଶମ ବିଭାଗ ପକ୍ଷରୁ ବୁଧବାର ଓ ଗୁରୁବାର ମକ୍‌ଡ୍ରିଲ କରାଯାଇଛି। ଏଥିରେ ଶତାଧିକ ହୋଟେଲ ଓ ମଲ୍ କର୍ମଚାରୀ ପ୍ରଶିକ୍ଷଣ ନେଇଛନ୍ତି। ନିଆଁ ଲାଗିଲେ କିପରି ଆୟତ୍ତ କରାଯିବା ସହ ଲୋକଙ୍କୁ ଉଦ୍ଧାର କରାଯାଇପାରିବ ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ ଅନ୍ୟାନ୍ୟ ବିଷୟ ଉପରେ ସୂଚନା ଦିଆଯାଇଥିଲା।

# ଜୀବିତ ମହିଳାଙ୍କୁ ସୁଭଦ୍ରା ପୋର୍ଟାଲରେ ଦର୍ଶାଯାଇଛି ମୃତ

## ମିଳିଲାନି ଦ୍ୱିତୀୟ କିସ୍ତି, ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି

କୋଣାର୍କ,୨୨।୫(ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲା କୋଣାର୍କ ଏନ୍‌ଏସି ଅଧୀନ ୨ନଂ. ୱାର୍ଡ ଜୁଣେଇ ଗ୍ରାମର ଜଣେ ଜୀବିତ ମହିଳାଙ୍କୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଛି। ମହିଳା ଜଣକ ସୁଭଦ୍ରାର ପ୍ରଥମ କିସ୍ତି ପାଇଥିବାବେଳେ ମୃତ ଦର୍ଶାଯାଇ ଦ୍ୱିତୀୟ କିସ୍ତିରୁ ବଞ୍ଚିତ କରାଯିବା ଘଟଣା କୋଣାର୍କ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ଅନୁଯାୟୀ, କୋଣାର୍କ ଜୁଣେଇ ଗ୍ରାମର ସୁଶାନ୍ତ ମହାରଣାଙ୍କ ସ୍ତ୍ରୀ ସ୍ନେହଲତା ମହାରଣା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସୁଭଦ୍ରାର ପ୍ରଥମ କିସ୍ତି ଭାବେ ୫ହଜାର ଟଙ୍କା ପାଇଥିବା ବେଳେ ଦ୍ୱିତୀୟ କିସ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ ଜୀବିତ ଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ସୁଭଦ୍ରା ପୋର୍ଟାଲରେ ତାଙ୍କୁ କିପରି ଓ କେଉଁ ପ୍ରମାଣପତ୍ର ଆଧାରରେ ମୃତ ବୋଲି ଦର୍ଶାଯାଇଛି ତାହା ତଦନ୍ତ ସାପେକ୍ଷ। କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ଏ ନେଇ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରି ପଦକ୍ଷେପ ନେବା ପାଇଁ ସେ ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ ଏବଂ ପୁରୀ ଜିଲାପାଳ ପ୍ରମୁଖଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ କିମ୍ବା ପୁରୀ ଜିଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଜୋର୍ ଧରିଲା ଫଳକଭଙ୍ଗା ରାଜନୀତି

ପିପିଲି,୨୨।୫(ଦୁର୍ଗାମାଧବ ମିଶ୍ର)

ନିମାପଡ଼ା ନିର୍ବାଚନମଣ୍ଡଳୀ ପରେ ଏବେ ପିପିଲିରେ ଫଳକଭଙ୍ଗା ରାଜନୀତି ଜୋର୍ ଧରିଛି। ବୁଧବାର ପିପିଲି ବିଜ୍ଞାପିତ ଅଞ୍ଚଳରେ ଫଳକ ମରାଯାଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ କେହି ଦୁର୍ବୃତ୍ତ ସେହି ଫଳକଟିକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ଏହି ଫଳକଭଙ୍ଗା ରାଜନୀତି ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଥାଉ କି, ବୁଧବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବହୁମୁଖୀ ପ୍ରଶସ୍ତ ଗୃହ (୫୦୦ କ୍ଷମତା ବିଶିଷ୍ଟ) ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପିପିଲି ଏନ୍‌ଏସି ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ଭଞ୍ଜ, ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଭିତ୍ତିପ୍ରସ୍ତର ସ୍ଥାପନକୁ କେଇ ଘଣ୍ଟା ନ ପୂରୁଣୁ କେହି ଦୁର୍ବୃତ୍ତ ଏହି ନାମ ଫଳକକୁ ଭାଙ୍ଗି ଦେଇଛନ୍ତି, ଯାହାକୁ ନେଇ ରାଜନୈତିକ ଉଷ୍ମତା ଦେଖାଦେଇଛି। ଏ ସମ୍ପର୍କରେ ପିପିଲି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ପିପିଲି ଥାନାରେ ଏନେଇ ଏମ୍‌ପିଙ୍କ ପ୍ରତିନିଧି ଭଞ୍ଜ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।


**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
**INVITATIONS FOR BIDS (IFB)**
File No. B-IV-(F/D)-01/2016 Lr. No. 20179 / Bhubaneswar, Dtd. 22 May, 2025
No. B-151
**Invitation for Bids**
**2nd Corrigendum**
**Bid Identification No. C.E. (B) - 04/2025-26**
Name of the Work - Construction of New Banijyakar Bhawan at Chandrasekharpur, Bhubaneswar on Turnkey Basis in the State of Odisha.
